DHARITRI
ଭୁବନେଶ୍ୱର, ଶନିବାର, ଜୁଲାଇ ୧୮/୨୦୨୦ (୧୩ ପୃଷ୍ଠା) | Bhubaneswar, Saturday, July 18/2020 | ★★★★★★
୪୬ଶ ଭାଗ ୨୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ରଶ୍ମି 'ନାଗିନ-୪'ର ଶୁଟିଂରେ ବ୍ୟସ୍ତ

ଅଭିନେତ୍ରୀ ରଶ୍ମି ଦେଶାଇ ବର୍ତ୍ତମାନ 'ନାଗିନ-୪'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ନିକଟରେ ସେ ଶୁଟିଂ ଲୋକେଶନରୁ ନିଜର ଏକ ଭିଡିଓ ଶେୟାର କରିଥିଲେ।

୧୦

୧୩

## ଷ୍ଟୋକ୍ସଙ୍କ ୧୦ମ ଟେଷ୍ଟ ଶତକ

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡର ବେନ୍ ଷ୍ଟୋକ୍ସ ୧୦ମ ଟେଷ୍ଟ ଶତକ ହାସଲ କରିଛନ୍ତି।






# ପକ୍କାଘରକୁ ପାଣି ସଙ୍କଟ

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**



- ରାଜସ୍ୱ ହ୍ରାସରୁ ଯୋଜନା ବାଟବଣା
- ପକ୍କାଘର ଯୋଗାଇବା ସରକାରଙ୍କ ପାଇଁ ଚ୍ୟାଲେଞ୍ଜ
- ଘର ପାଇବା ଆଶାରେ ୨୦ ଲକ୍ଷ ଲୋକ

କରୋନା ମହାମାରୀ କେବଳ ଜନସ୍ୱାସ୍ଥ୍ୟ ନୁହେଁ, ରାଜ୍ୟର ଅଭିବୃଦ୍ଧି ଉପରେ ଏହା ପ୍ରଚଣ୍ଡ ପ୍ରହାର ଦେଇଛି। ରାଜସ୍ୱ ହ୍ରାସ ଯୋଗୁ ଚାଲୁ ରହିଥିବା ବିଭିନ୍ନ ଯୋଜନା ମଧ୍ୟ ପ୍ରଭାବିତ ହୋଇଛି। ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ପକ୍କାଘର ଯୋଜନାରେ ଗୃହ ଯୋଗାଇବା ରାଜ୍ୟ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଗୋଟିଏ ପଟେ କରୋନା ଦାଉ ସାଧୁଥିବା ବେଳେ ଅନ୍ୟ ପଟେ ଆବଶ୍ୟକ କେନ୍ଦ୍ରୀୟ ଅନୁଦାନ ମିଳୁ ନ ଥିବାରୁ ଏହି ଯୋଜନା ବାଟବଣା ହେବାକୁ ବସିଛି। ନୂତନ ସର୍ଭେ ଆଧାରରେ ଆହୁରି ୨୦ ଲକ୍ଷ ଲୋକ ଘର ପାଇବାକୁ ଚାହିଁ ରହିଛନ୍ତି। ଏହି ହିତାଧିକାରୀଙ୍କୁ ଘର ଯୋଗାଇବା ନେଇ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ସବୁଜ ସଙ୍କେତ ଦେଇ ନ ଥିବାରୁ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଯାଇଛି।

ରାଜ୍ୟରେ କଚ୍ଚାଘର ରହିବ ନାହିଁ। ସମସ୍ତଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଯୋଜନା, ବିଜୁ ପକ୍କାଘର ଯୋଜନା, ଖଣି ଅଞ୍ଚଳ ପକ୍କାଘର ଯୋଜନା, ନିର୍ମାଣ ଶ୍ରମିକ, ମତ୍ସ୍ୟଜୀବୀଙ୍କ ପାଇଁ ପକ୍କାଘର ଯୋଜନାରେ ପକ୍କାଘର ଯୋଗାଇ ଦିଆଯାଉଛି। ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଆହୁରି ୨୦ ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)- ଗ୍ରାମୀଣରେ ପକ୍କାଘର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚୂଡ଼ାନ୍ତ ତାଲିକା ମଧ୍ୟ ୨୦୨୦ ଜାନୁୟାରୀରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ତେବେ ଏହାକୁ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଅନୁମୋଦନ କରିନାହାନ୍ତି। ଚଳିତ ବର୍ଷ ରାଜ୍ୟ ସରକାର ୭ ଲକ୍ଷ ପକ୍କାଘର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ୨ ହଜାର କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ। ☞ପୃଷ୍ଠା-୪

# ସଂଶୋଧିତ ଗାଇଡ୍‌ଲାଇନ ଜାରି

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

- ଡାଟା, କଲ୍ ସେଣ୍ଟର, ବ୍ୟାଙ୍କ, ବୀମା କାର୍ଯ୍ୟାଳୟ ୨୫% କର୍ମଚାରୀରେ ଚାଲିବ
- ଫଳ, ମାଛ, ମାଂସ ଦୋକାନ ସକାଳ ୬ରୁ ମଧ୍ୟାହ୍ନ ୧ଟା ଯାଏ ଖୋଲା ରହିବ
- ଗୋଦାମ ଘର, ଶୀତଳଭଣ୍ଡାର ଖୋଲା
- ମଦ ହୋମ୍ ଡେଲିଭରି ହୋଇପାରିବେ

କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗଞ୍ଜାମ, ଖୋର୍ଦ୍ଧା, କଟକ, ଯାଜପୁର ଜିଲା ସମେତ ରାଉରକେଲା ମହାନଗର ନିଗମକୁ ଜୁଲାଇ ୧୭ ରାତ୍ର ୯ଟାରୁ ୩୧ ତାରିଖ ମଧ୍ୟରାତ୍ର ଯାଏ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ। ତେବେ କେତେକ ☞ପୃଷ୍ଠା-୪

# ହେଡ୍‌କ୍ୱାର୍ଟର୍ସ ଛାଡ଼ିବା ମନା

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

**୪ ଜିଲା ଲକ୍‌ଡାଉନ**

କରୋନା ମହାମାରୀ ସଂକ୍ରମଣ ବଢୁଥିବାରୁ ରାଜ୍ୟ ସରକାର ଗଞ୍ଜାମ, ଖୋର୍ଦ୍ଧା, କଟକ, ଯାଜପୁର ଜିଲା ସମେତ ରାଉରକେଲା ମହାନଗର ନିଗମକୁ ଜୁଲାଇ ୧୭ ରାତି ୯ଟାରୁ ୩୧ ତାରିଖ ମଧ୍ୟରାତ୍ର ଯାଏ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ସବୁ ଜିଲାରେ ସରକାରୀ କର୍ମଚାରୀମାନେ ଘରେ ରହି କାମ କରିବେ(ୱାର୍କ ଫ୍ରମ୍ ହୋମ୍)। ଏ ନେଇ ଶୁକ୍ରବାର ସାଧାରଣ ☞ପୃଷ୍ଠା-୪

# ଅନ୍‌ଫିଟ୍‌ଙ୍କ ପଦୋନ୍ନତି ବନ୍ଦ, ଚାକିରି ଯିବ

**ଭୁବନେଶ୍ୱର,୧୭।୭ (ବ୍ୟୁରୋ)**

**ପୋଲିସ କମିଶନରଙ୍କ ନିର୍ଦ୍ଦେଶନାମା**

- ୩୦ ସୁଦ୍ଧା ଉଚ୍ଚତା ଅନୁସାରେ ଓଜନ ମାପ ହେବ
- ଅଧିକ ଓଜନ ଥିଲେ ବ୍ୟାୟାମ ବାଧ୍ୟତାମୂଳକ
- ନଭେମ୍ବରରେ ପୁଣି ଯାଞ୍ଚ ସହ କାର୍ଯ୍ୟାନୁଷ୍ଠାନ

କରୋନା ଯୁଦ୍ଧରେ ଆଗଧାଡ଼ିର ଯୋଦ୍ଧା ସାଜିଛନ୍ତି ପୋଲିସ। ଏ କ୍ଷେତ୍ରରେ ଭୁବନେଶ୍ୱର ଓ କଟକ କମିଶନରେଟ ପୋଲିସର ଦାୟିତ୍ୱ ସବୁଠୁ ଅଧିକ ରହିଛି। ଏପରିସ୍ଥଳେ ଏହି ଯୋଦ୍ଧାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ। କମିଶନରେଟ ପୋଲିସରେ ଅନେକ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଓ ଦୁର୍ବଳ ତଥା ଫିଟ୍ ନ ଥିବା କର୍ମଚାରୀଙ୍କ ପ୍ରତି ଅଧିକ ବିପଦ ରହିଥିବାରୁ ଷଡ଼ଙ୍ଗୀ ଏନେଇ ନୂଆ ନିର୍ଦ୍ଦେଶନାମା ଜାରି କରିବା ସହ ଚାକିରି ଯିବା ଭଳି କଡ଼ା ଚେତାବନୀ ଶୁଣାଇଛନ୍ତି।

କମିଶନର ଷଡ଼ଙ୍ଗୀ କହିଛନ୍ତି, କରୋନା ମହାମାରୀ ପୃଥିବୀକୁ ମୌଳିକ ଭାବେ ପ୍ରଭାବିତ କରିଛି। କରୋନା ଟିକା ବାହାରିଲେ କିଛି ମାସ ସୁରକ୍ଷା ଯୋଗାଇ ଦେଇପାରେ। ମାତ୍ର କରୋନାର ବିପଦ ସମ୍ପୂର୍ଣ୍ଣ ଯାଇ ନ ପାରେ। ଭବିଷ୍ୟତରେ ନୂଆ ଭୂତାଣୁ ମଧ୍ୟ ଦେଖା ଦେଇପାରେ। ତେଣୁ ବର୍ତ୍ତମାନର ସ୍ଥିତିରୁ ଶିକ୍ଷାଲାଭ କରି ସମସ୍ତଙ୍କୁ ଜୀବନ ଶୈଳୀରେ ପରିବର୍ତ୍ତନ ଆଣି ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ ପଡିବ। ☞ପୃଷ୍ଠା-୪

## ରୋଶନୀ ନାଦାର ଏଚ୍‌ସିଏଲ୍‌ର ନୂଆ ଅଧ୍ୟକ୍ଷ


ରୋଶନୀ ନାଦାର

**ନୂଆଦିଲ୍ଲୀ,୧୭।୭**

ଦେଶର ପ୍ରମୁଖ ଆଇଟି କମ୍ପାନୀ ଏଚ୍‌ସିଏଲ୍ ଟେକ୍ନୋଲୋଜିର ନୂଆ ଅଧ୍ୟକ୍ଷ ଭାବେ ରୋଶନୀ ନାଦାର ମାଲହୋତ୍ରା ଅବସ୍ଥାପିତ ହୋଇଛନ୍ତି। ଭାରତର ସବୁଠାରୁ ଧନୀଶାଳୀ ମହିଳା ଭାବେ ବିବେଚିତ ୩୮ ବର୍ଷୀୟ ରୋଶନୀ ତାଙ୍କ ବାପା ଶିବ ନାଦାରଙ୍କ ପରେ କମ୍ପାନୀର ଅଧ୍ୟକ୍ଷ ଭାର ସମ୍ଭାଳିବେ। ଶିବ ନାଦାର ଏହି ପଦବୀରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ରୋଶନୀ ବର୍ତ୍ତମାନ ☞ପୃଷ୍ଠା-୪

## ହସ୍ପିଟାଲରେ ଐଶ୍ୱର୍ଯ୍ୟା, ଆରାଧ୍ୟା



**ମୁମ୍ବାଇ,୧୭।୭**

କରୋନାରେ ଆକ୍ରାନ୍ତ ଥିବା ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ଓ ତାଙ୍କ କନ୍ୟା ଆରାଧ୍ୟାଙ୍କୁ ଶୁକ୍ରବାର ରାତିରେ ମୁମ୍ବାଇର ନାନାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତ ରବିବାର ସେମାନଙ୍କଠାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କଶ୍ମୀରରେ ଆବାସିକ ପ୍ରମାଣପତ୍ର









ପାକିସ୍ତାନର ତାଲିବାନ ଆତଙ୍କବାଦୀ ସଂଗଠନ ତେହରିକ୍‌-ଇ-ତାଲିବାନ ପାକିସ୍ତାନ ନେତା ନୁର୍ ୱାଲି ମେହସୁଦ୍‌ଙ୍କୁ ଜାତିସଂଘ ପକ୍ଷରୁ କଳା ତାଲିକାଭୁକ୍ତ କରାଯାଇଛି। ଅଲ୍‌-କାଏଦା ସହ ସମ୍ପୃକ୍ତ ସଂଗଠନଗୁଡ଼ିକୁ ସେ ସହାୟତା କରୁଥିଲେ। ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଆଇଏସ୍‌ଆଇଏଲ୍ ଏବଂ ଅଲ୍‌-କାଏଦା କାର୍ଯ୍ୟାନୁଷ୍ଠାନ କମିଟି ମେହସୁଦ୍‌ଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରିଛି। ତାଙ୍କ ସମ୍ପତ୍ତି ଜବତ ହେବା ସହ ଯାତାୟାତ ଓ ଅସ୍ତ୍ରଶସ୍ତ୍ର ନିଷିଦ୍ଧ କରାଯାଇଛି।

# ପାଇଲଟଙ୍କୁ ୪ ଦିନିଆ ଆଶ୍ୱସ୍ତି

**ଜୟପୁର,୧୭।୭**



ସଚିନ ପାଇଲଟ

- ହାଇକୋର୍ଟରେ ୧୯ ବିଦ୍ରୋହୀ ବିଧାୟକଙ୍କ ପିଟିଶନ ଶୁଣାଣି ସୋମବାର ହେବ
- ମଙ୍ଗଳବାର ସନ୍ଧ୍ୟା ଯାଏ ବାଚସ୍ପତିଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ଲାଗିଲା ଅଙ୍କୁଶ

ରାଜସ୍ଥାନରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ସମେତ କଂଗ୍ରେସର ୧୯ ବିଦ୍ରୋହୀ ବିଧାୟକଙ୍କୁ ୪ ଦିନିଆ ଆଶ୍ୱସ୍ତି ମିଳିଛି। ବିଧାନସଭା ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ସକାଶେ ପଠାଇଥିବା ନୋଟିସର ଜବାବ ଶୁକ୍ରବାର ସୁଦ୍ଧା ଦାଖଲ ପାଇଁ ଧାର୍ଯ୍ୟ କରିଥିବାବେଳେ ରାଜସ୍ଥାନ ହାଇକୋର୍ଟ ଏସମ୍ପର୍କିତ ଶୁଣାଣିକୁ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି।

ବିଦ୍ରୋହୀ ବିଧାୟକମାନଙ୍କ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଦୁଇଜଣିଆ ଡିଭିଜନ ବେଞ୍ଚ୍ ଶୁକ୍ରବାର ସନ୍ଧ୍ୟାରେ ବାଚସ୍ପତି ସି.ପି. ଜୋଷୀଙ୍କ ନୋଟିସକୁ ସ୍ଥଗିତ ରଖିଛନ୍ତି। ଉକ୍ତ ଆବେଦନର ଶୁଣାଣି ସୋମବାର ପୂର୍ବାହ୍ନ ୧୦ଟାରେ ହେବ। ମଙ୍ଗଳବାର ୨୧ ତାରିଖ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ବାଚସ୍ପତି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ ବୋଲି ମୁଖ୍ୟ ବିଚାରପତି ଇନ୍ଦ୍ରଜିତ ମହାନ୍ତି ଓ ଜଷ୍ଟିସ୍ ପ୍ରକାଶ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ପାଇଲଟ ଓ ଅନ୍ୟ ୧୮ ଅସନ୍ତୁଷ୍ଟ ବିଧାୟକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ମୁକୁଲ ରୋହତଗୀ ଭିଡିଓ କନ୍‌ଫରେନ୍ସ ଜରିଆରେ ମାମଲା ପରିଚାଳନା କରିଥିବାବେଳେ ବାଚସ୍ପତିଙ୍କ ସପକ୍ଷରେ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଯୁକ୍ତି ବାଢ଼ିଥିଲେ। ସାଲ୍‌ଭେ କହିଥିଲେ, ବିଧାନସଭା ଅଧିବେଶନ ଚାଲୁ ନ ଥିବାବେଳେ ଗୃହ ବାହାରେ ହୁଇପ୍‌ଙ୍କ ନିର୍ଦ୍ଦେଶର ଉଲ୍ଲଂଘନ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁସାରେ ଦଳବଦଳ ଆଇନ ପରିସରରେ ଆସୁନାହିଁ। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ଏକଚ୍ଛତ୍ରବାଦୀ କାର୍ଯ୍ୟକଳାପ ସମ୍ପର୍କରେ ଅସହମତି ପ୍ରକାଶ କରିବା ଆଭ୍ୟନ୍ତରୀଣ ମାମଲା। ଏଥିରେ କିଛି ଦୋଷ ନାହିଁ। ଅଯୋଗ୍ୟତା ନୋଟିସ 'ଅଭିବ୍ୟକ୍ତିର ସ୍ୱାଧୀନତା' ଏବଂ ଆଭ୍ୟନ୍ତରୀଣ ଆଲୋଚନାକୁ ରୋକିବା ପାଇଁ ଏକ ପ୍ରୟାସ। ସାଲ୍‌ଭେ ଆହୁରି କହିଥିଲେ, ଆବେଦନକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଏକଚ୍ଛତ୍ରବାଦ ବିରୋଧରେ କଂଗ୍ରେସ ହାଇକମାଣ୍ଡଙ୍କୁ ଅବଗତ କରାଇପାରିବେ। ଏହା ଦଳବଦଳର ପର୍ଯ୍ୟାୟଭୁକ୍ତ ନୁହେଁ। ହୋଟେଲରେ ବୈଠକ ପାଇଁ ହୁଇପ୍ ଲାଗୁ ହୋଇପାରିବ ନାହିଁ। ହୁଇପ୍ କେବଳ ବିଧାନସଭା ଅଧିବେଶନ ବେଳେ ହିଁ ଜାରି କରାଯାଇ ପାରିବ। ରୋହତଗୀ ମଧ୍ୟ ସାଲ୍‌ଭେଙ୍କ ଯୁକ୍ତିକୁ ଦୋହରାଇଥିଲେ। ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ସିଂଘଭି କହିଥିଲେ, ବାଚସ୍ପତିଙ୍କ ନୋଟିସକୁ ଚ୍ୟାଲେଞ୍ଜ କରି ଦାଏର କରାଯାଇଥିବା ପିଟିଶନ 'ପ୍ରିମାଚ୍ୟୁର'। ବିଧାନସଭା ଅଧ୍ୟକ୍ଷ ନିଜ ପକ୍ଷ ରଖିପାରିବେ। ତାଙ୍କ ଦ୍ୱାରା ଜାରି କରାଯାଇଥିବା ନୋଟିସ ଉପରେ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ।

ପ୍ରକାଶ ଯେ, ସଚିନଙ୍କ ସମେତ ୧୯ ବିଧାୟକ କଂଗ୍ରେସ ବିଧାୟକ ଦଳ ବୈଠକରେ ଦୁଇଥର ଅନୁପସ୍ଥିତ ରହିବା କାରଣରୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି ସରକାରୀ ଦଳ ମୁଖ୍ୟ ସଚେତକ ମହେଶ ଜୋଷୀ ବାଚସ୍ପତିଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ବାଚସ୍ପତି ସମ୍ବିଧାନର ଦଶମ ପରିଚ୍ଛେଦ ପାରା ୨ (୧) (ଏ) ଅନୁସାରେ ବିଧାନସଭାରେ ସେମାନଙ୍କ ଯୋଗ୍ୟତା କାହିଁକି ରଦ୍ଦ କରାଯିବ ନାହିଁ ସେନେଇ ଶୁକ୍ରବାର ସୁଦ୍ଧା ଜବାବ ଦାଖଲ କରିବାକୁ ୧୯ ଜଣଙ୍କୁ ନୋଟିସ ଦେଇଥିଲେ। ପାଇଲଟ ଗୋଷ୍ଠୀ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଦ୍ରୋହୀ ବିଧାୟକମାନେ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ ସେମାନେ କଂଗ୍ରେସ ଟିକେଟରେ ନିର୍ବାଚନ ଜିତିଥିବାରୁ ଦଳ ପ୍ରତି ସେମାନଙ୍କ ନିଷ୍ଠା ଓ ଆନୁଗତ୍ୟ ରହିଛି। ସେମାନେ କଂଗ୍ରେସ ଛାଡ଼ି ଦଳବଦଳ କରିବାକୁ ଚାହୁଁନାହାନ୍ତି। ଗୁରୁବାର ଜଷ୍ଟିସ୍ ସତୀଶ କୁମାର ଶର୍ମାଙ୍କ ଖଣ୍ଡପୀଠ ଏହି ମାମଲାକୁ ଡିଭିଜନ ବେଞ୍ଚ ପାଖକୁ ଶୁଣାଣି ପାଇଁ ପଠାଇ ଦେଇଥିଲେ।

## କଳାମେଘ ଦେଖି ନାଚେ ମୟୂର



ନୂଆଦିଲ୍ଲୀସ୍ଥିତ ଏକ ସମାଧିସ୍ଥଳରେ ମୟୂରଟି ନୃତ୍ୟ କରୁଛି।

# କରୋନା ବିରୋଧୀ ଲଢ଼େଇ ଜନ ଆନ୍ଦୋଳନ ପାଲଟିଛି

**ନୂଆଦିଲ୍ଲୀ,୧୭।୭**

### ଇସିଓଏସ୍‌ଓସିରେ ମୋଦିଙ୍କ ଉଦ୍‌ବୋଧନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦ (ଇସିଓଏସ୍‌ଓସି)କୁ ଉଦ୍‌ବୋଧନ ଦେବା ଅବସରରେ ଅନ୍ତର୍ଜାତୀୟ ସଂଗଠନରେ ସଂସ୍କାର ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱ ସଦ୍‌ଭାବନା, ସାମାଜିକ-ଅର୍ଥନୈତିକ ସମାନତାରେ ଉନ୍ନତି, ପ୍ରାକୃତିକ ସନ୍ତୁଳନର ସୁରକ୍ଷା ପ୍ରତି ଆମେ ପ୍ରତିଶ୍ରୁତିବଦ୍ଧ। ଜାତିସଂଘ କାର୍ଯ୍ୟସୂଚୀକୁ ପୂର୍ଣ୍ଣ ସହାୟତା ଯୋଗାଇଦେବାରେ ଭାରତ ଏହାର ଭୂମିକା ନିଭାଇ ଆସିଛି। ବିଭିନ୍ନ ଦେଶର ନୀତି ମାଧ୍ୟମରେ ସ୍ଥାୟୀ ଶାନ୍ତି ଓ ସମୃଦ୍ଧି ହାସଲ ଉପରେ ଭାରତ ଦୃଢ଼ ବିଶ୍ୱାସ କରିଥାଏ। ଭାରତରେ କରୋନା ମୁକାବିଲା ଜନ ଆନ୍ଦୋଳନରେ ପରିଣତ ହୋଇଛି। ତୃଣମୂଳ ସ୍ତରର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବେଶ୍ ସହାୟକ ହୋଇପାରିଛି। ଫଳରେ ଭାରତରେ ଆରୋଗ୍ୟ ହାର ସାରା ବିଶ୍ୱରେ ସର୍ବାଧିକ ରହିଛି। କୋଭିଡ୍ ବିରୋଧୀ ମିଳିତ ଲଢ଼େଇରେ ଭାରତ ୧୫୦ରୁ ଅଧିକ ଦେଶକୁ ସହାୟତା ଯୋଗାଇଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ସେହିପରି ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ୨୦୨୨ ସୁଦ୍ଧା ପ୍ରତି ଭାରତୀୟଙ୍କୁ ସୁରକ୍ଷିତ ପକ୍କାଘର ଯୋଗାଇ ଦିଆଯିବା ଲକ୍ଷ୍ୟରେ 'ହାଉସିଂ ଫର୍ ଅଲ୍' କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି। ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଆମର ସିଦ୍ଧାନ୍ତ। ଗତବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ସାରା ଦେଶକୁ ସ୍ୱଚ୍ଛ କରାଯିବା ଲକ୍ଷ୍ୟ ସଫଳ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ବାର୍ବରାଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ୨ ସପ୍ତାହ ମଧ୍ୟରେ ଦିଅ



ମହାରାଷ୍ଟ୍ର ସରକାରଙ୍କୁ ଏନ୍‌ଏଚ୍‌ଆର୍‌ସି ନୋଟିସ

**ମୁମ୍ବାଇ,୧୭।୭:** ୨୦୧୮ ଏଲ୍‌ଗାର ପରିଷଦ ମାମଲାର ଅଭିଯୁକ୍ତ ତଥା ସାମାଜିକ କର୍ମୀ ବାର୍ବରା ରାଓ(୮୧)ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଦୁଇସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଜାତୀୟ ମାନବିକ ଅଧିକାର କମିଶନ ଶୁକ୍ରବାର ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ, ଡିଜି (ଜେଲ୍)ଙ୍କୁ ଏନେଇ ନୋଟିସ ଜାରି କରାଯାଇଛି। ମାଜା ଦାରୁୱାଲାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି କମିଶନ ଏଭଳି ପଦକ୍ଷେପ ନେଇଛନ୍ତି। ବୟସାଧିକ ଯୋଗୁ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଦୁର୍ବଳ ହେବା ଓ କରୋନା ଆକ୍ରାନ୍ତ ପରେ ବାର୍ବରାଙ୍କ ମାନସିକ ଚାପରେ ଥିବା ଦର୍ଶାଯାଇଛି। ରାଜ୍ୟ ସରକାର ଏକ ମେଡିକାଲ ବୋର୍ଡ ଗଠନ କରି ବାର୍ବରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ଲାଗି କୁହାଯାଇଛି। ତାଙ୍କୁ ଘରୋଇ କିମ୍ବା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯିବ କି ନାହିଁ ତାହା ବୋର୍ଡ ନିଷ୍ପତ୍ତି ଦେବ।

## ଆତଙ୍କବାଦୀଙ୍କ ଟାର୍ଗେଟରେ ଅମରନାଥ ଯାତ୍ରୀ

**ଶ୍ରୀନଗର,୧୭।୭:** ଜୁଲାଇ ୨୧ରୁ ଅମରନାଥ ଯାତ୍ରା ଆରମ୍ଭ ହେଉଥିବାବେଳେ ଆତଙ୍କବାଦୀମାନେ ଏହାକୁ ଟାର୍ଗେଟ କରିବା ଯୋଜନାରେ ଅଛନ୍ତି ବୋଲି ଶୁକ୍ରବାର ସେନା ପକ୍ଷରୁ କୁହାଯାଇଛି। ଯାତ୍ରୀଙ୍କୁ ସୁରକ୍ଷା ଯୋଗାଇଦେବା ଓ ଶାନ୍ତିପୂର୍ଣ୍ଣ ଭାବେ ଯାତ୍ରା ଶେଷକରିବା ଲାଗି ସେନା ପ୍ରସ୍ତୁତ ରହିଛି। ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ୯ ରାଷ୍ଟ୍ରୀୟ ରାଇଫଲ୍‌ସ ସେକ୍ଟର କମାଣ୍ଡର, ବ୍ରିଗେଡିୟର ଭି.ଏସ୍. ଠାକୁର କହିଛନ୍ତି, ଜାତୀୟ ରାଜପଥ-୪୪ରେ ଆତଙ୍କବାଦୀମାନେ ଆକ୍ରମଣ ଲାଗି ଯୋଜନା କରୁଥିବା ଖବର ମିଳିଛି।

# ଇଞ୍ଚେ ଜାଗା କେହି ଛୁଇଁପାରିବେନି

**ଲୁକୁଙ୍ଗ(ଲଦାଖ),୧୭।୭(ପି.ଟି.)**

### ଲଦାଖରେ ସମରାଭ୍ୟାସ ଦେଖିଲେ ରାଜନାଥ



ଭାରତ ଦୁର୍ବଳ ଦେଶ ନୁହେଁ। ଏହାର ଇଞ୍ଚେ ଜମିକୁ ମଧ୍ୟ ବିଶ୍ୱର କୌଣସି ଶକ୍ତି ଛୁଇଁପାରିବ ନାହିଁ ବୋଲି ଶୁକ୍ରବାର ଲଦାଖ ଗସ୍ତରେ ଯାଇଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଚାଇନା ସହ ସୀମାରେ ଅଚଳାବସ୍ଥା ଲାଗିରହିଥିବାବେଳେ ପ୍ରତିରକ୍ଷାମନ୍ତ୍ରୀ ସେଠାରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିଥିଲେ। ଲୁକୁଙ୍ଗର ଏକ ଫରୱାର୍ଡ ପୋଷ୍ଟଠାରେ ସେନା ଓ ଆଇଟିବିପି ଯବାନମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ, ପୂର୍ବ ଲଦାଖରେ ଅଚଳାବସ୍ଥାର ସମାଧାନ ଲାଗି ଆଲୋଚନା ଜାରି ରହିଛି। ତେବେ ଏହା କେତେଦୂର ସମାଧାନ ହୋଇପାରିବ, ଗ୍ୟାରେଣ୍ଟି ସେ ଦେଇପାରିବେ ନାହିଁ ବୋଲି କହିଥିଲେ। ଗତମାସ ୧୫ରେ ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ସହ ରକ୍ତାକ୍ତ ସଂଘର୍ଷରେ ଭାରତର ୨୦ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ବଳିଦାନକୁ ବ୍ୟର୍ଥ ହେବାକୁ ଦିଆଯିବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

ଦିନିକିଆ ଗସ୍ତରେ ଆସିଥିବା ରାଜନାଥଙ୍କ ସହ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ ଏବଂ ସେନାମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱଣେ ଲେହରେ ପହଞ୍ଚିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ସେଠାରେ ସେନାର ସମରାଭ୍ୟାସ ଦେଖିଥିଲେ। ଫରୱାର୍ଡ ବେସ୍‌ରେ ଅନୁଷ୍ଠିତ ଏହି ମିଲିଟାରି ଡ୍ରିଲ୍‌ରେ ବହୁସଂଖ୍ୟାରେ ଲଢ଼ୁଆ ହେଲିକପ୍ଟର, ଟ୍ୟାଙ୍କ, ଇନ୍‌ଫାଣ୍ଟ୍ରି ଲଢ଼ୁଆ ଯାନ ଓ ଗ୍ରାଉଣ୍ଡ କମାଣ୍ଡୋମାନେ ସାମିଲ ହୋଇଥିଲେ। ସ୍ଥଳ ଓ ବାୟୁସେନା ପକ୍ଷରୁ ଯୁଦ୍ଧପ୍ରସ୍ତୁତି ପ୍ରଦର୍ଶନ କରାଯାଇଥିଲା। ଯବାନମାନେ ପାରା ଡ୍ରପିଙ୍ଗ ଆଦି କୌଶଳ ଦେଖାଇଥିଲେ।

## କ୍ୱାରାଣ୍ଟାଇନ୍‌ରେ ୩୧.୬ ଲକ୍ଷ

**ନୂଆଦିଲ୍ଲୀ,୧୭।୭:** ମହାମାରୀ କରୋନା ଉଗ୍ରରୂପ ଧାରଣ କରିଛି। ଦେଶରେ ୧୦ ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହୋଇଥିବା ବେଳେ ୨୫,୬୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି। ଏପର୍ଯ୍ୟନ୍ତ ୩୧.୬ ଲକ୍ଷ ଲୋକ ଭାରତରେ କ୍ୱାରାଣ୍ଟାଇନ୍‌ରେ ଥିବା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଉତ୍ତରପ୍ରଦେଶ (ୟୁପି)ରେ ସର୍ବାଧିକ ଲୋକ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ପ୍ରାୟ ୧୧ ଲକ୍ଷ ଲୋକ ଉତ୍ତରପ୍ରଦେଶରେ କ୍ୱାରାଣ୍ଟାଇନ୍‌ରେ ରହିଥିବା ବେଳେ ମହାରାଷ୍ଟ୍ରରେ ୬.୨୭, ଗୁଜରାଟରେ ୩.୨୫, ଓଡ଼ିଶାରେ ୨.୪ ଲକ୍ଷ ଅଛନ୍ତି। ଭୂତାଣୁକୁ ପ୍ରତିହତ କରିବା ଲାଗି ଏଭଳି କ୍ୱାରାଣ୍ଟାଇନ୍‌ରେ ସଂକ୍ରମିତଙ୍କୁ ରଖାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

## ୨୨ରେ ଶପଥ ନେବେ ୬୧ ରାଜ୍ୟ ସଭା ସଦସ୍ୟ

**ନୂଆଦିଲ୍ଲୀ,୧୭।୭(ପି.ଟି.):** ରାଜ୍ୟ ସଭାର ନବନିର୍ବାଚିତ ସଦସ୍ୟମାନେ ଆସନ୍ତା ୨୨ରେ ହାଉସ୍ ଚାମ୍ବରରେ ଶପଥ ଗ୍ରହଣ କରିବେ। କରୋନା ମହାମାରୀ ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ପ୍ରଥମ ଥର ଅଧିବେଶନ ଚାଲୁ ନ ଥିବାବେଳେ ହାଉସ ଚାମ୍ବରରେ ଶପଥ ଗ୍ରହଣ ବ୍ୟବସ୍ଥା କରାଯାଇଛି। ସାଧାରଣତଃ ପାର୍ଲାମେଣ୍ଟ ଅଧିବେଶନ ଚାଲିଥିବାବେଳେ ନବନିର୍ବାଚିତ ସଦସ୍ୟ ଶପଥ ନେଇଥାନ୍ତି। ଅଧିବେଶନ ଚାଲୁ ନ ଥିଲେ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ଚାମ୍ବରରେ ଶପଥ ଗ୍ରହଣ ହୋଇଥାଏ। ନିକଟରେ ୨୦ ରାଜ୍ୟରୁ ୬୧ ସଦସ୍ୟ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଶପଥ ଗ୍ରହଣ ଉତ୍ସବରେ ଜଣେ ସଦସ୍ୟ ସାଙ୍ଗରେ ଜଣେ ଅତିଥିଙ୍କୁ ଆଣିବା ସୁଯୋଗ ପାଇବେ। ବିଭିନ୍ନ ବିଭାଗର ସଂସଦୀୟ କମିଟି ବୈଠକ ଆରମ୍ଭ ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

# ଓଡ଼ିଶା ସମେତ ୯ ରାଜ୍ୟକୁ କୋଭିଡ୍ ଭୟ ଅଧିକ

**ନୂଆଦିଲ୍ଲୀ,୧୭।୭(ପି.ଟି.)**



ଓଡ଼ିଶା ସମେତ ୯ ରାଜ୍ୟର ବିଭିନ୍ନ ଜିଲାକୁ କୋଭିଡ୍-୧୯ ମହାମାରୀ ପ୍ରଭାବର ଭୟାବହତା ସର୍ବାଧିକ ବୋଲି ଲାନ୍‌ସେଟ୍ ପକ୍ଷରୁ କରାଯାଇଥିବା ଅଧ୍ୟୟନରେ କୁହାଯାଇଛି। ଅନ୍ୟ ରାଜ୍ୟଗୁଡ଼ିକ ହେଲେ ମଧ୍ୟପ୍ରଦେଶ, ବିହାର, ତେଲଙ୍ଗାନା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଗୁଜରାଟ। ମଧ୍ୟପ୍ରଦେଶର ବିଭିନ୍ନ ଜିଲା ପ୍ରତି କରୋନା ପ୍ରଭାବ ସର୍ବାଧିକ ସମ୍ବେଦନଶୀଳ ହୋଇପାରେ। ଜନସଂଖ୍ୟା ପରିଷଦ ନୂଆଦିଲ୍ଲୀର ରାଜୀବ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଏହି ରାଜ୍ୟଗୁଡ଼ିକରେ ସଂକ୍ରମଣ ବଢ଼ିବା, ଅସୁସ୍ଥତା, ମୃତ୍ୟୁହାର ଏବଂ ମହାମାରୀର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ଅଧିକ ଭୟାବହ ହେବା ସମ୍ଭାବନା ରହିଛି। ସାମାଜିକ ଅର୍ଥନୈତିକ, ଭୌଗୋଳିକ, ଗୃହନିର୍ମାଣ ଓ ସ୍ୱାସ୍ଥ୍ୟ, ମହାମାରୀ ବିଜ୍ଞାନ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ବନ୍ଧୀୟ ୫ଟି କ୍ଷେତ୍ରରୁ ୧୫ଟି ସୂଚକକୁ ନେଇ ରାଜ୍ୟଗୁଡ଼ିକର ସମ୍ବେଦନଶୀଳତା ଆକଳନ କରାଯାଇଥିଲା। ଏହି ସୂଚକାଙ୍କ ଯୋଜନା ପ୍ରସ୍ତୁତକାରୀ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ସହାୟତା କରିବା ଲକ୍ଷ୍ୟରେ ପ୍ରସ୍ତୁତ କରଯାଇଛି। ଫଳରେ ମହାମାରୀ ମୁକାବିଲା ପ୍ରସ୍ତୁତିରେ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦିଆଯିବ ସହ ସମ୍ବଳ ମଞ୍ଜୁର କରାଯାଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ବୈଜ୍ଞାନିକମାନେ ଯେଉଁସବୁ ଜିଲା ଚୟନ କରିଛନ୍ତି, ସେଠାରେ ଏବେ କରୋନା ସଂକ୍ରମଣ ଅଧିକ ହୋଇନାହିଁ, କିନ୍ତୁ ମହାମାରୀ ଯୋଗୁ ଅଧିକ ପ୍ରଭାବିତ ହେବା ସମ୍ଭାବନା ରହିଛି।

# କୁଳଭୂଷଣଙ୍କୁ ତୃତୀୟ କନ୍‌ସୁଲାର ଆକ୍ସେସ୍ ମିଳିବ

**ଇସ୍‌ଲାମାବାଦ,୧୭।୭(ପି.ଟି.)**



ମୃତ୍ୟୁଦଣ୍ଡାଦେଶ ପାଇ ପାକିସ୍ତାନ ଜେଲ୍‌ରେ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ପ୍ରଦାନ କରାଯାଇଥିବା ଦ୍ୱିତୀୟ କନ୍‌ସୁଲାର ଆକ୍ସେସ୍ (ଦୂତାବାସ ମାଧ୍ୟମରେ ଆଇନଗତ ସହାୟତା)ର କୌଣସି ଅର୍ଥ କିମ୍ବା ବିଶ୍ୱସନୀୟତା ନାହିଁ ବୋଲି ନୂଆଦିଲ୍ଲୀ କହିଛି। ଭାରତର ଏହି ଅଭିଯୋଗ ପରେ ଇସ୍‌ଲାମାବାଦ କୁଳଭୂଷଣଙ୍କୁ ତୃତୀୟ କନ୍‌ସୁଲାର ଆକ୍ସେସ୍ ଯୋଗାଇଦେବାକୁ ଚାହେଁ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶି ଶୁକ୍ରବାର କହିଛନ୍ତି।

ଗୁପ୍ତଚର ବୃତ୍ତି ଓ ଆତଙ୍କବାଦ ସହ ସମ୍ପୃକ୍ତ ଅଭିଯୋଗରେ ପାକିସ୍ତାନୀ ସାମରିକ ଅଦାଲତ ୨୦୧୭ ଏପ୍ରିଲରେ କୁଳଭୂଷଣଙ୍କୁ ଦୋଷୀସାବ୍ୟସ୍ତ କରି ମୃତ୍ୟୁଦଣ୍ଡାଦେଶ ଦେଇଥିଲା। ଗୁରୁବାର ପାକିସ୍ତାନ ତାଙ୍କୁ ଦ୍ୱିତୀୟ କନ୍‌ସୁଲାର ଆକ୍ସେସ୍ ଦେଇଥିଲେ ହେଁ ତାହାର କୌଣସି ମୂଲ୍ୟ ନ ଥିଲା। କୁଳଭୂଷଣଙ୍କୁ ଚାପରେ ରଖାଯାଇଥିବା ସ୍ପଷ୍ଟ ହୋଇଥିଲା ବୋଲି ତାଙ୍କୁ ସାକ୍ଷାତ କରିବାକୁ ଯାଇଥିବା ଅଧିକାରୀ କହିଥିଲେ। କନ୍‌ସୁଲାର ଅଧିକାରୀଙ୍କୁ ଅବାଧ ତଥା ନିଃସର୍ତ୍ତ ଭେଟିବା ସୁଯୋଗ ଦିଆଯାଇ ନ ଥିଲା ବୋଲି ନୂଆଦିଲ୍ଲୀରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଥିଲେ। ଅନ୍ୟପକ୍ଷରେ କୁରେଶି କହିଛନ୍ତି, ନୂଆଦିଲ୍ଲୀ ଚାହିଁବା ଅନୁଯାୟୀ କୁଳଭୂଷଣଙ୍କୁ ଭାରତୀୟ ଅଧିକାରୀଙ୍କ ସହ ମିଶିବାର ସୁଯୋଗ ଦିଆଯାଇଥିଲା। ସାକ୍ଷାତ ବେଳେ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିକୁ ସେମାନେ ବିରୋଧ କରୁଛନ୍ତି। ସୁରକ୍ଷା ଅଧିକାରୀଙ୍କୁ ହଟାଇଦେବାକୁ ପାକ୍ ପ୍ରସ୍ତୁତ। ଭାରତ ଯଦି ତୃତୀୟ କନ୍‌ସୁଲାର ଆକ୍ସେସ୍ ଚାହେଁ ତେବେ ତାହା ଯୋଗାଇଦେବାକୁ ଇସ୍‌ଲାମାବାଦ ଆଗ୍ରହୀ ବୋଲି କୁରେଶି କହିଛନ୍ତି। ତେବେ ଏହି ନିଷ୍ପତ୍ତି ନୂଆଦିଲ୍ଲୀକୁ ଜଣାଯିବା ସମ୍ପର୍କରେ ଭାରତ କିମ୍ବା ପାକିସ୍ତାନ ପକ୍ଷରୁ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରାଯାଇନାହିଁ।

# ପାକ୍ ବାନ୍ଧବୀଙ୍କ ଲାଗି ଫସିଲେ

**ନୂଆଦିଲ୍ଲୀ,୧୭।୭**

### ସୀମାନ୍ତରୁ ମହାରାଷ୍ଟ୍ର ଯୁବକ ଗିରଫ



ଭାରତ-ପାକିସ୍ତାନ ସୀମାନ୍ତରୁ ଜଣେ ମହାରାଷ୍ଟ୍ରର ଯୁବକଙ୍କୁ ଗିରଫ କରାଯାଇଛି। ପାକିସ୍ତାନର ଜଣେ ବାନ୍ଧବୀଙ୍କୁ ଦେଖାକରିବା ଲାଗି ସେ ଗୁଜରାଟର କଚ୍ଛ ଦେଇ ପାକିସ୍ତାନ ଯାଉଥିବାବେଳେ ବିଏସ୍‌ଏଫ୍ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ମହାରାଷ୍ଟ୍ରର ଓସ୍‌ମାନାବାଦ ନିବାସୀ ସିଦ୍ଦିକ ମହମ୍ମଦ ଜିଶାନ ଫେସ୍‌ବୁକ ଓ ହ୍ୱାଟ୍ସଆପ୍ ଜରିଆରେ ସମ୍ପର୍କ ରଖିବା ସହ ବାନ୍ଧବୀଙ୍କୁ ଦେଖାକରିବା ଲାଗି ଦୀର୍ଘ ୧୨ ଶହ କି.ମି. ଅତିକ୍ରମ କରିଥିଲେ। କରାଚୀ ଅନ୍ତର୍ଗତ ଶାହା ଫୈଜଲରେ ବାନ୍ଧବୀଙ୍କ ଘର। ଗୁଗଲ ମ୍ୟାପ୍ ଜରିଆରେ ସେ ତାଙ୍କ ଘରେ ପହଞ୍ଚିବା ଲାଗି ଆଶା ରଖିଥିଲେ। କଚ୍ଛର ରନରେ ବିଏସ୍‌ଏଫ୍ ପକ୍ଷରୁ ସିଦ୍ଦିକଙ୍କୁ ଗିରଫ କରାଯିବା ପରେ ତାଙ୍କଠାରୁ ଏଟିଏମ୍ କାର୍ଡ, ପାନ୍ କାର୍ଡ, ଆଧାର କାର୍ଡ ଆଦି ଜବତ କରାଯାଇଛି। ପାକ୍ ସୀମା ନିକଟରେ ପହଞ୍ଚିବା ଲାଗି ସେ ଘରୁ ଏକ ବାଇକ୍‌ରେ ଆସିଥିଲେ। ମହାରାଷ୍ଟ୍ର ପୋଲିସର ଏକ ନିଖୋଜ ମାମଲା ସମ୍ପର୍କରେ ବିଏସ୍‌ଏଫ୍‌କୁ ଅବଗତ କରାଯିବା ପରେ ସେ ମୋବାଇଲ ଫୋନ୍ ଟ୍ରାକିଂକରି ସିଦ୍ଦିକଙ୍କୁ ସୀମାରୁ ଗିରଫ କରାଯାଇଥିଲା। ଅଧିକ ଅନୁସନ୍ଧାନ ଲାଗି ଗିରଫ ସିଦ୍ଦିକଙ୍କୁ ପୋଲିସ ଜିମା ଦିଆଯାଇଛି।

# ୨୭.୩ କୋଟି ଭାରତୀୟ ଦାରିଦ୍ର୍ୟମୁକ୍ତ

**ଜାତିସଂଘ,୧୭।୭(ପି.ଟି.)**

### ୧୦ ବର୍ଷ ମଧ୍ୟରେ ଭାରତରେ ଗରିବୀ ସର୍ବାଧିକ ହ୍ରାସ ପାଇଛି: ଜାତିସଂଘ ରିପୋର୍ଟ



୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ଭାରତରେ ୨୭.୩ କୋଟି ଲୋକ ଦାରିଦ୍ର୍ୟମୁକ୍ତ ହୋଇଥିବା ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ ୧୦ ବର୍ଷ ମଧ୍ୟରେ ଭାରତରେ ଗରିବୀ ସର୍ବାଧିକ ହ୍ରାସ ପାଇଛି। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଏବଂ ଅକ୍ସଫୋର୍ଡ ଦାରିଦ୍ର୍ୟ ଓ ମାନବ ବିକାଶ ପଦକ୍ଷେପ (ଓପିଏଚ୍‌ଆଇ) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଅଧ୍ୟୟନ କରାଯାଇଥିବା ୭୫ ଦେଶ ମଧ୍ୟରୁ ୬୫ରେ ୨୦୦୦ରୁ ୨୦୧୯ ମଧ୍ୟରେ ବହୁ ଦିଗରୁ ଦାରିଦ୍ର୍ୟ (ମଲ୍ଟିଡାଇମେନଶନାଲ ପ୍ରଭର୍ଟି)ସ୍ତର ଯଥେଷ୍ଟ ହ୍ରାସ ପାଇଛି।

ଦାରିଦ୍ର୍ୟ ଅର୍ଥ ଲୋକେ ବିଭିନ୍ନ ଦିଗରୁ ସମ୍ମୁଖୀନ ହେଉଥିବା ଅଭାବ। ଅର୍ଥାଭାବ ସାଙ୍ଗକୁ ଖରାପ ସ୍ୱାସ୍ଥ୍ୟ, ଶିକ୍ଷାର ଅଭାବ, ଅପର୍ଯ୍ୟାପ୍ତ ଜୀବନଧାରଣ ମାନ, ନିମ୍ନମାନର କାର୍ଯ୍ୟ, ହିଂସା ଭୟ, ବିପଦସଙ୍କୁଳ ବାସସ୍ଥାନ ପରିବେଶ ଆଦିକୁ ବହୁମୁଖୀ ଦାରିଦ୍ର୍ୟ କୁହାଯାଇଥାଏ। ୬୫ଟି ଦେଶରେ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମ୍‌ପିଆଇ) ମୂଲ୍ୟ ହ୍ରାସ ପାଇବା ସହ ଦାରିଦ୍ର୍ୟ ସୀମାରେଖା ମଧ୍ୟରେ ରହୁଥିବା ଲୋକଙ୍କ ସଂଖ୍ୟା କମିଛି। ଭାରତରେ ସର୍ବାଧିକ ୨୭.୩ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇପାରିଥିବା ଏହି ରିପୋର୍ଟରେ କୁହାଯାଇଛି। ଭାରତ ସମେତ ଆର୍ମେନିଆ, ନିକାରାଗୁଆ, ନର୍ଥ ମାସେଡୋନିଆ ୫.୫ରୁ ୧୦.୫ ବର୍ଷ ମଧ୍ୟରେ ସେମାନଙ୍କର ବିଶ୍ୱିକ ଏମ୍‌ପିଆଇ ମୂଲ୍ୟ ଅଧାକୁ କମାଇପାରିଛନ୍ତି। ସେହିପରି ଭାରତ ସମେତ ବାଂଲାଦେଶ, ବଲିଭିଆ, କିଙ୍ଗ୍‌ଡମ୍ ଅଫ୍ ଏସ୍ୱାଟିନି, ଗାବନ, ଗମ୍ବିଆ, ଗୁଏନା, ଲାଇବେରିଆ, ମାଲି, ମୋଜାମ୍ବିକ୍, ନିକାରାଗୁଆ, ନେପାଳ, ରୁଆଣ୍ଡା ଆଦି ୧୪ଟି ଦେଶ ସେମାନଙ୍କ ଅଞ୍ଚଳରେ ଦାରିଦ୍ର୍ୟ କମାଇବାରେ ସକ୍ଷମ ହୋଇଛନ୍ତି।

ବର୍ତ୍ତମାନର କରୋନା ମହାମାରୀ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ପ୍ରଭାବିତ କରିଛି। ମହାମାରୀ ପୂର୍ବରୁ ଦାରିଦ୍ର୍ୟ ହ୍ରାସରେ ଆଶାନୁରୂପ ବିକାଶ ହୋଇଥିଲା ବୋଲି ଉକ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ମହାମାରୀ ପରେ ବିଶ୍ୱର ଦାରିଦ୍ର୍ୟ ଉପରେ ଏହାର କିଭଳି ପ୍ରଭାବ ପଡ଼ିଛି ତାହାର ତଥ୍ୟ ଏପର୍ଯ୍ୟନ୍ତ ଉପଲବ୍ଧ ହୋଇନାହିଁ। ତେବେ କୁପୋଷଣ ଏବଂ ସ୍କୁଲ୍ ଉପସ୍ଥାନ ଦୃଷ୍ଟିରୁ ଦେଖିଲେ ୭୦ଟି ବିକାଶଶୀଳ ରାଷ୍ଟ୍ର ଗୁରୁତର ପ୍ରଭାବିତ ହୋଇଛନ୍ତି।

ତଥ୍ୟ ଅନୁଯାୟୀ ୧୦୭ଟି ବିକାଶଶୀଳ ଦେଶର ୧୩୦ କୋଟି ଲୋକ ଦାରିଦ୍ର୍ୟ ମଧ୍ୟରେ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅର୍ଦ୍ଧେକଙ୍କ ବୟସ ୧୮ ବର୍ଷରୁ କମ୍। ୧୦.୭ କୋଟିଙ୍କ ବୟସ ୬୦ ବର୍ଷ କିମ୍ବା ଏହାଠାରୁ ଅଧିକ। ଏମାନଙ୍କ ପ୍ରତି କରୋନା ଭୟ ଅଧିକ ବୋଲି କୁହାଯାଉଛି। ବହୁମୁଖୀ ଦାରିଦ୍ରଙ୍କ ମଧ୍ୟରୁ ୮୪.୩ ପ୍ରତିଶତ ସବ୍-ସାହାରା ଆଫ୍ରିକା ଅଞ୍ଚଳରେ ରହୁଛନ୍ତି। ପ୍ରତିଷେଧକ ଟିକା ନେଇ ନ ଥିବା ୬୦ ପ୍ରତିଶତ ପିଲା ୧୦ଟି ଦେଶରେ ରହୁଛନ୍ତି। ଡିଟିପି୩ ଟିକା ନେଇ ନ ଥିବା ୪୦ ପ୍ରତିଶତ ପିଲା ଭାରତ, ପାକିସ୍ତାନ, ନାଇଜେରିଆ ଓ ଇଣ୍ଡୋନେସିଆରେ ରହୁଥିବା ରିପୋର୍ଟରେ କୁହାଯାଇଛି।

## ସଂକ୍ଷେପରେ

### ଓଆର୍‌ଟିପିଏସ୍‌ଏ ଅଧୀନକୁ ଆସିଲା ଦ୍ରବ୍ୟ ପରିବହନ

**ଭୁବନେଶ୍ୱର,୧୭।୭(ବ୍ୟୁରୋ):** ଓଡ଼ିଶା ସାଧାରଣ ସେବା ଅଧିକାର ଆଇନ (ଓଆର୍‌ଟିପିଏସ୍‌ଏ)-୨୦୧୨ରେ ସାମଗ୍ରୀ ପରିବହନ ଅନୁମତିକୁ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଶୁକ୍ରବାର ଅନୁମୋଦନ କରିଛନ୍ତି। ଏହାକୁ ସାମିଲ କରାଯିବା ପରେ ଆବେଦନକାରୀ ବୈଧ ପ୍ରମାଣପତ୍ର ଓ ଫି’ ପଇଠ କରି ଆବେଦନ କରିବାର ୭ ଦିନ ମଧ୍ୟରେ ନିଜର ପଣ୍ୟଦ୍ରବ୍ୟ ପରିବହନ କରିପାରିବେ। ଏଠାରେ ସୂଚନାଯୋଗ୍ୟ ଯେ, ବାଣିଜ୍ୟ ଓ ପରିବହନ ବିଭାଗ ଉକ୍ତ ଓଆର୍‌ଟିପିଏସ୍‌ଏରେ ୩୧ଟି ସେବାକୁ ସାମିଲ କରିଛି। ଏହାକୁ ମିଶାଇ ବିଭାଗ ଉକ୍ତ ଆଇନ ଅଧୀନରେ ୩୨ଟି ସେବା ଯୋଗାଇ ଦେବ।

### ପୁଅ କରୋନା ଆକ୍ରାନ୍ତ ଶୁଣି ବାପାଙ୍କ ମୃତ୍ୟୁ

**ପାତ୍ରପୁର,୧୭।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସପଙ୍ଗ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅ କରୋନା ସଂକ୍ରମଣ ହୋଇଥିବା ଖବର ଶୁଣି ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମଚନ୍ଦ୍ର ସାହୁ (୭୦)। ରାମଚନ୍ଦ୍ରଙ୍କ ବଡପୁଅଙ୍କୁ ଜ୍ୱର ହେଉଥିବାରୁ କିଛିଦିନ ତଳେ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ଗୁରୁବାର ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ପାତ୍ରପୁର ପଞ୍ଚାୟତ କୋଭିଡ୍ କେୟାର ହୋମ୍‌ରେ ରଖାଯାଇଥିଲା। ଏହି ଖବର ଶୁଣି ଗୁରୁବାର ଠାରୁ ରାମଚନ୍ଦ୍ର ଚିନ୍ତିତ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସଙ୍ଗରୋଧରେ ଥିବା ରାମଚନ୍ଦ୍ରଙ୍କ ବଡ ପୁଅଙ୍କୁ ସାମାଜିକ ଦୂରତା ରଖି ମୁଖାଗ୍ନି ଦେବା ପାଇଁ ଛାଡିବାକୁ ପରିବାର ଲୋକେ ବିଡିଓ ପ୍ରକାଶ ଚନ୍ଦ୍ର ଦାସଙ୍କୁ ଅନୁରୋଧ କରିଛନ୍ତି।

### ୪ ଗେଟ୍‌ରେ ହୀରାକୁଦ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର,୧୭।୭ (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ୬୦୧.୨୫ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୮୬ ହଜାର ୩୧୮ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୨ ଓ ବାମ ପାର୍ଶ୍ୱର ୨ ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୭୪ ହଜାର ୬୫୦ କ୍ୟୁସେକ ଜଳ ନିଷ୍କାସନ ହେଉଛି। ସେହିପରି ବେଲଗାଁରେ ୧୪ ହଜାର ୮୦୦, ପଥର୍ଲାରେ ୪୩ ହଜାର ୪୧୭, ଖଇରମାଳରେ ୧ ଲକ୍ଷ ୪୨ ହଜାର, ବରମୁଲାରେ ୧ ଲକ୍ଷ ୩୨ ହଜାର ୨୫୦, ମୁଣ୍ଡଳିରେ ୧ ଲକ୍ଷ ୩୮ ହଜାର ୧୩୬ କ୍ୟୁସେକ ଜଳ ପ୍ରବାହିତ ହେଉଛି।

## କରୋନା ମୃତ୍ୟୁ
# ରାଜ୍ୟରେ ୮୩, ଗଞ୍ଜାମରେ ୫୦



### ୭୧୮ ନୂଆ ଆକ୍ରାନ୍ତ, ପୁଣି ୪ ମୃତ
- ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ଟପିଲା
- କେବଳ ଗଞ୍ଜାମ ଜିଲାରେ ୫୦୯୮ ପଜିଟିଭ୍
- ପରୀକ୍ଷଣ ହୋଇଛି ୩,୬୯,୭୩୮ ନମୁନା

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ରୋକି ହେଉନି ସଂକ୍ରମଣ। ସରକାରଙ୍କ ସବୁ ପ୍ରକାର ଉଦ୍ୟମ ସତ୍ତ୍ୱେ ରାଜ୍ୟରେ କରୋନା ମହାମାରୀ ସହରରୁ ଗାଁ, ବସ୍ତିରୁ କଲୋନୀ ସବୁଆଡକୁ ମାଡ଼ି ଚାଲିଛି। ପ୍ରତିଦିନ ଶହଶହ ଲୋକ ଆକ୍ରାନ୍ତ ହେଉଥିବାବେଳେ ଏକାଧିକ ଜୀବନ ଯାଉଛି। ପୂର୍ବରୁ ୭୯ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିଲା। ଶେଷ ୨୪ ଘଣ୍ଟାରେ ଆଉ ୪ ମୁଣ୍ଡ ନେଇଛି ଘାତକ କରୋନା। ଏଥିସହ ପୁଣି ୨ଜଣ ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ଫଳରେ ଏବେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮୩ରେ ପହଞ୍ଚିଥିବାବେଳେ ଅଣକରୋନା ମୃତ୍ୟୁ ସଂଖ୍ୟା ୨୬ ହୋଇଛି। ତେବେ ଗଞ୍ଜାମ ଜିଲାରେ କୋଭିଡ୍ ଭୂତାଣୁ ସବୁଠୁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। କେବଳ ଏହି ଜିଲାରେ ଏବେ କରୋନା ମୃତ୍ୟୁ ୫୦ ଛୁଇଁଥିବାବେଳେ ଅଣକରୋନା ମୃତ୍ୟୁ ୩ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି। ସ୍ୱାସ୍ଥ୍ୟ ବିଭାଗର ଶେଷ ରିପୋର୍ଟରେ ଯେଉଁ ୪ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରେ ଗଞ୍ଜାମର ମଧ୍ୟ ୨ଜଣ ରହିଛନ୍ତି। ଜଣଙ୍କର ବୟସ ୫୭ବର୍ଷ ହୋଇଥିବାବେଳେ ସେ ପୂର୍ବରୁ ମଧୁମେହରେ ପୀଡିତ ଥିଲେ। ଅନ୍ୟଜଣେ ୬୦ବର୍ଷୀୟ କରୋନା ମୃତକଙ୍କର କିଡ୍‌ନୀ ରୋଗ ଥିଲା। ଅନୁଗୋଳର ଜଣେ ମୃତକଙ୍କ ବୟସ ୬୬ବର୍ଷ ଓ ତାଙ୍କର ନ୍ୟୁରୋଏଣ୍ଡ୍ରୋକ୍ରାଇନ୍ ଟ୍ୟୁମର ରହିଥିଲା। ଚତୁର୍ଥ ମୃତକ ହେଲେ ଗଜପତି ଜିଲାର ୫୬ବର୍ଷୀୟ ପୁରୁଷ। ତାଙ୍କର ମଧ୍ୟ ମଧୁମେହ ରୋଗ ରହିଥିଲା। ସେହିପରି ଅଣ କରୋନାରେ ମରିଥିବା ୨ଜଣ ଆକ୍ରାନ୍ତ ହେଲେ ଭଦ୍ରକର ୫୫ବର୍ଷୀୟ ବ୍ୟକ୍ତି, ଯାହାଙ୍କର ସିଜର ଡିଜ୍‌ଅର୍ଡର ଥିଲା ଏବଂ ଯାଜପୁରର ୬୨ବର୍ଷୀୟ ମହିଳା, ଯିଏକି କର୍କଟରେ ଆକ୍ରାନ୍ତ ଥିଲେ ବୋଲି ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ରାଜ୍ୟର ୨୪ ଜିଲାରୁ ପୁଣି ୭୧୮ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ୪୭୯ ଜଣ ସଙ୍ଗରୋଧ କେନ୍ଦ୍ରର ହୋଇଥିବାବେଳେ ୨୩୯ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଗଞ୍ଜାମରୁ ୨୩୧ଜଣ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ୧୫୦, ମାଲକାନଗିରିରୁ ୫୪, କଟକରୁ ୩୨, କେନ୍ଦୁଝରରୁ ୨୮, କୋରାପୁଟରୁ ୨୭, ଝାରସୁଗୁଡ଼ାରୁ ୨୪, ମୟୂରଭଞ୍ଜରୁ ୨୨, ଗଜପତିରୁ ୨୧, ରାୟଗଡ଼ାରୁ ୧୯, ଜଗତ୍‌ସିଂହପୁରରୁ ୧୬, ନୟାଗଡ଼ରୁ ୧୩, ସୁନ୍ଦରଗଡ଼ ଓ ଭଦ୍ରକରୁ ୧୦ ଲେଖାଏ, ପୁରୀ, ଅନୁଗୋଳ ଓ ବାଲେଶ୍ୱରରୁ ୯ ଲେଖାଏ, କନ୍ଧମାଳ ଓ ସମ୍ବଲପୁରରୁ ୭ ଲେଖାଏ, ଢେଙ୍କାନାଳରୁ ୬, ସୋନପୁରରୁ ୫, ବରଗଡ଼ ଓ କେନ୍ଦ୍ରାପଡ଼ାରୁ ୪ ଲେଖାଏ ଓ ନବରଙ୍ଗପୁରରରୁ ଜଣଙ୍କର ନମୁନା ପଜିଟିଭ୍ ଆସିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬,୧୧୦ରେ ପହଞ୍ଚିଛି।

ସବୁଠୁ ବଡ଼ କଥା ହେଲା ପୂର୍ବଭଳି ଗଞ୍ଜାମରୁ ସର୍ବାଧିକ ଆକ୍ରାନ୍ତ ଓ ମୃତ ରହିଛନ୍ତି। ଏହି ଜିଲାରେ ଏବେ ୫୦୯୮ଜଣ ଆକ୍ରାନ୍ତ ହୋଇଛନ୍ତି। ହଟ୍‌ସ୍ପଟ୍ ଜିଲା ତାଲିକାର ସବୁଠୁ ଉପରେ ରହିଥିବା ଗଞ୍ଜାମରୁ ଭୁବନେଶ୍ୱର, କଟକ ଭଳି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ସଂକ୍ରମଣ ବ୍ୟାପୁଥିବା ଜଣାପଡିଛି। ତେଣୁ ଏହି ଜିଲାରୁ କିପରି ସଂକ୍ରମଣ ରୋକିହେବ ସରକାର ସବୁ କଳ, ବଳ ଓ କୌଶଳ ଲଗାଇଦେଇଥିବା ଜଣାପଡିଛି। ସେପଟେ ରାଜ୍ୟରେ ସଂକ୍ରମଣକୁ ଯଥାସମ୍ଭବ ଏଡ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ କରୋନା ଟେଷ୍ଟ ପରିମାଣକୁ ବଢ଼ାଇ ଦିଆଯାଇଥିବାରୁ ଅଧିକରୁ ଅଧିକ ଆକ୍ରାନ୍ତ ଧରାପଡୁଥିବା କୁହାଯାଉଛି। ଶେଷ ୨୪ ଘଣ୍ଟାରେ ୭୮୧୮ ନମୁନା ପରୀକ୍ଷଣ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଏହି ସଂଖ୍ୟା ୩,୬୯,୭୩୮ରେ ପହଞ୍ଚିଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଲକ୍‌ଡାଉନ୍ କଟକଣା ପୂର୍ବରୁ ଭିଡ଼



କଟକସ୍ଥିତ ମାଲଗୋଦାମରୁ ସଉଦା କିଣିବା ପାଇଁ ଶୁକ୍ରବାର ଲୋକ ଓ ଯାନବାହନର ଗହଳି ଲାଗିଛି।

# ‘ଘୋଡ଼ାବେପାରରେ କେନ୍ଦ୍ରମନ୍ତ୍ରୀ ସମ୍ପୃକ୍ତ’



ରଣଦୀପ ସୁର୍ଜେୱାଲା



ଗଜେନ୍ଦ୍ର ସିଂ ଶେଖାୱତ

### ରାଜସ୍ଥାନ ସଙ୍କଟ
- କେନ୍ଦ୍ରମନ୍ତ୍ରୀଙ୍କ ଗିରଫ ଦାବି କଲା କଂଗ୍ରେସ
- ଅଡିଓ ଟେପ୍‌ରେ ମୋ ସ୍ୱର ନାହିଁ: ଶେଖାୱତ

**ଜୟପୁର/ନୂଆଦିଲ୍ଲୀ,୧୭।୭(ପି.ଟି.)**

ରାଜସ୍ଥାନରେ ଅଶୋକ ଗେହଲଟଙ୍କ ନେତୃତ୍ୱାଧୀନ ସରକାରର ପତନ ଘଟାଇବା ଲାଗି ବିଧାୟକମାନଙ୍କୁ ବିପୁଳ ଅର୍ଥ ଯଚାଯାଇଥିଲା। ସରକାରକୁ ଭାଙ୍ଗିବା ପାଇଁ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏବଂ ବିଦ୍ରୋହୀ କଂଗ୍ରେସ ବିଧାୟକ ଭଁୱରଲାଲ ଶର୍ମା ଷଡ଼ଯନ୍ତ୍ର ରଚିଥିଲେ। ତେଣୁ ଉଭୟ କେନ୍ଦ୍ରମନ୍ତ୍ରୀ ଓ ବିଧାୟକଙ୍କୁ ଗିରଫ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଏନେଇ ସାମ୍ନାକୁ ଆସିଥିବା ୨ଟି ଅଡିଓ ଟେପ୍ ଭାଇରାଲ ହେବା ପରେ ପୋଲିସ ଦୁଇଟି ପୃଥକ୍ ଏଫ୍‌ଆଇଆର୍ କରିଛି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଶେଖାୱତ ଅଭିଯୋଗକୁ ଖଣ୍ଡନ କରି ଅଡିଓରେ ଶୁଭୁଥିବା ସ୍ୱର ତାଙ୍କର ନୁହେଁ ବୋଲି କହିଛନ୍ତି। କୌଣସି ପ୍ରକାର ତଦନ୍ତକୁ ସାମ୍ନା କରିବା ପାଇଁ ସେ ପ୍ରସ୍ତୁତ ଥିବା ପ୍ରକାଶ କରିଛନ୍ତି।

କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ଅଡିଓ ଟେପ୍‌ରେ ଶୁଭୁଥିବା ସ୍ୱର କେନ୍ଦ୍ରମନ୍ତ୍ରୀ ଶେଖାୱତ୍‌ଙ୍କର। ସେ ଗେହଲଟ ସରକାରକୁ ଭାଙ୍ଗିବାକୁ ଷଡ଼ଯନ୍ତ୍ର ରଚିଥିବାରୁ ତାଙ୍କୁ ଗିରଫ କରାଯାଉ ବୋଲି ଦାବି କରିଥିଲେ। ପରେ ରାଜସ୍ଥାନ କଂଗ୍ରେସ ମୁଖ୍ୟ ସଚେତକ ମହେଶ ଜୋଷୀ ଥାନାରେ ଏତଲା ଦେଇଥିଲେ। ସେଥିରେ ସେ ‘ଗଜେନ୍ଦ୍ର ସିଂ’ ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ସେହି ଗଜେନ୍ଦ୍ର ସିଂ କେନ୍ଦ୍ରମନ୍ତ୍ରୀ ଶେଖାୱତ ବୋଲି ଲେଖି ନ ଥିଲେ। କଂଗ୍ରେସର ଏତଲା କ୍ରମେ ଘୋଡ଼ାବେପାର ଅଭିଯୋଗରେ ପୋଲିସ ୨ଟି ମାମଲା ରୁଜୁ କରିଛି। ଏନେଇ ଏଡିଜି ଅଶୋକ ରାଠୋଡ଼ କହିଛନ୍ତି, ଆଇପିସି ଧାରା ଲଗାଯାଇ ଦୁଇଟି ଏଫ୍‌ଆଇଆର୍ ଦାଏର ହୋଇଛି। ଅଡିଓ ଟେପ୍‌ରେ ନାମ ଆସିଥିବା ସଞ୍ଜୟ ଜୈନଙ୍କୁ ପଚରାଉଚରା କରାଯାଉଛି। ମହେଶ ଜୋଷୀ କହିଛନ୍ତି, ଅଡିଓରେ ଆମେ ଭଁୱରଲାଲ ଶର୍ମାଙ୍କ ସ୍ୱର ଚିହ୍ନି ପାରୁଛୁ। ଏଥିରେ ସେ ସଞ୍ଜୟ ଜୈନ ଓ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କ ସହ କଥା ହେଉଥିବା ଜଣାପଡୁଛି। ଉକ୍ତ ଅଡିଓକୁ ଯେଉଁମାନେ ଶୁଣିଛନ୍ତି ସେଥିରେ ଥିବା ସ୍ୱର ଗଜେନ୍ଦ୍ର ସିଂ ଶେଖାୱତଙ୍କ ସ୍ୱର ସହ ମେଳଖାଉଥିବା ଜାଣିପାରୁଛନ୍ତି। ତେଣୁ ଆମେ ଏଫ୍‌ଆଇଆର୍ କରିଛୁ। ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହୋଇଯିବ। ଯଦି କେନ୍ଦ୍ରମନ୍ତ୍ରୀ ତାହା ତାଙ୍କର ସ୍ୱର ନୁହେଁ ବୋଲି ଖଣ୍ଡନ କରୁଛନ୍ତି ତେବେ ସେ ଏସ୍‌ଓଜିକୁ ନିଜ ସ୍ୱର ନମୁନା ଦେବା ଉଚିତ ବୋଲି ଜୋଷୀ କହିଛନ୍ତି। ଇତିମଧ୍ୟରେ ରାଜସ୍ଥାନ ପୋଲିସ ଏସ୍‌ଓଜିର ଏକ ଟିମ୍ ହରିୟାଣାର ମାନେସାରସ୍ଥିତ ହୋଟେଲକୁ ବିଧାୟକମାନଙ୍କ ସ୍ୱର ନମୁନା ଆଣିବାକୁ ଯାଇ ହଟହଟା ହୋଇଛନ୍ତି। ହରିୟାଣା ପୋଲିସ ସେମାନଙ୍କୁ ଗେଟ୍ ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥିଲା। ପରେ ସେମାନେ ହୋଟେଲକୁ ଯାଇଥିବା ଜଣାପଡ଼ିଛି।

# କୋଭିଡ୍‌ରେ ମୃତ ଅଙ୍ଗନୱାଡି, ଆଶାକର୍ମୀଙ୍କ ପରିବାରକୁ ମିଳିବ ମାସିକ ସହାୟତା

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

କରୋନା ଲଢ଼େଇରେ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଭୂମିକା ନେଉଛନ୍ତି। ଶୁକ୍ରବାର ରାଜ୍ୟ ସରକାର ଆଉ ଏକ ନୂଆ ଘୋଷଣା କରିଛନ୍ତି। କୋଭିଡ୍ ଯୁଦ୍ଧରେ ସାମିଲ ଥିବା କୌଣସି ଅଙ୍ଗନୱାଡି କର୍ମୀ ସଂକ୍ରମିତ ହୋଇ ପ୍ରାଣ ହରାଇଲେ ସେମାନଙ୍କ ପରିବାରକୁ ମାସିକ ସହାୟତା ରାଶି ପ୍ରଦାନ କରାଯିବ। ତାଙ୍କ ସ୍ୱାମୀ କିମ୍ବା ନିକଟତମ ଆତ୍ମୀୟଙ୍କୁ ମାସକୁ ୭,୫୦୦ ଟଙ୍କା ଲେଖାଏ ଭତ୍ତା ମିଳିବ। ଚାକିରିକାଳ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ମୃତ ଅଙ୍ଗନୱାଡ଼ି କର୍ମୀଙ୍କୁ ୬୦ବର୍ଷ ପୂରିବା ପର୍ଯ୍ୟନ୍ତ ଏହି ସହାୟତା ରାଶି ମିଳିବ। ସେହିଭଳି ଆଶାକର୍ମୀଙ୍କ ମୃତ୍ୟୁ ଘଟିଲେ ତାଙ୍କ ସ୍ୱାମୀ କିମ୍ବା ନିକଟତମ ଆତ୍ମୀୟ ମାସିକ ୫,୦୦୦ ଟଙ୍କା ଲେଖାଏ ସହାୟତା ପାଇବେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏନେଇ ଘୋଷଣା କରିଛନ୍ତି। ପୂର୍ବରୁ ମଧ୍ୟ ରାଜ୍ୟ ସରକାର ଏମାନଙ୍କ ସହ ପ୍ରତ୍ୟେକ କୋଭିଡ୍ ଯୋଦ୍ଧାଙ୍କ ମୃତ୍ୟୁ କ୍ଷେତ୍ରରେ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

କରୋନା ମହାମାରୀ ରୋକିବା ଲାଗି ରାଜ୍ୟ ସରକାର ବିଭିନ୍ନ ପ୍ରତିଷେଧମୂଳକ ପଦକ୍ଷେପ ନେଇଛନ୍ତି। ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ସହ ଟିଏମ୍‌ସି, କୋଭିଡ୍ କେୟାର ହୋମ୍ ଆଦି ଖୋଲି କୋଭିଡ୍ ରୋଗୀଙ୍କୁ ସେବା ଯୋଗାଇ ଦେଉଛନ୍ତି। ତେବେ ଏ ସମସ୍ତ କାର୍ଯ୍ୟରେ ଯେଉଁ କୋଭିଡ୍ ଯୋଦ୍ଧାମାନେ ଆଗଧାଡ଼ିରେ ରହି ସେବା ଯୋଗାଉଛନ୍ତି ସେମାନଙ୍କ ମଧ୍ୟରେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କୋଭିଡ୍ ଯୋଦ୍ଧାଙ୍କ ସହ ନିୟମିତ ଯୋଗାଯୋଗରେ ରହିଛନ୍ତି। ବିଭିନ୍ନ ଜିଲାର ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଟେଲିଫୋନ୍ କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝୁଛନ୍ତି। ସେମାନଙ୍କ ପରାମର୍ଶକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଥିବା ଦାସ ସୂଚନା ଦେଇଛନ୍ତି।

# ୫ ଜିଲାରେ ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ଗାଏବ। ଆସନ୍ତା ୩ ଦିନ ଯାଏ ବର୍ଷାର ସମ୍ଭାବନା ନାହିଁ। ଗୋଟିଏ କିମ୍ବା ଦୁଇଟି ସ୍ଥାନକୁ ବାଦ୍ ଦେଲେ ରାଜ୍ୟରେ ବର୍ଷାର ସୂଚନା ନାହିଁ। ପାଣିପାଗ ବିଭାଗ ଅନୁଯାୟୀ ରାଜ୍ୟରେ ଜୁନ୍ ପହିଲାରୁ ଜୁଲାଇ ୧୭ ମଧ୍ୟରେ ସ୍ୱାଭାବିକ ଠାରୁ ମାତ୍ର ୧% ଅଧିକ ବର୍ଷା ହୋଇଛି। ଏହି ସମୟରେ ୩୯୩.୩ ମିମି ବର୍ଷା ହେବାକୁ ଥିବାବେଳେ ହୋଇଛି ମାତ୍ର ୩୯୬.୩ ମିମି। ତେବେ ରାଜ୍ୟର ୫ଟି ଜିଲାରେ ଅନାବୃଷ୍ଟି ପରିସ୍ଥିତି ସୃଷ୍ଟି ହୋଇଛି।

# ବିପିୟୁଟି ଅନ୍‌ଲାଇନ ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର,୧୭।୭ (ବ୍ୟୁରୋ)**

କରୋନାଜନିତ କଟକଣା ଲାଗି ବିପିୟୁଟିର ସମସ୍ତ ଅନ୍‌ଲାଇନ ପରୀକ୍ଷା ସ୍ଥଗିତ କରିଦିଆଯାଇଛି। ଆସନ୍ତା ୩୧ ପର୍ଯ୍ୟନ୍ତ ଏହିସବୁ ପରୀକ୍ଷା ସ୍ଥଗିତ ରହିଛି। ବିପିୟୁଟି କୁଳପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀ ଶୁକ୍ରବାର ଏନେଇ ସୂଚନା ଦେଇଛନ୍ତି। ତ୍ରିପାଠୀ କହିଛନ୍ତି, କରୋନା ପାଇଁ ରାଜ୍ୟର ୪ଟି ଜିଲା କଟକ, ଖୋର୍ଦ୍ଧା, ଗଞ୍ଜାମ ଏବଂ ଯାଜପୁର ସମ୍ପୂର୍ଣ୍ଣ ଦୁଇ ସପ୍ତାହ ପର୍ଯ୍ୟନ୍ତ ଲକ୍‌ଡାଉନ ହୋଇଛି। ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାରେ ସମସ୍ୟା ହେବ। ତେଣୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏମ୍‌ବିଏ, ବିଟେକ୍, ବି-ଫାର୍ମା, ଇଣ୍ଟିଗ୍ରେଟେଡ୍ ଏମ୍‌ଏସସି, ଏମ୍‌ବିଏ ପରୀକ୍ଷା ଆଦି ସ୍ଥଗିତ ରହିଛି। ଗତ ୯ ତାରିଖରେ ଅନ୍‌ଲାଇନରେ ପରୀକ୍ଷା ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ଯେ, ଜୁନ୍ ୧୯ରେ ରାଜ୍ୟ ସରକାର ଏକ ବିଜ୍ଞପ୍ତି ଜାରି କରି ବିପିୟୁଟିକୁ ସମସ୍ତ ପାଠ୍ୟକ୍ରମର ଫାଇନାଲ ସେମିଷ୍ଟର ପରୀକ୍ଷା ଜୁଲାଇ ପ୍ରଥମ ସପ୍ତାହରେ ଅନ୍‌ଲାଇନ ମାଧ୍ୟମରେ ସାରି ଶେଷ ସପ୍ତାହରେ ଫଳ ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିପିୟୁଟି ଏହି ଅନ୍‌ଲାଇନ ପରୀକ୍ଷା ବ୍ୟବସ୍ଥାକୁ ଏଆଇଏସ୍‌ଓ ଓ ଅନ୍ୟ ଛାତ୍ର ସଙ୍ଗଠନଗୁଡିକ ବିରୋଧ କରିଥିଲେ। ଗ୍ରାମାଞ୍ଚଳରେ ରହୁଥିବା ପିଲାମାନେ ବିପିୟୁଟି କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତି ଯୋଗୁ ପରୀକ୍ଷା ଦେବାରେ ସମସ୍ୟା ହେବ ବୋଲି ଦର୍ଶାଇଛନ୍ତି।

# କରୋନା ଶିଖାଇଲା ପରିଶ୍ରମ

**ବୈପାରୀଗୁଡା,୧୭।୭ (ଡି.ଏନ୍.ଏ.)**

- ଭିକ୍ଷାବୃତ୍ତି କରି ଚଳୁଥିଲେ
- ପ୍ରତିକୂଳ ପରିସ୍ଥିତି ଛଡାଇନେଲା ବୃତ୍ତି
- ବିଭିନ୍ନ ନିର୍ମାଣସ୍ଥଳରେ କରୁଛନ୍ତି କାମ

ପରିସ୍ଥିତି ମଣିଷକୁ ବଦଳାଇଦିଏ। ତା’ର ସ୍ୱଭାବ ଓ ଆଚରଣରେ ପରିବର୍ତ୍ତନ କରେ। ବର୍ତ୍ତମାନ ମହାମାରୀ ସମୟରେ ଏପରି କିଛି ପରିବର୍ତ୍ତନ ଦେଖାଦେଇଛି କୋରାପୁଟ ଜିଲା ବୈପାରିଗୁଡା ବ୍ଲକର କେତେଜଣ ଭିକ୍ଷାବୃତ୍ତି କରି ଚଳୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ। ସେମାନେ ନିଜ ବୃତ୍ତି ବଦଳାଇ କାମ କରି ପେଟ ପୋଷିବାକୁ ବାଧ୍ୟ ହୋଇଛନ୍ତି।

ମହାରାଷ୍ଟ୍ର ରାଜ୍ୟ ନାଗପୁର ଜିଲା ଉଦାସ ଅଞ୍ଚଳର ୧୫ ପରିବାରର ୧୨୦ ସଦସ୍ୟ ଦୀର୍ଘ ବର୍ଷ ହେବ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଯାଯାବର ଜୀବନ ଅତିବାହିତ କରୁଥିଲେ। ପୁରୁଷମାନେ ଜ୍ୟୋତିଷ ସାଜି ଗ୍ରାମକୁ ଗ୍ରାମ ବୁଲି ଗ୍ରହଶାନ୍ତି ପାଇଁ ରତ୍ନପଥର କହି କିଛି ରଙ୍ଗବେରଙ୍ଗ ପଥର ଲୋକଙ୍କୁ ବିକ୍ରି କରୁଥିଲେ। ମହିଳା ଓ ଛୋଟ ପିଲାମାନେ ଘର ଘର ବୁଲି ଭିକ୍ଷା ମାଗୁଥିଲେ। ଲକ୍‌ଡାଉନ୍ ଯୋଗୁ ଏହି ୧୫ ପରିବାର ଫଶି ଯାଇଥିଲେ। ଘରୁ ବାହାରି ନ ପାରିବା ଯୋଗୁ ସେମାନେ ଏକପ୍ରକାର ଅନାହାର ପରିସ୍ଥିତିରେ ପହଞ୍ଚି ଯାଇଥିଲେ। ସେମାନଙ୍କ ଏପରି ଦୁର୍ଦ୍ଦଶା ସମ୍ପର୍କରେ ‘କରୋନା ଛଡାଇ ନେଇଛି ବୃତ୍ତି’ ଶୀର୍ଷକ ଏକ ଖବର ମାର୍ଚ୍ଚ ୨୮ରେ ‘ଧରିତ୍ରୀ’ରେ ପ୍ରକାଶ ପରେ ସହାୟତା କରିବାକୁ ଜିଲାପାଳ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏହି ପରିବାରର ୧୨୦ ସଦସ୍ୟଙ୍କୁ ମାର୍ଚ୍ଚ ୨୯ରୁ ମାସେ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଲକ୍‌ଡାଉନ୍ ଉଠିବା ପରେ ପ୍ରଶାସନ ସେମାନଙ୍କୁ ଦେଉଥିବା ରନ୍ଧାଖାଦ୍ୟ ବନ୍ଦ କରିଦେଇଥିଲା। ଫଳରେ ପ୍ରତିକୂଳ ପରିସ୍ଥିତି ଯୋଗୁ ସେମାନେ ପୂର୍ବପରି ବୃତ୍ତି ଜାରି ରଖିପାରିଲେ ନାହିଁ। ଏବେ ସେମାନେ ବାଧ୍ୟ ହୋଇ ସରକାରୀ ଅଥବା ବେସରକାରୀ ନିର୍ମାଣ କାମରେ ମଜୁରିଆ ଭାବେ କାମ କରୁଛନ୍ତି। ମହିଳାମାନେ ଦୈନିକ ୧ ଶହ ୫୦ ଟଙ୍କା ଓ ପୁରୁଷମାନେ ୨ ଶହ ଟଙ୍କା ରୋଜଗାର କରୁଛନ୍ତି। ପ୍ରତି ପରିବାର ଦୈନିକ ୫ ଶହରୁ ୬ ଶହ ଟଙ୍କା ରୋଜଗାର କରୁଛନ୍ତି। ଏବେ ଚାଷ ସମୟରେ ମଜୁରିଆ ମିଳୁ ନ ଥିବା ବେଳେ ସେମାନଙ୍କ ଚାହିଦା ବଢ଼ିଛି। ଭିକ୍ଷା ବୃତ୍ତିରୁ ଲକ୍‌ଡାଉନ ସେମାନଙ୍କୁ ଦୂରେଇ ଦେଇଛି। ପରିଶ୍ରମ କରି ଉଚିତ୍ ମାର୍ଗରେ ଅର୍ଥ ରୋଜଗାରର ବାଟ ସମୟ ସେମାନଙ୍କୁ ଶିଖାଇ ଦେଇଛି ବୋଲି ଏହି ଯାଯାବର ଜୀବନ ଜୀଉଥିବା ପରିବାରର କେତେକ ସଦସ୍ୟ ପ୍ରକାଶ କରିଛନ୍ତି।



ଏକ ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ଲାଗିଥିବା ଯାଯାବର ପରିବାରର ସଦସ୍ୟ।

# ମହାରାଣୀଙ୍କ ନାତୁଣୀ ଗୋପନରେ ବାହାହେଲେ

**ଲଣ୍ଡନ,୧୭।୭**

ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ନାତୁଣୀ ପ୍ରିନ୍ସେସ୍ ବିଟ୍ରାଇସ୍ ଗୋପନରେ ବାହା ହୋଇଛନ୍ତି। ସେ ତାଙ୍କ ପ୍ରେମିକ ତଥା କୋଟିପତି ପ୍ରପର୍ଟି ଟାଇକୁନ୍ ଏଡୋଆର୍ଡୋ ମାପେଲି ମୋଜିଙ୍କ ସହ ଶୁକ୍ରବାର ୱିଣ୍ଡସରଠାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବ୍ରିଟେନର ପ୍ରଭାବଶାଳୀ ରାଜ ପରିବାରକୁ ମହାମାରୀ କରୋନା କିପରି ପ୍ରଭାବିତ କରିଛି ତାହା ଉକ୍ତ ବିବାହୋତ୍ସବରୁ ସ୍ପଷ୍ଟ ହେଉଛି ବୋଲି ସେଠାକାର ଗଣମମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

ନାତୁଣୀଙ୍କ ବାହାଘରରେ ୯୪ ବର୍ଷୀୟା କୁଇନ୍ ଏଲିଜାବେଥ ଓ ତାଙ୍କର ୯୯ ବର୍ଷୀୟ ସ୍ୱାମୀ ତଥା ଏଡିନ୍‌ବର୍ଗର ଡ୍ୟୁକ୍ ପ୍ରିନ୍ସ ଫିଲିପ୍ ଯୋଗଦେଇଥିଲେ। କୋଭିଡ୍ ୧୯କୁ ଦୃଷ୍ଟିରେ ରଖି ନିରାଡ଼ମ୍ବର ଭାବେ ଆୟୋଜିତ ଏହି ବିବାହ ଉତ୍ସବରେ ପ୍ରାୟ ୨୦ ଜଣ ଅତିଥି ସାମିଲ ହୋଇଥିଲେ। ସମସ୍ତ ସରକାରୀ କଟକଣାକୁ ଉତ୍ସବରେ କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା।



ମହାରାଣୀ ଏଲିଜାବେଥ୍‌ଙ୍କ ସହ ପ୍ରିନ୍ସେସ୍ ବିଟ୍ରାଇସ୍ ଓ ଏଡୋଆର୍ଡୋ ମାପେଲି।

ଏଥିରେ ମହାରାଣୀଙ୍କ ପୁଅ ତଥା ବିଟ୍ରାଇସ୍‌ଙ୍କ ବାପା ପ୍ରିନ୍ସ ଆଣ୍ଡ୍ର୍ୟୁ (୬୦) ମଧ୍ୟ ଉପସ୍ଥିତ ଥିଲେ ବୋଲି ବକିଂହାମ ପ୍ୟାଲେସ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି।

୩୧ ବର୍ଷୀୟା ବିଟ୍ରାଇସ୍ ଏବଂ ୩୭ ବର୍ଷୀୟ ମୋଜି ଲଣ୍ଡନର ସେଣ୍ଟ ଜେମ୍ସ ପ୍ୟାଲେସସ୍ଥିତ ଚାପେଲ ରୟାଲରେ ଗତ ମେ’ ୨୯ରେ ବାହାହେବାର ଥିଲା। ଉକ୍ତ ଉତ୍ସବରେ ୧୫୦ ଅତିଥି ଯୋଗଦେବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ କରୋନା ଭାଇରସ୍ ଲକ୍‌ଡାଉନ ଯୋଗୁ ଉକ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା। ତେବେ ବିନା କୌଣସି ପ୍ରାକ୍ ସୂଚନାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ହଠାତ୍ ଏହି ବାହାଘର କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିବାହ ଉତ୍ସବକୁ ବାହାର ଅତିଥିଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା। ଏଥିରେ କେବଳ ରାଜ ପରିବାର ସଦସ୍ୟ ଯୋଗଦେଇଥିଲେ। ବ୍ରିଟେନରେ ଗତ ମାର୍ଚ୍ଚ ମାସରେ ଲକ୍‌ଡାଉନ ଜାରି ହେବା ପରଠାରୁ ସମ୍ରାଜ୍ଞୀ ଓ ପ୍ରିନ୍ସ ଫିଲିପ୍ ୱିଣ୍ଡସର୍ କ୍ୟାଶେଲରେ ରହୁଛନ୍ତି। ରାଜ ଦମ୍ପତି ସେଠାରୁ ଗ୍ରେଟ ପାର୍କ ଦେଇ ବିବାହ ଅନୁଷ୍ଠିତ ହୋଇଥିବା ଏକ ଚର୍ଚ୍ଚକୁ ଯାଇଥିଲେ। ବିବାହ ବେଳର ଫଟୋ ମଧ୍ୟ ସାର୍ବଜନୀନ କରାଯାଇ ନାହିଁ ବୋଲି ‘ଦି ସନ୍’ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି।

ୟୋର୍କ ଡ୍ୟୁକ୍ ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କୁ ଏକ ଅପରାଧିକ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ରାଜକୀୟ ଦାୟିତ୍ୱରୁ ହଟାଇବା ପରଠୁ ଚାପରେ ଅଛନ୍ତି। ତେଣୁ ସେ ନିଜ ଝିଅଙ୍କ ବାହାଘରରେ ଯୋଗଦେବେ କି ନାହିଁ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ରୟାଲ ଲଜ୍‌ରେ ବ୍ରିଟାଇସ୍ ବାପା ଆଣ୍ଡ୍ର୍ୟୁ ଓ ମା’ ସାରା ଫର୍ଗୁସନଙ୍କ ସହ ରାତ୍ରିଯାପନ କରିବା ପରେ ବିଟ୍ରାଇସ୍ ବିବାହ ପାଇଁ ଚର୍ଚ୍ଚକୁ ଆସିଥିଲେ। ଏହା ପୂର୍ବରୁ ବିଟ୍ରାଇସ୍ ଏବଂ ଡାଭେ କ୍ଲାର୍କ ୧୦ ବର୍ଷ ଧରି ପରସ୍ପରକୁ ଭଲ ପାଉଥିଲେ। ୨୦୧୬ରେ ବ୍ରେକ୍‌ଅପ୍ ହେବା ପରେ ବିଟ୍ରାଇସ୍ ଓ ମୋଜିଙ୍କ ମଧ୍ୟରେ ୨୦୧୮ ସେପ୍ଟେମ୍ବରରେ ଇଟାଲୀରେ ନିର୍ବନ୍ଧ ହୋଇଥିଲା। ପ୍ରପର୍ଟି ଡେଭେଲପର ଏଡୋଆର୍ଡୋ ମାପେଲି ମୋଜି ହେଉଛନ୍ତି ବ୍ରିଟେନର ପୂର୍ବତନ ଅଲିମ୍ପିଆନ୍ ତଥା ଇଟାଲୀୟ କାଉଣ୍ଟ ଆଲେସାଣ୍ଡ୍ରୋ ମାପେଲି ମୋଜିଙ୍କ ପୁଅ।

**ଆଜିର ମନ୍ତବ୍ୟ**
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପରିଣାମଦର୍ଶିତା ଭାରତକୁ ଦୁର୍ବଳ କରି ବିପଦକୁ ଠେଲିଦେଇଛି।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରଷି
ପରିବାରବର୍ଗ


ଶ୍ରେୟାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍ୱାମୀ କାତି ଚୋଟରେ ସ୍ତ୍ରୀଙ୍କ ଜୀବନ ଗଲା

**ଭଞ୍ଜନଗର,୧୭।୭(ଡି.ଏନ.ଏ)**

ଗଞ୍ଜାମ ଜିଲା ବେଲଗୁଣ୍ଠା ଫାଣ୍ଡି ଅଡ଼େଇଗାଁରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ସ୍ତ୍ରୀଙ୍କୁ କାତିରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ। ମୃତକ ହେଲେ ରଶ୍ମିତା ଗୌଡ଼। ପୋଲିସ ମାମଲା (ନଂ.୩୮୧/୨୦) ରୁଜୁକରି ତଦନ୍ତ ଚଳାଇଛି। ଘଟଣା ପରେ ସ୍ୱାମୀ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ଗୁରୁବାର ରାତିରେ ଡାକ ଓ ରଶ୍ମିତାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ଡାକ ଏକ କାତିରେ ସ୍ତ୍ରୀ ରଶ୍ମିତାଙ୍କୁ ହାଣି ଦେଇଥିଲେ। ଏହି ସମୟରେ ୨ନାବାଳକ ପୁଅ ମଧ୍ୟ ସେହି ଘରେ ଶୋଇଥିଲେ। ଅନ୍ୟ ରୁମ୍‌ରେ ଥିବା ପରିବାର ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ବେଲଗୁଣ୍ଠା ପୋଲିସ ରଶ୍ମିତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲକୁ ଆଣିଥିଲେ। ଚିକିତ୍ସା ଚାଲିଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ପରେ ଡାକ କୂଅକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ କରି ଗାଁ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ।

# ଭିଜିଲାନ୍ସ ଜାଲରେ ବାସୁଦେବପୁର ସିଡିପିଓ

**ବାସୁଦେବପୁର, ୧୭।୭(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସିଡିପିଓ ଜାନକୀ ଦାସ ନିଜ କାର୍ଯ୍ୟାଳୟର ଅସ୍ଥାୟୀ ଡ୍ରାଇଭର ରାଜକିଶୋର ନାୟକଙ୍କଠାରୁ ୪ ମାସର ଦରମା କରାଇ ଦେବାକୁ କହି ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଅପରାହ୍ନରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ବିଭାଗର ବରିଷ୍ଠ ଅଧିକାରୀ ବାଲେଶ୍ୱର ରେଞ୍ଜ ଡିଏସ୍‌ପି ଏସ୍‌କେ ସାମନ୍ତରାୟ, ଭଦ୍ରକ ଡିଏସ୍‌ପି ଡିସି ମୁର୍ମୁ ପ୍ରମୁଖ ସିଡିପିଓଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି। ସିଡିପିଓଙ୍କ ବ୍ୟକ୍ତିଗତ କାର୍ (ଓଡ଼ି ୨୨କ୍ୟୁ-୦୪୦୪) ମଧ୍ୟ ଜବତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ବର୍ଷ ଧରି ସିଡିପିଓଙ୍କ କାର୍ଯ୍ୟାଳୟରେ ରାଜକିଶୋର ଜଣେ ଅସ୍ଥାୟୀ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ବକେୟା ଦରମା କରାଇ ଦେବାକୁ ସିଡିପିଓ ୩ ହଜାର ଟଙ୍କା ଦାବି କରିଥିଲେ। ଏ ବାବଦରେ ରାଜକିଶୋର ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ପୂର୍ବ ଯୋଜନା ମୁତାବକ ସିଡିପିଓ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ସିଡିପିଓ ଦାସ କୁହନ୍ତି ରାଜକିଶୋର ତାଙ୍କଠାରୁ ପୂର୍ବରୁ ୩ ହଜାର ଟଙ୍କା ଧାର ନେଇଥିବା ବେଳେ ଏହି ଟଙ୍କା ସେ ଶୁକ୍ରବାର ଅପରାହ୍ନରେ ଫେରସ୍ତ ଦେଇଥିଲେ। ଦରମା ବାବଦକୁ ସେ ରାଜକିଶୋରଙ୍କୁ ଲାଞ୍ଚ ମାଗି ନ ଥିଲେ ବୋଲି ମତ ରଖି ଏହା ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି।


କଟକ ସିଡିଏ ରାସ୍ତା ପାର୍ଶ୍ୱସ୍ଥ ସିମେଣ୍ଟ କଂକ୍ରିଟ ପାଇପ୍ ଭିତରେ ଶୁକ୍ରବାର ଜଣେ ଶ୍ରମିକ ସାମୟିକ ବିଶ୍ରାମ ନେଉଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସଂଶୋଧିତ ଗାଇଡ୍‌ଲାଇନ ...

ଅତ୍ୟାବଶ୍ୟକ ସେବା, ସଂସ୍ଥା, ସରକାରୀ କାର୍ଯ୍ୟାଳୟକୁ ଏଥିରୁ ବାଦ୍ ଦିଆଯାଇଛି। ଶୁକ୍ରବାର ରାଜ୍ୟ ସରକାର ଏ ନେଇ ଏକ ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛନ୍ତି। ପ୍ରକାଶିତ ଗାଇଡ୍‌ଲାଇନ ଅନୁଯାୟୀ ଟେଲିକମ୍, ଇଣ୍ଟରନେଟ୍ ସେବା ଯୋଗାଉଥିବା ସଂସ୍ଥାର କର୍ମଚାରୀମାନେ ଲକ୍‌ଡାଉନ ସମୟରେ ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ସେହିପରି ଡାଟା ଓ କଲ୍ ସେଣ୍ଟର, ବ୍ୟାଙ୍କ, ବୀମା ଏବଂ ଆର୍ଥିକ ଅନୁଷ୍ଠାନ ୨୫% କର୍ମଚାରୀଙ୍କୁ ନେଇ ଖୋଲାରହିବ। ସିକ୍ୟୁରିଟି ଓ ଏକ୍ସଚେଞ୍ଜ ବୋର୍ଡ ଦ୍ୱାରା ବିଜ୍ଞପିତ କ୍ୟାପିଟାଲ ଓ ଋଣ ସେବା ସଂସ୍ଥା ସର୍ବନିମ୍ନ କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟ ଖୋଲିବେ। ଭାରତ ସରକାରଙ୍କ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) କାର୍ଯ୍ୟାଳୟ ସର୍ବନିମ୍ନ କର୍ମଚାରୀଙ୍କୁ ନେଇ ଖୋଲିପାରିବେ। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ସାଧାରଣ ପ୍ରଶାସନ ବିଭାଗ ବିଜ୍ଞପ୍ତି ଆଧାରରେ ଖୋଲିପାରିବେ। ଜାତିସଂଘ କାର୍ଯ୍ୟାଳୟ ଏବଂ ଖଣି କାର୍ଯ୍ୟ ଚାଲୁରହିବ। ଫଳ, ମାଛ, ମାଂସ, ଚିକେନ, ଅଣ୍ଡା ବିକ୍ରି କରୁଥିବା ଦୋକାନଗୁଡିକ ମଧ୍ୟ ସକାଳ ୬ରୁ ମଧ୍ୟାହ୍ନ ୧ଟା ଯାଏ ଖୋଲା ରହିବ। ତେବେ ଏହି ଦୋକାନଗୁଡିକ କୋଭିଡ୍-୧୯ ଗାଇଡ୍‌ଲାଇନ ପାଳନ କରି ଦୋକାନ ଖୋଲିବେ। ସ୍ଥାନୀୟ ପ୍ରଶାସନିକ କର୍ତ୍ତୃପକ୍ଷ ଆବଶ୍ୟକସ୍ଥଳେ ମାଛ, ମାଂସ ଓ ଅଣ୍ଡା ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିପାରିବେ। ଲକ୍‌ଡାଉନ ସମୟରେ ଶୀତଳଭଣ୍ଡାର, ଗୋଦାମ ଗୃହ ଏବଂ ପ୍ୟାକେଜ କରୁଥିବା ସଂସ୍ଥା ଖୋଲାରହିବ। ଘରୋଇ ସୁରକ୍ଷା କର୍ମୀମାନଙ୍କୁ ମଧ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ଅବକାରୀ ବିଭାଗର ଗାଇଡ୍‌ଲାଇନ ଆଧାରରେ ଲକ୍‌ଡାଉନ ସମୟରେ ମଦଦୋକାନଗୁଡିକ ହୋମ୍ ଡେଲିଭରି କରିପାରିବେ।

### ହସ୍ପିଟାଲରେ ଐଶ୍ୱର୍ଯ୍ୟା...

କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହେବା ପରେ ମାଆ-ଝିଅ ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ଗଳାରେ ଯନ୍ତ୍ରଣା ସାଙ୍ଗକୁ ଜ୍ୱର ହେଉଥିବା ସେମାନେ ଡାକ୍ତରଙ୍କୁ ଜଣାଇବା ପରେ ବିଏମ୍‌ସି ଟିମ୍ ତାଙ୍କ ଜଲ୍‌ସା ବାସଭବନରେ ପହଞ୍ଚିଥିଲେ। ସେମାନେ ଐଶ୍ୱର୍ଯ୍ୟା ଓ ଆରାଧ୍ୟାଙ୍କୁ ଦୁଇଟି ଆମ୍ବୁଲାନ୍ସରେ ହସ୍ପିଟାଲ ନେଇଯାଇଥିଲେ। ସୂଚନାଯୋଗ୍ୟ କରୋନା ସଂକ୍ରମିତ ମେଗାଷ୍ଟାର ଅମିତାଭ ବଚ୍ଚନ ଓ ତାଙ୍କ ପୁଅ ଅଭିଷେକ ନାନାବତୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କୁ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ରଖାଯାଇଛି।

### ପକ୍କାଘରକୁ ପାଣି ...

ତେବେ ସେଥିରୁ ଫେବୃୟାରୀ ସୁଦ୍ଧା ମାତ୍ର ୮୦୦ କୋଟି ଟଙ୍କା ମିଳିଥିଲା। ସେଥିରୁ ୪୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବିଭାଗ ସୂତ୍ରରୁ ଜଣାପଡିଛି। ପିଏମ୍‌ଏୱାଇରେ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଖର୍ଚ୍ଚ ବହନ କରିଥାଆନ୍ତି। ରାଜ୍ୟ ସରକାର ନିଜ ଅଂଶଧନ ଦେଉଥିବା ବେଳେ କେନ୍ଦ୍ରୀୟ ଅଂଶଧନ ବିଳମ୍ବ ଯୋଗୁ ଏହି ଯୋଜନା ଏବେ ମାନ୍ଧାବସ୍ଥାକୁ ଚାଲିଯାଇଛି। ଗୋଟିଏ ପଟେ ରାଜ୍ୟ ସରକାର ନୂତନ ହିତାଧିକାରୀ ସାଉଁଟିବାରେ ବ୍ୟସ୍ତ ରହିଥିବା ବେଳେ ଅନ୍ୟ ପଟେ ୨୦୧୧ରୁ ୨୦୧୫ ମଧ୍ୟରେ ଇନ୍ଦିରା ଆବାସ ଯୋଜନା (ଆଇଏୱାଇ)ରେ ଘର ପାଇଥିବା ୪୦ ହଜାର ହିତାଧିକାରୀଙ୍କୁ ନେଇ ହରଡ଼ଘଣାରେ ପଡ଼ିଛନ୍ତି। ସେହି ହିତାଧିକାରୀ ୨/୩ଟି କିସ୍ତି ନେଇ ଘର କରିନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ ୪୦,୬୬୯ ହିତାଧିକାରୀ ଇନ୍ଦିରା ଆବାସ ଯୋଜନାରେ ପାଇଥିବା ଘର ନିର୍ମାଣ ଶେଷ କରିନାହାନ୍ତି। ୨୦୧୩-୧୪ରେ ୮,୩୨୨ ଜଣ ହିତାଧିକାରୀ ଦୁଇ ତିନୋଟି କିସ୍ତି ନେଇ ଘର ନିର୍ମାଣ କରି ନ ଥିବା ବେଳେ ୨୦୧୪-୧୫ରେ ୧୫,୧୬୩ ଏବଂ ୨୦୧୫-୧୬ରେ ୧୭,୧୮୪ ହିତାଧିକାରୀ ଆଇଏୱାଇରେ ଟଙ୍କା ନେଇଥିଲେ ମଧ୍ୟ ଘର ନିର୍ମାଣ ସମ୍ପୂର୍ଣ୍ଣ କରିନାହାନ୍ତି। ସେହି ହିତାଧିକାରୀଙ୍କର କଚ୍ଚାଘର ଥିଲେ ମଧ୍ୟ ସେମାନଙ୍କୁ ପିଏମ୍‌ଏୱାଇରେ ସାମିଲ କରାଯାଇ ପାରୁନାହିଁ। ଆଇଏୱାଇ କିସ୍ତି ଟଙ୍କା ନ ଫେରାଇଲେ ପିଏମ୍‌ଏୱାଇରେ ସେମାନଙ୍କୁ ସାମିଲ କରାଯାଇ ପାରିବ ନାହିଁ। ଯେଉଁ ହିତାଧିକାରୀ କିସ୍ତି ଅର୍ଥ ଫେରାଉ ନାହାନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଉଛି। ଏହା ସତ୍ତ୍ୱେ ଅନେକେ ଟଙ୍କା ଫେରସ୍ତ କରୁନାହାନ୍ତି। ଯେଉଁ କେତେକ ହିତାଧିକାରୀ ଟଙ୍କା ଫେରାଇବାକୁ ଚାହୁଁଛନ୍ତି ସେମାନେ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ପାଇବାକୁ ଦାବି କରୁଛନ୍ତି। ଯେଉଁମାନଙ୍କର କ୍ରମିକ ନମ୍ବର ଅନୁଯାୟୀ ଘର ପାଇବାକୁ ପାଳି ପଡୁଛି ସେମାନେ ଏହାର ବିରୋଧ କରୁଛନ୍ତି। କିନ୍ତୁ ଫେରାଇଲେ ମଧ୍ୟ ଆଇଏୱାଇ ହିତାଧିକାରୀଙ୍କୁ କ୍ରମିକ ନମ୍ବର ଆସିବା ଯାଏ ଅପେକ୍ଷା କରିବାକୁ ପଡ଼ିବ। ତେବେ ସେହି ହିତାଧିକାରୀମାନେ ସରକାରଙ୍କ ଏହି ପ୍ରସ୍ତାବରେ ରାଜି ହେଉନାହାନ୍ତି। ଫଳରେ ଆଇଏୱାଇ ହିତାଧିକାରୀମାନଙ୍କୁ ନୂତନ ହିତାଧିକାରୀ ତାଲିକାରେ ସାମିଲ କରାଯାଇ ପାରୁ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୨୦୧୪ରୁ ଏପର୍ଯ୍ୟନ୍ତ ୨୭ ଲକ୍ଷ ପକ୍କାଘର ନିର୍ମାଣ ହୋଇଛି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଦେଓ ରଞ୍ଜନ କୁମାର ସିଂ କହିଛନ୍ତି ଯେ, ପକ୍କାଘର ନିର୍ମାଣ ପାଇଁ କୌଣସି ସମସ୍ୟା ନାହିଁ। ରାଜ୍ୟ ସରକାର ଏଥିପାଇଁ ୧ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। କେନ୍ଦ୍ର ସରକାରଙ୍କୁ ୨ ହଜାର କୋଟି ଟଙ୍କା ମଗାଯାଇଥିଲା। ୮୦୦ କୋଟି ଟଙ୍କା ମିଳିଛି। ତେବେ ରାଜ୍ୟ ସରକାର ନିଜ ପାଣ୍ଠିରେ ପକ୍କାଘର ନିର୍ମାଣ ଜାରି ରଖିବେ । ଚଳିତ ବର୍ଷ ପିଏମ୍‌ଏୱାଇର ଧାର୍ଯ୍ୟଲକ୍ଷ୍ୟ ପୂରଣ ହେବ। ନୂତନ ହିତାଧିକାରୀଙ୍କୁ କେନ୍ଦ୍ର ସରକାର ଅନୁମୋଦନ କରିବା ପରେ ଏହି ଯୋଜନାରେ ସାମିଲ କରାଯିବ ବୋଲି ସେ କହିଛନ୍ତି।

### ହେଡ୍‌କ୍ୱାର୍ଟର୍ସ ଛାଡ଼ିବା ...

ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କୌଣସି କର୍ମଚାରୀ ଲକ୍‌ଡାଉନ ସମୟରେ ମୁଖ୍ୟାଳୟ (ହେଡ୍‌କ୍ୱାର୍ଟର୍ସ) ଛାଡି ବାହାରକୁ ଯାଇପାରିବେ ନାହିଁ। ଜରୁରୀ କାର୍ଯ୍ୟ ପାଇଁ ଆବଶ୍ୟକ ହେଲେ ସେହି କର୍ମଚାରୀଙ୍କୁ ବିଭାଗୀୟ ଅଧିକାରୀମାନେ ଅଫିସକୁ ଡାକିପାରିବେ। ଏଥିସହିତ କର୍ମଚାରୀମାନେ ଏହି ଦୁଇସପ୍ତାହ ସବୁ ସମୟରେ ଟେଲିଫୋନରେ ଉପଲବ୍ଧ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପ୍ରକାର ବ୍ୟକ୍ତିଗତ ଉପସ୍ଥାନ ବୈଠକକୁ ବାରଣ କରାଯାଇଛି। ଏହି ସମୟରେ ଭର୍ଚୁଆଲ ବୈଠକ କରାଯାଇ ପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ପ୍ରଶାସନିକ ବିଭାଗଗୁଡ଼ିକ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକୁ ନିଜର ଆବଶ୍ୟକତା ଅନୁଯାୟୀ ପରିଚାଳନା କରିପାରିବେ। ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଲକ୍‌ଡାଉନ ସମୟରେ ବିଭାଗଗୁଡ଼ିକ ୱାର୍କ ଫ୍ରମ୍ ହୋମ୍ ପ୍ରୋଟୋକଲ୍ ଅନୁସରଣ କରିବାକୁ କୁହାଯାଇଛି। ସେମାନଙ୍କର କର୍ମଚାରୀମାନେ ଭିପିଏନ୍(ଭର୍ଚୁଆଲ ପ୍ରାଇଭେଟ୍ ନେଟ୍‌ୱର୍କ) ବ୍ୟବହାର କରି ସମସ୍ତ ସରକାରୀ କାର୍ଯ୍ୟ ଓସ୍‌ୱାସ୍(ଓଏସ୍‌ଡବ୍ଲ୍ୟୁଏଏସ୍) ଜରିଆରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିଠିପତ୍ର ଇସ୍ୟୁ କରିବା ଓ ଗ୍ରହଣ କରୁଥିବା ସେକ୍ସନଗୁଡ଼ିକର କର୍ମଚାରୀ ପାଳିକରି କାର୍ଯ୍ୟ କରିବେ। ଯେଉଁ ଡାକ ଗ୍ରହଣ କରାଯାଇଛି ତାହା ସ୍କାନିଂ କରାଯାଇ ଓସ୍‌ୱାସ୍‌ରେ ଅପଲୋଡ କରାଯାଇଛି କି ନାହିଁ ତାହା ନିଶ୍ଚିତ କରିବେ। ତେବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟାଳୟକୁ ଆସିବେ । କାର୍ଯ୍ୟାଳୟରେ କେତେ କର୍ମଚାରୀ ଉପସ୍ଥିତ ରହିବେ ତାହା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିଷ୍ପତ୍ତି ନେବେ। ବିଭାଗର କଣ୍ଟ୍ରୋଲ୍ ରୁମ୍ ପୂର୍ବଭଳି କାର୍ଯ୍ୟକରିବ। ଓସ୍‌ୱାସ୍ ଯେପରି ବିନା ବାଧାରେ ଚାଲିବ ସେଥିପାଇଁ ରାଜ୍ୟର ଆଇଟି ସେଣ୍ଟରଗୁଡ଼ିକ ୨୪ ଘଣ୍ଟା ସହାୟତା କରିବେ। ତେବେ ଏହି ଲକ୍‌ଡାଉନ ସମୟରେ ଜିଲା କାର୍ଯ୍ୟାଳୟ, ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ, ମହାନଗର ନିଗମ କାର୍ଯ୍ୟାଳୟ, ପୋଲିସ, ଅଗ୍ନିଶମ, ମେଡିକାଲ ଏବଂ ଅତ୍ୟାବଶ୍ୟକ ସେବା ଯୋଗାଉଥିବା କାର୍ଯ୍ୟାଳୟ ଖୋଲା ରହିବ।

### ଅନ୍‌ଫିଟ୍‌ଙ୍କ ପଦୋନ୍ନତି ବନ୍ଦ...

ଦ୍ୱୈତ୍ୟନଗରୀ କଟକ ଓ ଭୁବନେଶ୍ୱର କମିଶନରେଟ ପୋଲିସରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ବାଧ୍ୟତାମୂଳକ। ନିଜର ଉଚ୍ଚତା ଅନୁସାରେ ଓଜନର ସନ୍ତୁଳନ ରକ୍ଷା କରି ସମ୍ପୂର୍ଣ୍ଣ ଫିଟ ରହିବାକୁ ହେବ। ଏଥିସହ ସେ କହିଛନ୍ତି, ପୋଲିସ କର୍ମଚାରୀମାନେ ପ୍ରାରମ୍ଭିକ ପ୍ରଶିକ୍ଷଣ ସମୟରେ ବ୍ୟାପକ ଖେଳକୁଦ କରିବା ସହ ବେଶ୍ ସ୍ୱାସ୍ଥ୍ୟବାନ ହୋଇ ବିଭାଗରେ ଯୋଗ ଦିଅନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟର ଯତ୍ନ ନେଉ ନାହାନ୍ତି। ଫଳତଃ ସମୟକ୍ରମେ ସେମାନେ ରକ୍ତଚାପ, ମଧୁମେହ, ଅତ୍ୟଧିକ ମେଦ ଭଳି ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏପରି ଶାରୀରିକ ଅବସ୍ଥା ଥିଲେ ସଂକ୍ରମଣ ସମ୍ଭାବନା ଅଧିକ ରହିବା ସହ ବିପଦ ସୃଷ୍ଟି କରେ। ତେଣୁ ଟୁଇନ୍‌ସିଟି କମିଶନରେଟ ପୋଲିସରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ଓଜନ ଓ ଉଚ୍ଚତା ମାପ କରାଯିବ। ବୟସ ଓ ଉଚ୍ଚତା ଅନୁସାରେ ସେମାନଙ୍କର ଓଜନ କେତେ ହେବା କଥା ଜଣାଇ ଦିଆଯିବ। ଏକ ସପ୍ତାହ ମଧ୍ୟରେ ମାପ କରାଯାଇ ଜୁଲାଇ ୩୦ ମଧ୍ୟରେ ଏହି ପ୍ରକ୍ରିୟା ସରିବ ଓ ଏ ସଂକ୍ରାନ୍ତ ତଥ୍ୟ ପୋଲିସ ମେଡିକାଲରେ ରହିବ। ୩ମାସ ପରେ ପୁଣି ନଭେମ୍ବରରେ ଯାଞ୍ଚବେଳେ ଯେଉଁମାନଙ୍କର ଆବଶ୍ୟକତାଠାରୁ ଅଧିକ ଓଜନ ରହିବ ସେମାନଙ୍କୁ ସକାଳୁ ବାଧ୍ୟତାମୂଳକ ବ୍ୟାୟାମ କରିବାକୁ ପଡିବ ବା ୬ ସପ୍ତାହ ରିଫ୍ରେସର କ୍ଲାସ୍‌ରେ ଯୋଗଦେବାକୁ ପଡିବ। ଯେଉଁମାନେ ଏହି ଆଦେଶକୁ ଗୁରୁତ୍ୱ ଦେବେ ନାହିଁ, ସେମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଦୋନ୍ନତି ବନ୍ଦ କରାଯିବା ସହ ଆବଶ୍ୟକ ପଡିଲେ ସ୍ୱାସ୍ଥ୍ୟଗତ କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇପାରେ ବୋଲି କମିଶନର ଷଡଙ୍ଗୀ କହିଛନ୍ତି।

### ରୋଶନୀ ନାଦାର ଏଚ୍‌ସିଏଲ୍‌ର...

ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ନୂଆ ପଦବୀରେ ନିଯୁକ୍ତ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ରେଗୁଲେଟୋରି ଫାଇଲିଂରେ ସୂଚନା ଦିଆଯାଇଛି। ଶିବ ଏଚ୍‌ସିଏଲ୍ ଟେକ୍ନୋଲୋଜିର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ ଷ୍ଟ୍ରାଟେଜି ଅଧିକାରୀ ପଦବୀରେ ରହିବେ। ନୂଆଦିଲ୍ଲୀରେ ଜନ୍ମିତ ରୋଶନୀ ବସନ୍ତ ଭ୍ୟାଲି ସ୍କୁଲରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ଆମେରିକାର ଇଲିନଏସ୍ ସ୍ଥିତ ନର୍ଥ ୱେଷ୍ଟର୍ନ ୟୁନିଭର୍ସିଟିରୁ ମିଡିଆ ଷ୍ଟଡିଜ୍‌ରେ ସ୍ନାତକ ଡିଗ୍ରୀ, ନର୍ଥ ଇଷ୍ଟନ ୟୁନିଭର୍ସିଟି କେଲଗ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରୁ ବିଜ୍‌ନେସ ଆଡ୍‌ମିନିଷ୍ଟ୍ରେଶନରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସେ ସିଏନ୍‌ବିସି ଚ୍ୟାନେଲରେ ଇଣ୍ଟର୍ନ ସହ ୱାର୍ଲ୍ଡ ଇକୋନୋମିକ ଫୋରମ୍‌ର 'ଫୋରମ ଅଫ୍ ୟଙ୍ଗ୍ ଗ୍ଲୋବାଲ ଲିଡର୍ସ'ର ଛାତ୍ରୀ ଥିଲେ। ଗ୍ରାଜୁଏଶନ ପରେ ସ୍କାଏ ନ୍ୟୁଜର ଲଣ୍ଡନ ଅଫିସରେ ମଧ୍ୟ ସେ କିଛି ସମୟ କାର୍ଯ୍ୟ କରିଛନ୍ତି। ତାଙ୍କ ବାପାଙ୍କ ପରାମର୍ଶକ୍ରମେ ସେଠାରୁ ଚାକିରି ଛାଡି ୨୦୦୮ରେ ରୋଶନୀ ଭାରତ ଫେରି ଆସିଥିଲେ। ଏହା ପରେ ଏଚ୍‌ସିଏଲ୍‌ରେ ତାଙ୍କର ଯାତ୍ରା ଆରମ୍ଭ ହେଲା। ରୋଶନୀ ଶିଖର ମାଲହୋତ୍ରାଙ୍କୁ ବିବାହ କରିଛନ୍ତି। ତାଙ୍କର ଏକ ପୁଅ ଥିବା ବେଳେ ସ୍ୱାମୀ ଶିଖର ଶିବ ନାଦାର ଫାଉଣ୍ଡେଶନ କାର୍ଯ୍ୟରେ ତାଙ୍କ ସହାୟତା କରୁଛନ୍ତି। ଫୋର୍ବସ ପକ୍ଷରୁ ୨୦୧୯ରେ ପ୍ରକାଶିତ ବିଶ୍ୱର ୧୦୦ ଶକ୍ତିଶାଳୀ ମହିଳାଙ୍କ ତାଲିକାରେ ରୋଶନୀ ସାମିଲ ଥିଲେ। ଏହାବାଦ ଆଇଆଇଏଫ୍‌ଏଲ୍ 'ୱେଲ୍‌ଥ ହୁରୁନ ଇଣ୍ଡିଆ' ତାଲିକାରେ ୩୬,୮୦୦ କୋଟି ଟଙ୍କାର ସମ୍ପତ୍ତି ସହ ସେ ଦେଶର ସବୁଠାରୁ ଧନୀଶାଳୀ ମହିଳା ବିବେଚିତ ହୋଇଛନ୍ତି। ସେ ଶିବ ନାଦାରଙ୍କର ଏକ ମାତ୍ର ସନ୍ତାନ ହୋଇଥିବା ବେଳେ ଏଚ୍‌ସିଏଲ୍‌ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ୨୮ ବର୍ଷରେ ସେ ଏହି କମ୍ପାନୀରେ ସିଇଓ ହୋଇଥିଲେ। ଏହାବାଦ ଶିବ ନାଦାର ଫାଉଣ୍ଡେଶନର ଶିକ୍ଷା ବିକାଶ କାର୍ଯ୍ୟକ୍ରମରେ ତାଙ୍କର ଯୋଗଦାନ ରହିଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ସଂରକ୍ଷଣରେ ତାଙ୍କର ରୁଚି ରହିଛି। ଏଥିଲାଗି ସେ ୨୦୧୮ରେ ହାବିଟାଟ୍ ଟ୍ରଷ୍ଟ ମଧ୍ୟ ଗଠନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଢ଼ାଣି ମାଛର**
**ମୁଣ୍ଡରେ ବାଡ଼ି ।**

ମାଛ ଯେପର୍ଯ୍ୟନ୍ତ ପାଣି ତଳେ ଥାଏ ସେ ପର୍ଯ୍ୟନ୍ତ ସୁରକ୍ଷିତ ରହିଥାଏ। ପରନ୍ତୁ ଯେତେବେଳେ ପାଣିରେ ମୁଣ୍ଡ ଟେକେ ସେତେବେଳେ ତାକୁ ଧରିବା ସହଜ ହୋଇଯାଏ। ପରୋକ୍ଷରେ ନିଜ ସ୍ତରକୁ ଭୁଲି ଔଦ୍ଧତ୍ୟ ଦେଖାଉଥିବା ବ୍ୟକ୍ତି ବିପଦ ବରଣ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଉଳ କୁଟିଲି କୁଟେ**
**ପିଠା କରିଥିଲି ମୁଠେ**
**ଚଉଦ ଦିନକୁ ଚଉଦ**
**ଆଉରି ଅଛି ମୁଠେ ।**

କିଛି ବ୍ୟକ୍ତି କଞ୍ଜୁସ ବା କୃପଣ ସ୍ୱଭାବର ହୋଇଥାନ୍ତି। ଧନ ସରିଯିବା ଭୟରେ ନିଜ ଦୈନନ୍ଦିନ ଚଳଣିରେ ଯଥା ସମ୍ଭବ କାଟଛାଣ୍ଟ କରିଥାନ୍ତି। କୃପଣ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

**classifieds Everyday** 0674-2580101, 2549302

real estate

**SALE**

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

ଭୁବନେଶ୍ୱର ଫୁଲନଖରା ଏବଂ ଭିଙ୍ଗାରପୁର ସୁଧାନନ୍ଦ କଲେଜ ପାଖରେ ଘରବାରି ପ୍ଲଟ୍ ମିଳୁଅଛି। 8093465134. D-69132

**Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903.** D-69133

healthcare

Monalisa massage club : All types body massage with hiprofile smart lady rooms service available 9708545108. D-17767

**AFFIDAVIT**

By virtue of an affidavit. I want to change our surname from "Purohit" to "Bhaina". Henceforth We are known as Jatindra Bhaina, wife- Ganeshi Bhaina & Daughter- Ujala Bhaina of village- Baddarlipali, PS- Ambabhona, Dist. Bargarh in all purpose.
D-17777

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପ୍ରତ୍ୟେକ କ୍ଷେତ୍ରରେ ଆପଣ ଅଯଥା ବ୍ୟସ୍ତତା ପ୍ରକାଶ କରି ବିଶେଷ ଛାନିଆ ହେବା ଠିକ୍ ହେବନି। ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କାମ ହାସଲ କରିବେ । ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ସତ, କିନ୍ତୁ ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ ।

**ବୃଷ**
କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ ସମାଧାନ କରିବାରେ ଯତ୍ନବାନ୍ ହେବେ। ସାମାଜିକ ସ୍ତରରେ,ଶୁଭକାର୍ଯ୍ୟରେ କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି। ନିଜ ମତକୁ ସାବ୍ୟସ୍ତ କରିବାକୁ ଯାଇ ପାରିବାରିକ କ୍ଷେତ୍ରରେ ସମାଲୋଚିତ ହେବାକୁ ପଡିପାରେ।

**ମିଥୁନ**
ଆଲୋଚନା ପରିସରରେ ସାଧାରଣ କଥାରେ ପ୍ରତିଦ୍ୱନ୍ଦ୍ୱୀ,ଦୋଷାରୋପ କରି ସମସ୍ୟାକୁ ବଢାଇ ଦେବେ। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେଲେ ସଫଳତା ମଧ୍ୟ ପାଇପାରନ୍ତି । ପରିବାରରେ ଅଯଥା ତର୍କ ନ କରି ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**କର୍କଟ**
ଆଜି ସକାଳୁ ସକାଳୁ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ଓ ମନୋବଳ ବୃଦ୍ଧି ପାଇ ଉତ୍ସୁକତା ଦେଖାଦେବ। ସାମାଜିକ ସ୍ତରରେ ଦକ୍ଷତା ଓ ସଚ୍ଚୋଟତା ହେତୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ**
କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ଦିନ ମଧ୍ୟରେ ମାତ୍ରାଧିକ ଭ୍ରମଣ ଯୋଗୁଁ କ୍ଲାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି । ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଯାଇ ପର ପାଇଁ ନିଜେ ହଇରାଣରେ ପଡିପାରନ୍ତି ।

**କନ୍ୟା**
ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ଟେନ୍ସନ ଭିତରେ ମାନସିକ ସ୍ଥିରତା ହରାଇବେ । ବାରମ୍ବାର କାନକୁହା କଥା ଶୁଣି ଅତି ପ୍ରିୟଲୋକଟିର ମନୋଭାବ ବଦଳିଯାଇପାରେ । ବ୍ୟବସାୟରେ ସମସ୍ୟା ଗୁରୁତର ଆକାର ଧାରଣ କରିବ ଓ କ୍ଷତିରେ ପଡିପାରନ୍ତି।

**ତୁଳା**
ବିଗତ ଦିନମାନଙ୍କରେ ସୃଷ୍ଟି ହୋଇଥିବା ସମସ୍ୟା ଆଜି ହଠାତ୍ ସମାଧାନ ହେବ। ଆନୁଷ୍ଠାନିକ କାର୍ଯ୍ୟରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ, କିନ୍ତୁ କିଛି ଅସୁବିଧା ହେବନାହିଁ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ବିଛା**
ଆଜିର କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଂଗୀତ, ଆଲୋଚନା, ଧର୍ମଚର୍ଚ୍ଚାରେ ସୁନାମ ଅର୍ଜନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସ୍ଥଗିତ କାମକୁ କରିବା ପାଇଁ ନିଷ୍ପତ୍ତି ନେବେ ଏବଂ ଆନୁଷଙ୍ଗିକ ସହଯୋଗ ମଧ୍ୟ ମିଳିବ ।

**ଧନୁ**
ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାଖ, ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। କଚେରି ମାମଲାରେ ବନ୍ଧୁମାନଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି।

**ମକର**
ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କଳା, ସାହିତ୍ୟ, ସାମ୍ବାଦିକତାରେ ସୁନାମ ଅର୍ଜନ କରିବେ । ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ**
ପରିସ୍ଥିତିବଶତଃ କେତେକ କ୍ଷେତ୍ରରେ ନିଜର ମତ ବଦଳାଇ ସମାଲୋଚିତ ହେବାକୁ ପଡିପାରେ। ଉଦାରତା, ସେବା ମନୋଭାବ ଓ ସହନଶୀଳତା ଗୁଣରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। କିନ୍ତୁ ପ୍ରଶାସନିକ ସ୍ତରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**ମୀନ**
ଅତୀତ କଥାକୁ ନେଇ ଗୁଡାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଆକସ୍ମିକ ଭାବରେ ବନ୍ଧୁଙ୍କ ନିକଟରୁ ଜନନାଶୌଚ ଖବର ପାଇପାରନ୍ତି। ଯିବା ବେଳର ଆନନ୍ଦ ଫେରିବା ବେଳକୁ ହରାଇ ଓ ତିକ୍ତ ଅନୁଭୂତି ନେଇ ଫେରିପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ତ୍ରୟୋଦଶୀ ଶନିବାର, ଜୁଲାଇ ୧୮ ତାରିଖ, ମଣ୍ଡେଲା ଦିବସ, ରାଶି ନକ୍ଷତ୍ର -ମୃଗଶିରା/ବୃଷ, ଦିବା ଘ.୦୮.୫୯ମି. ଗତେ,ମିଥୁନ ଚନ୍ଦ୍ର, ବିଛା ଓ କନ୍ୟା ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୪୩ମି. ଗତେ ଘ.୦୧.୧୧ମି.ମଧ୍ୟେ, ରାତ୍ରି ଘ.୦୮.୩୬ମି. ଗତେ ଘ.୧୦.୪୭ମି. ମଧ୍ୟେ, ଘ.୧୨.୧୫ମି. ଗତେ ଘ.୦୧.୪୨ମି. ମଧ୍ୟେ, ଘ.୦୨.୨୬ମି. ଗତେ ଘ.୦୩.୫୪ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୮.୩୭ମି. ଗତେ ଘ.୧୦.୧୫ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ପ୍ରଦୀପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜିଦ୍‌ରେ ତାରା ମୁହଁ ଖୋଲିଲେନି ପିସିସି ସଭାପତି

**ଭୁବନେଶ୍ୱର,୧୭।୭(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି(ପିସିସି)ର କାର୍ଯ୍ୟକାରୀ ପିସିସି ସଭାପତି ପ୍ରଦୀପ ମାଝୀ ରାଜସ୍ଥାନ ରାଜନୀତି ନେଇ ମତ ପ୍ରକାଶ କରିବା ସହିତ ଦଳର ହାଇକମାଣ୍ଡଙ୍କ ବିରୋଧରେ ମତ ରଖିଥିବା ଅଭିଯୋଗ ଉଠିଛି। ଦଳର ବହୁ ବରିଷ୍ଠ ନେତା ଏହାର ବିରୋଧ କରିଛନ୍ତି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ପ୍ରଦୀପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ହାଇକମାଣ୍ଡଙ୍କୁ ଯେଉଁମାନେ ସିଧାସଳଖ ଆକ୍ଷେପ କରିବାକୁ ପଛାଉ ନାହାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ପ୍ରଦୀପ ଦଳର କାର୍ଯ୍ୟକାରୀ ସଭାପତି ହୋଇ ଏଭଳି ମନ୍ତବ୍ୟ ଦେବା ଶୋଭନୀୟ ନୁହେଁ। ଏବେ ଦଳରେ ଶୃଙ୍ଖଳା ନିହାତି ଜରୁରୀ ବୋଲି ତାରା କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟ ପରେ ପ୍ରଦୀପ କହିଛନ୍ତି ଯେ, ଯେଉଁମାନେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରୁଛନ୍ତି ସେମାନେ ମୋ କଥାକୁ ଭୁଲ୍ ବୁଝିଛନ୍ତି। ଦଳକୁ ମାର୍ଜିତ ଏବଂ ଶୃଙ୍ଖଳିତ କରିବା ସକାଶେ ସେ ଯେଉଁ ମନ୍ତବ୍ୟ ଦେଇଥିଲେ ତାର ଭୁଲ୍ ଅର୍ଥ ବାହାର କରାଯାଉଛି ବୋଲି ପ୍ରଦୀପ କହିଛନ୍ତି। ଏନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମତାମତ ଲୋଡାଯିବାରୁ ସେ କିଛି ଉତ୍ତର ରଖି ନ ଥିଲେ।

### କୋଭିଡ୍ କେୟାର ସେଣ୍ଟର ସ୍ଥିତି ପରଖିଲେ ଜିଲାପାଳ

**ବ୍ରହ୍ମଗିରି, ୧୭।୭(ଡି.ଏନ୍.ଏ): ** ବ୍ରହ୍ମଗିରି ବ୍ଲକର ମୋଟଠାରେ କୋଭିଡ କେୟାର କେନ୍ଦ୍ର ଖୋଲାଯାଇଛି। ଶୁକ୍ରବାର ଜିଲାପାଳ ବଲଓ୍ୱନ୍ତ ସିଂ ଉକ୍ତ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ବିଜୁ ପଟ୍ଟନାୟକ ବୈଷୟିକ ଶିକ୍ଷାକେନ୍ଦ୍ରରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର କେନ୍ଦ୍ର ଖୋଲାଯାଇଛି। ସେଠାରେ ୪ ଡାକ୍ତର, ୪ ଜଣ ପାରାମେଡିକାଲ ଷ୍ଟାଫ୍, ସୁଇପର ନିଯୁକ୍ତି କରାଯାଇଛି। ବ୍ରହ୍ମଗିରି ବ୍ଲକରେ ୨୫ଟି କୋଭିଡ୍ କେୟାର ହୋମ୍ ଖୋଲାଯାଇଛି। କାହାର କରୋନା ଲକ୍ଷଣ ଦେଖାଗଲେ ତାଙ୍କୁ ଏଠାକୁ ଆଣି ସ୍ୱାବ୍ ପରୀକ୍ଷା କରାଯିବ। ଯଦି ପଜିଟିଭ ବାହାରିଲା କୋଭିଡ୍ କେୟାର କେନ୍ଦ୍ରକୁ ଚିକିତ୍ସା ଲାଗି ପଠାଯିବ। ଏସବୁର ସୁପରିଚାଳନା ନେଇ ଜିଲାପାଳ ସିଂ ଏବଂ ସିଡିଏମ୍‌ଓ ସୁଷମା ମିଶ୍ର ବ୍ରହ୍ମଗିରି ଗସ୍ତରେ ଆସି ସ୍ଥିତି ପରଖିଥିଲେ।

# ସଙ୍କଟରେ ରୋଗୀସେବା, ଡିଏମ୍ ପାଠ୍ୟକ୍ରମ

କଟକ ଅଫିସ,୧୭।୭



**ଏସ୍‌ସିବି ମେଡିକାଲ**
- ହେପାଟୋଲୋଜି, ଏଣ୍ଡୋକ୍ରାଇନୋଲୋଜି ବିଭାଗରେ ଡାକ୍ତର ଅଭାବ
- ଠିକା ନିଯୁକ୍ତିରେ କାମ କରିବାକୁ କେହି ରାଜି ନୁହନ୍ତି

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ହେପାଟୋଲୋଜି ଏବଂ ଏଣ୍ଡୋକ୍ରାଇନୋଲୋଜି। କିନ୍ତୁ ଉଭୟ ବିଭାଗ ଏବେ ଡାକ୍ତର ଅଭାବ ସମସ୍ୟା ଦେଇ ଗତି କରୁଛି। ସୁପର ସ୍ପେଶିଆଲିଟି ଥିବା ଏହି ବିଭାଗ ପାଇଁ ଠିକା ନିଯୁକ୍ତିରେ କାମ କରିବାକୁ ଡାକ୍ତର ମଧ୍ୟ ଅମଙ୍ଗ ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ବିଭାଗୀୟ ଡାକ୍ତର ନ ଥିବାରୁ ଇନ୍‌ଡୋରକୁ ରୋଗୀ ଆସୁନାହାନ୍ତି। ରୋଗୀସେବା, ଆଇସିୟୁ ଓ ପିଜି ପାଠପଢ଼ା ପ୍ରଭାବିତ ହେବା ସହ ଡିଏମ୍ ପାଠ୍ୟକ୍ରମକୁ ବଞ୍ଚାଇରଖିବା ମଧ୍ୟ କଷ୍ଟକର ହୋଇପଡୁଛି।

ଦୁଇ ଦିନ ତଳେ ଏସ୍‌ସିବିର ହେପାଟୋଲୋଜି ବିଭାଗରେ ୪ଶଯ୍ୟା ବିଶିଷ୍ଟ ଆଇସିୟୁ ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନୁମୋଦନ ଦେଇଛି। ଗତ ବର୍ଷ ଏହି ବିଭାଗକୁ ୨ଟି ଡିଏମ୍ ସିଟ୍ ପିଜି ପାଠ୍ୟକ୍ରମ ପାଇଁ ଏମ୍‌ସିଆଇ ଅନୁମୋଦନ ମିଳିସାରିଛି। ୩୮ ଶଯ୍ୟାବିଶିଷ୍ଟ ଏହି ବିଭାଗରେ ମାସକୁ ପ୍ରାୟ ୩୦୦ ଇନ୍‌ଡୋର ରୋଗୀ ଓ ଆଉଟ୍‌ଡୋରକୁ ପ୍ରାୟ ୧୫୦୦ ରୋଗୀ ଆସିଥାନ୍ତି। କିନ୍ତୁ ଏ ଯାଏ ଏହି ବିଭାଗରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ହୋଇପାରୁ ନାହିଁ। ୨୦୧୩ରେ ଏମ୍ସ ପାସ୍ ଆଉଟ୍ ଜଣେ ଡାକ୍ତର ଚୁକ୍ତିଭିତ୍ତିରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଯୋଗ ଦେଇଛନ୍ତି। ଏହାପରେ ୪ଥର ଚୁକ୍ତିଭିତ୍ତିକ ନିଯୁକ୍ତି ବିଜ୍ଞାପନ ବାହାରିଥିଲେ ମଧ୍ୟ କେହି ଯୋଗ୍ୟ ଡାକ୍ତର ଆବେଦନ କରୁନାହାନ୍ତି ତ ପୁଣି କେବେ ଆବେଦନକାରୀ ସରକାରୀ ଆବଶ୍ୟକତା ଅନୁଯାୟୀ ସର୍ତ୍ତ ପୂରଣ କରିପାରୁ ନାହାନ୍ତି। ୨୦୧୩ରୁ ଠିକା ନିଯୁକ୍ତି ପାଇଥିବା ଉକ୍ତ ଡାକ୍ତରଙ୍କ ପଦବୀ ମଧ୍ୟ ଏଯାଏ ସ୍ଥାୟୀ ହୋଇନାହିଁ। କିନ୍ତୁ ତାଙ୍କର ପଦବୀକୁ ମିଶାଇ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସଂଖ୍ୟା ଏମ୍‌ସିଆଇ ନିକଟରେ ଉପସ୍ଥାପନ ହେବା ପରେ ୨୦୧୯ରେ ଏଠାରେ ଡିଏମ୍ କୋର୍ସ ପାଇଁ ଅନୁମତି ମିଳିଛି। ଠିକା ଡାକ୍ତର ଜଣକ ଚାକିରି ଛାଡ଼ିଦେଲେ ବିଭାଗରେ ବଡ଼ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ଏବେ ଏହି ଠିକା ଡାକ୍ତରଙ୍କ ବ୍ୟତୀତ ହେପାଟୋଲୋଜି ବିଭାଗରେ କେବଳ ଜଣେ ପ୍ରଫେସର (ବିଭାଗୀୟ ମୁଖ୍ୟ) ଓ ଆଉ ଜଣେ ଆସୋସିଏଟ ପ୍ରଫେସର ଅଛନ୍ତି। ୨ଜଣ ଡାକ୍ତରଙ୍କୁ ନେଇ ଏତେ ସଂଖ୍ୟକ ରୋଗୀ, ଆଇସିୟୁ ଓ ଡିଏମ୍ ପାଠ୍ୟକ୍ରମ ପରିଚାଳନା କରିବା କଷ୍ଟସାଧ ହୋଇପଡୁଛି।

ସେହିପରି ଅନ୍ତଃସ୍ରାବ (ଏଣ୍ଡୋକ୍ରାଇନୋଲୋଜି) ବିଭାଗରେ ଏବେ ଜଣେ ମାତ୍ର ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନେଇ ରୋଗୀସେବା ଓ ଡିଏମ୍ ପାଠ୍ୟକ୍ରମ ଚାଲିଛି। ଏହି ବିଭାଗରେ ଗତ ମାସ ୩୦ ତାରିଖରେ ବିଭାଗୀୟ ମୁଖ୍ୟ ଚାକିରିରୁ ଅବସର ନେଇଛନ୍ତି। ଗତ ବର୍ଷ ଅନ୍ୟ ଜଣେ ଆସୋସିଏଟ୍ ପ୍ରଫେସର ମଧ୍ୟ ସ୍ୱେଚ୍ଛାକୃତ ଅବସର ନେଇସାରିଛନ୍ତି। ଫଳରେ ଏହି ବିଭାଗ ପାଇଁ ନେଫ୍ରୋଲୋଜି ବିଭାଗର ଜଣେ ପ୍ରଫେସରଙ୍କୁ ପ୍ରଶାସନିକ ମୁଖ୍ୟ ଦାୟିତ୍ୱରେ ରଖାଯାଇଛି। ଏଠାରେ ମଧ୍ୟ ରୋଗୀସେବା ଓ ପିଜି ପାଠପଢ଼ା ଅବ୍ୟବସ୍ଥା ଭିତରେ ରହିଛି। ୨୦ ଶଯ୍ୟାବିଶିଷ୍ଟ ଏହି ବିଭାଗରେ ମାସକୁ ଆଉଟ୍‌ଡୋରରେ ପ୍ରାୟ ୨୦୦୦ ରୋଗୀ ଆସିଥାନ୍ତି। ବିଭାଗୀୟ ଡାକ୍ତର ନ ଥିବା କାରଣରୁ ଇନ୍‌ଡୋରରେ ଏବେ କେହି ବି ରୋଗୀ ନାହାନ୍ତି। ଇନ୍‌ଡୋରରେ ରୋଗୀ ନ ରହିଲେ ଏଣେ ଡିଏମ୍ ପାଠ୍ୟକ୍ରମକୁ ବଞ୍ଚାଇ ରଖିବା ମଧ୍ୟ ସମସ୍ୟା ହେବ।

ଏହି ବିଭାଗରେ ହରମୋନ ଓ ହରମୋନ ଜନିତ ସମସ୍ୟା, ଡାଇବେଟିସ, ଡାଇବେଟିକ ଫୁଟ ଅଲସର, ଥାଇରଏଡ୍ ଭଳି ରୋଗର ଚିକିତ୍ସା କରାଯାଉ ଥିବାରୁ ଏହି ବିଭାଗର ଗୁରୁତ୍ୱ ବେଶ୍ ଅଧିକ। ଡାକ୍ତର ଅଭାବ ବେଳେ ଜଣେ ପୂର୍ବତନ ଅବସରପ୍ରାପ୍ତ ଡାକ୍ତରଙ୍କ ଫେରିବା ବାଟ ହିଁ ଏହି ବିଭାଗ ପାଇଁ ଏକମାତ୍ର ବିକଳ୍ପ ବୋଲି ଆଲୋଚନା ହେଉଛି। ଏନେଇ ଏସ୍‌ସିବି ପ୍ରିନ୍ସିପାଲ ଡା. ଦଣ୍ଡେଶ୍ୱର ହୋତା କହିଛନ୍ତି ଯେ, ଆମେ ସରକାରଙ୍କୁ ସମସ୍ୟା ଜଣାଇଛୁ। ସରକାରୀ ନିଷ୍ପତ୍ତି ଆସିବା ଯାଏ ଅପେକ୍ଷା କରିବାକୁ ହେବ।

# ପୁରୀ: ଆଉ ୯ ଆକ୍ରାନ୍ତ ଚିହ୍ନଟ

**ପୁରୀ ଅଫିସ,୧୭।୭:** ପୁରୀ ଜିଲାରୁ ଶୁକ୍ରବାର ୯ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଜଣେ ସୁସ୍ଥ ହୋଇଛନ୍ତି। ଜିଲାର ମୋଟ ପଜିଟିଭ ସଂଖ୍ୟା ୩୯୨ ଛୁଇଁଛି। ଶୁକ୍ରବାରର ଜଣଙ୍କୁ ମିଶାଇ ମୋଟ ୨୯୫ ଜଣ ସୁସ୍ଥ ହୋଇଥିବାବେଳେ ୯୩ ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଜିଲାର ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୯ ସଂକ୍ରମିତଙ୍କ ମଧ୍ୟରୁ ପୁରୀ ମ୍ୟୁନିସିପାଲିଟି ଅଞ୍ଚଳର ୫, ପୁରୀ ସଦର, ନିମାପଡ଼ା, ଅସ୍ତରଙ୍ଗ ଏବଂ କୃଷ୍ଣପ୍ରସାଦ ବ୍ଲକରୁ ଜଣେ ଲେଖାଏ ରହିଛନ୍ତି।

URGENT REQUIREMENT MAPLE
CIVIL TRAINER (For skill developement Mason Project Odisha - 20 nos.)
Qualification: Diploma Civil / B.tech Civil. Experience: Diploma Civil with 5 yrs. experience / B.tech Civil with 3 yrs experience in relevant trade. Or ToT certified trainers. Salary: Negotiable. Job Location: All over Odisha.
Interested candidates may send their resume to mail.maplecomputer@gmail.com
Maple Computer & Communication Private Limited
Saheed Nagar, Bhubaneswar, Odisha - 751007

भा.कृ.अनु.प-केन्द्रिय मीठाजल जीवपालन अनुसंधान संस्थान
ICAR-CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर-751002 (ओड़ीसा)/Kausalyaganga, Bhubaneswar -751002
Tel. Nos. 91-674-2465421/2465446/2465402, FAX: 91-674-2465407
E.mail, cifa@ori.nic.in, Website:http://www.cifa.nic.in
Advertisement No. 04/2020-21
विज्ञापन
भा.कृ.अनु.प-केंद्रीय मीठाजल जीवपालन अनुसंधान संस्थान (सीफा), कौशल्यागंग, भुवनेश्वर, ओडिशा में मछली स्वास्थ्य पर आईसीएआर-नेटवर्क परियोजना में 02 (दो) यंग प्रोफेशनल-II पद, अनुबध के आधार पर भर्ती के लिए दिनांक 28 जुलाई, 2020, 17.00 Hrs. तक ऑनलाइन आवेदन आमंत्रित करते है। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।
मुख्य जाँचकर्त्ता
ADVERTISEMENT
Applications through on line mode are invited up to 17.00 hours of 28th July, 2020 for 02 (Two) no. of Young Professional-II (YP-II) position purely on contractual basis to work under ICAR-Network project on Fish Health at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: http://www.cifa.nic.in.
Principal Investigator

# ସ୍ୱତନ୍ତ୍ର ଫିଭର କ୍ଲିନିକ୍ ବାଧ୍ୟତାମୂଳକ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

**ଘରୋଇ ଡାକ୍ତରଖାନାକୁ ସ୍ୱାସ୍ଥ୍ୟ ବିଭାଗର ଚେତାବନୀ**
- ପ୍ରତି ରୋଗୀଙ୍କ ଚିକିତ୍ସା ପୂର୍ବରୁ ଉପକରଣ ବିଶୋଧନ ହେବ
- ହଟ୍‌ସ୍ପଟ ଜିଲାରୁ ଆସିଥିଲେ, ଲକ୍ଷଣ ଥିଲେ କୋଭିଡ୍ ହସ୍ପିଟାଲ ପଠାଇବେ
- ପ୍ରଶାସନିକ ଯାଞ୍ଚବେଳେ ସହଯୋଗ ନ କଲେ କାର୍ଯ୍ୟାନୁଷ୍ଠାନ

ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ଏବଂ ଡାକ୍ତରଙ୍କ ମଧ୍ୟରେ କୋଭିଡ୍-୧୯ ସଂକ୍ରମଣ ବଢୁଛି। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରୋଇ ଡାକ୍ତରଖାନା ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯାଇଛି। ଏଣିକି ସମସ୍ତ ନର୍ସିଂହୋମ, କ୍ଲିନିକ ଏବଂ ପଲି କ୍ଲିନିକ୍‌ରେ ସ୍ୱତନ୍ତ୍ର ଫିଭର କ୍ଲିନିକ ରଖିବା ବାଧ୍ୟତାମୂଳକ କରାଯାଇଛି। ମାସ୍କ ପିନ୍ଧିବା ସହ ହାତ ଧୋଇବା ଓ ସାନିଟାଇଜ୍ ହେବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଷ୍ଟେଥୋସ୍କୋପ୍, ଥର୍ମୋମିଟର, ରକ୍ତଚାପ ଯାଞ୍ଚ ମେଶିନ ପ୍ରତ୍ୟେକଥର ବ୍ୟବହାର ହେବାପରେ ଭଲଭାବେ ବିଶୋଧନ କରାଯିବ। ଥଣ୍ଡାଜ୍ୱର ଲକ୍ଷଣ ଥିବା କିମ୍ବା ହଟ୍‌ସ୍ପଟ୍ ଅଞ୍ଚଳରୁ ଆସିଥିବା ରୋଗୀଙ୍କୁ ନିକଟ ସରକାରୀ କିମ୍ବା ବେସରକାରୀ କୋଭିଡ ହସ୍ପିଟାଲ ଓପିଡିକୁ ତୁରନ୍ତ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସମସ୍ତ ରୋଗୀଙ୍କ ପଞ୍ଜୀକରଣ କରିବାକୁ ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଛି। ଥଣ୍ଡା, ଜ୍ୱର ଲକ୍ଷଣ ଥିବା କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରୁଥିବା ରୋଗୀଙ୍କ ସମ୍ପର୍କରେ ତୁରନ୍ତ ଜିଲା ନିରୀକ୍ଷଣ ୟୁନିଟ୍ କିମ୍ବା ସ୍ଥାନୀୟ ପ୍ରଶାସନକୁ ଅବଗତ କରିବାକୁ କୁହାଯାଇଛି। ପ୍ରଶାସନିକ ଯାଞ୍ଚ ସମୟରେ ସମସ୍ତେ ସହଯୋଗ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକ ସମସ୍ତ ତଥ୍ୟ ପ୍ରଦାନ କରିବେ। କ୍ଲିନିକ୍ କିମ୍ବା ଡାକ୍ତରଙ୍କ ଚାମ୍ବରକୁ ପ୍ରବେଶ କରିବା ପୂର୍ବରୁ ରୋଗୀ ମାସ୍କ ଯେପରି ପିନ୍ଧିଥିବେ ଏବଂ ହାତ ଭଲଭାବେ ଧୋଇଥିବେ କିମ୍ବା ସାନିଟାଇଜ୍ କରିଥିବେ ତାହାକୁ ଡାକ୍ତର ପ୍ରଥମେ ନିଶ୍ଚିତ କରିବେ। କେବଳ ଏତିକି ନୁହେଁ, ସମ୍ପୃକ୍ତ ଡାକ୍ତର ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ଆଇପିସି ପ୍ରୋଟୋକଲ ଅନୁସରଣ କରିବେ। କରୋନା ସଚେତନତା ନେଇ ସମସ୍ତ ଘରୋଇ ଡାକ୍ତରଖାନା ଏବଂ କ୍ଲିନିକ୍‌ରେ ଡିସ୍‌ପ୍ଲେ ବୋର୍ଡ ରହିବ। ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ଡାକ୍ତର, କ୍ଲିନିକ୍ ଏବଂ ଡାକ୍ତରଖାନା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଚେତାବନୀ ଦେଇଛି।

### ଭରା ନଦୀରେ ପହଁରି ଜୀବନ ବଞ୍ଚାଇଲେ ଦୁଇ ଚାଷୀ

ବୌଦ୍ଧ,୧୭।୭(ସ୍ୱ.ପ୍ର.)

**ମହାନଦୀରେ ବୁଡିଲା ସାର ବୋଝେଇ ଡଙ୍ଗା**

ବୌଦ୍ଧ ଦେଇ ପ୍ରବାହିତ ମହାନଦୀରେ ଶୁକ୍ରବାର ଏକ ସାର ବୋଝେଇ ଡଙ୍ଗା ବୁଡି ଯାଇଛି। ତେବେ ସେଥିରେ ଥିବା ଦୁଇଜଣ ଚାଷୀ ଭରା ନଦୀରେ ପହଁରି ପହଁରି କୂଳରେ ଲାଗି ନିଜ ଜୀବନ ବଞ୍ଚାଇ ପାରିଛନ୍ତି। ପ୍ରକାଶ ଯେ, ମହାନଦୀ ଘେରରେ ଥିବା ମହର୍ଜାକୁଦ ଗ୍ରାମର ଦୁଇଜଣ ଚାଷୀ ପୂର୍ବାହ୍ନରେ ବୌଦ୍ଧ ସମବାୟ ସମିତିରୁ ସାର ଓ କିଛି ଚାଉଳ ଧରି ନିଜର ମାଛଧରା ଡଙ୍ଗାରେ ମହାନଦୀ ପାର ହୋଇ ଘରକୁ ଫେରୁଥିଲେ। ତେବେ ନଦୀ ମଝିରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡଙ୍ଗାଟି ବୁଡି ଯାଇଥିଲା। ସୌଭାଗ୍ୟବଶତଃ ଦୁଇଚାଷୀ କୌଣସି ମତେ ନଦୀରେ ପହଁରି କୂଳରେ ଲାଗି ନିଜର ଜୀବନ ବଞ୍ଚାଇଥିଲେ। ଏହି ଘଟଣା ଜଣାପଡିବା ପରେ ମହର୍ଜାକୁଦ ଗ୍ରାମର କେତେଜଣ ସାହାସୀ ଯୁବକ ଅନ୍ୟ ଏକ ଡଙ୍ଗାରେ ଆସି ଖୋଜାଖୋଜି କରିଥିଲେ ମଧ୍ୟ ବୁଡି ଯାଇଥିବା ଡଙ୍ଗାର ପତ୍ତା ପାଇ ନ ଥିଲେ।

## ନାମଲେଖା ବିଜ୍ଞାପନ

No. PP-04: ଭାରତୀୟ ହସ୍ତତନ୍ତ ବୈଷୟିକ ଅନୁଷ୍ଠାନ, ବରଗଡ଼ (Indian Institute of Handloom Technology, Bargarh) ଦ୍ୱାରା ପ୍ରଚଳିତ ତିନିବର୍ଷିଆ ହସ୍ତତନ୍ତ ଓ ବୟନଶିଳ୍ପ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ୨୦୨୦-୨୧ ବର୍ଷରେ ପ୍ରବେଶ ନିମିତ୍ତ ଦରଖାସ୍ତ ଆହ୍ୱାନ କରାଯାଉଅଛି। ରାଜ୍ୟ ନିମିତ୍ତ ଉଦ୍ଦିଷ୍ଟ ମୋଟ ୨୦ ଗୋଟି ସ୍ଥାନ ପାଇଁ ଓଡ଼ିଶାରୁ ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି ଏବଂ ବୁଣାକାର ସମ୍ପ୍ରଦାୟ ତଥା ସାଧାରଣ ବର୍ଗର ମୋଟ ୨୦ (କୋଡ଼ିଏ) ଜଣ ଛାତ୍ର/ଛାତ୍ରୀଙ୍କୁ ପଠାଯିବ। ଏଥି ନିମନ୍ତେ ମାଧ୍ୟମିକ ଶିକ୍ଷାର ପ୍ରମାଣପତ୍ର ବା ତତ୍ତୁଲ୍ୟ ପରୀକ୍ଷାରେ ପାସ୍ କରିଥିବା ପ୍ରାର୍ଥୀଙ୍କର ପାଠ୍ୟକ୍ରମରେ ଇଂରାଜୀ ଏକ ବିଷୟଥିବା ଆବଶ୍ୟକ। ତା୧୬।୦୭।୨୦୨୦ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀମାନଙ୍କର ବୟସ ସୀମା ୧୫ରୁ ୨୩ବର୍ଷ ମଧ୍ୟରେ ଏବଂ ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର ପ୍ରାର୍ଥୀମାନଙ୍କର ବୟସ ସୀମା ୧୫ରୁ ୨୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଉକ୍ତ ପାଠ୍ୟକ୍ରମ ପାଇଁ ଛାତ୍ର/ଛାତ୍ରୀମାନଙ୍କୁ ତାଲିମ ସମୟ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ସମାନୁପାତିକ ହାରରେ ପ୍ରଥମବର୍ଷ ପାଇଁ ସର୍ବମୋଟ ମାସିକ ଟ.୧୦୦୦/-, ଦ୍ୱିତୀୟ ବର୍ଷ ପାଇଁ ମାସିକ ଟ.୧୧୦୦/- ଏବଂ ତୃତୀୟ ବର୍ଷ ପାଇଁ ମାସିକ ଟ.୧୨୦୦/- ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି। ରାଜ୍ୟ ସରକାରଙ୍କ ସଂରକ୍ଷଣ ନୀତି ପ୍ରାର୍ଥୀ ଚୟନରେ ଲାଗୁ କରାଯିବ। ଏଥିସହିତ ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀଙ୍କ ପାଇଁ ସର୍ବନିମ୍ନ ଶତକଡ଼ା ୨୦ ଭାଗ ସଂରକ୍ଷଣର ବ୍ୟବସ୍ଥା ରହିଅଛି ଏବଂ ଆବଶ୍ୟକ ସଂଖ୍ୟକ ବୁଣାକାର ବର୍ଗର ପ୍ରାର୍ଥୀ ନ ମିଳିଲେ ଉକ୍ତ ଖାଲି ସ୍ଥାନ ଅନ୍ୟ ବର୍ଗର ପ୍ରାର୍ଥୀଙ୍କ ମଧ୍ୟରୁ ପୂରଣ କରାଯିବ।

ଉପରୋକ୍ତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀ ନିମ୍ନପ୍ରଦତ୍ତ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଦାଖଲ କରିପାରିବେ। ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଆବେଦନପତ୍ର ତା୩୧।୦୮।୨୦୨୦ରିଖ ସୁଦ୍ଧା ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ରେ ପହଞ୍ଚିବା ଆବଶ୍ୟକ। ଅସମ୍ପୂର୍ଣ୍ଣ ଦରଖାସ୍ତ କୌଣସିମତେ ବିଚାରକୁ ନିଆଯିବ ନାହିଁ।

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା

APPLICATION FORM FOR ADMISSION TO THREE YEARS DIPLOMA IN HANDLOOM AND TEXTILE TECHNOLOGY (DHTT)

Affix Passport Size Photo

1. Name of the applicant :
(Both in Hindi & English in Block Letters).
English :
Hindi :
2. Father's Name :
3. Mother's Name :
4. Address to which communication should be sent (with Pin Code) :
Phone (Land Line) with STD Code/ Mobile No. (Compulsory) :
E-mail ID ( if any ) :
5. Permanent Address :
6. a. Date of Birth :
b. Age as on 16.07.2020 :
7. Name of the State of which you are a bonafide resident :
8. Whether the candidate belongs to Weavers' Community or engaged In Weaving Profession ? : Yes / No
9. Category :
(General/SC/ST/OBC or Others)
(In case of SC/ST/OBC or others a Certificate to be attached in support)
10. Name of the School or College last attended :
11. Year & Month of passing SSC/Equivalent : ________Examination.
12. Marks obtained at SSC/ Equivalent Examination :

| Sl. No. | SSC Examination | Marks Obtained | Out of | Percentage of Marks |
|---|---|---|---|---|
| 1 | Aggregate | | | |
| 2 | Science (Physics, Chemistry) | | | |
| 3 | Mathematics | | | |

13. Whether the applicant passed the Qualifying Examination in single sitting? : Yes / No
14. Nearest Railway Station :
15. Extra Curricular Activities :
List of enclosures (as applicable)
(All copies of certificates should be attached)
1. SSC (or equivalent Examination) marks list.
2. Transfer Certificate
3. Caste/Community Certificate
4. Weavers' Community Certificate

We declare that the particulars furnished above are true and correct to the best of our knowledge and belief.
Place:________ Signature of Father (or) Guardian Signature of applicant
Date:________ Name: Name:
OIPR-31003/11/0002/2021




ନେଲ୍‌ସନ୍ ମଣ୍ଡେଲାଙ୍କ ଜନ୍ମଦିନ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ପୁରୀଠାରେ ବାଲୁକାଶିଳ୍ପୀ ଶ୍ରୀଧର ଦାଶଙ୍କ ସ୍ୟାଣ୍ଡ ଆନିମେଶନ।

# ଦ୍ୱୈତନଗରୀରେ ଲକ୍‌ଡାଉନ୍ କଡ଼ାକଡ଼ି

ଭୁବନେଶ୍ୱର,୧୭।୭ (ବ୍ୟୁରୋ)

- ସହର ବାହାରକୁ ଯିବା ମନା, ଜବତ ହେବ ଗାଡ଼ି
- ବ୍ୟାଙ୍କ ୨୫%, ଆଇଟି ସଂସ୍ଥା ଓ ସରକାରୀ ବିଭାଗ ୧୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ
- ବାହାଘର, ଶୁଦ୍ଧିକ୍ରିୟା ପାଇଁ ଅନୁମତି ନେବାକୁ ପଡ଼ିବ
- ପାସ୍‌ର ଅପବ୍ୟବହାର ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା ସମେତ ୪ ଜିଲା ଓ ରାଉରକେଲା ସହର ପାଇଁ ରାଜ୍ୟ ସରକାର ୧୪ଦିନିଆ କଟକଣା ଲଗାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ-ଭୁବନେଶ୍ୱର କମିଶନରେଟ ପୋଲିସ ମଧ୍ୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଶୁକ୍ରବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଖବରଦାତା ସମ୍ମିଳନୀରେ ଲକ୍‌ଡାଉନ୍ ନିୟମ ଓ ଗାଇଡ଼୍‌ଲାଇନ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଥର ଲକ୍‌ଡାଉନ ପୂର୍ବଠାରୁ ଅଧିକ କଡାକଡି ହେବ। ଏହି ସମୟରେ ସହର ବାହାରକୁ ଯିବାକୁ ମନା କରାଯାଇଛି। ଅଯଥାରେ କେହି ସହର ବାହାରକୁ ଯାଇ ପାରିବେନି କି ସହର ଭିତରକୁ ପ୍ରବେଶ କରିପାରିବେନି। ଅର୍ଥାତ୍ କଟକ ଲୋକେ ଭୁବନେଶ୍ୱର ଯାଇପାରିବେନି କି ଭୁବନେଶ୍ୱର ଲୋକେ କଟକ ଯାଇପାରିବେନି। ଅତି ଜରୁରୀ ଥିଲେ ପାସ୍ ନେଇ ଯାଆସ କରିହେବ ବୋଲି ଷଡ଼ଙ୍ଗୀ କହିଛନ୍ତି।



ଏଥିସହ କମିଶନର ଅନେକ ପରାମର୍ଶ ଓ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ପୂର୍ବରୁ ଥିବା ଶନି ଓ ରବିବାର ଶଟ୍‌ଡାଉନ୍ କଟକଣାକୁ ଉଠାଇ ଦିଆଯାଇଛି। ଏଣିକି ସୋମବାରରୁ ରବିବାର ଲକ୍‌ଡାଉନ୍। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସକାଳ ୬ରୁ ଅପରାହ୍ନ ୧ଟା ଯାଏ ଖୋଲା ରହିବ। ତେଣୁ ଏହି ସମୟରେ ପାଖ ଦୋକାନରୁ ଚାଲି ଚାଲି ଯାଇ ଜିନିଷ କିଣାକିଣି କରିବାକୁ ସେ ପରାମର୍ଶ ଦେଇଛନ୍ତି। ବାଇକ ବାହାର କଲେ ଜବତ ହେବ। ନିୟମକୁ ବେଖାତିର କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିଭଳି ଜରୁରୀ ସେବା ଯୋଗାଉଥିବା ଲୋକେ ପରିଚୟ ପତ୍ର ଦେଖାଇ ଯାଇପାରିବେ। ୨୫ ପ୍ରତିଶତ କର୍ମଚାରୀଙ୍କୁ ନେଇ ବ୍ୟାଙ୍କ ଖୋଲିବ। ଆଇଟି କମ୍ପାନୀ ମାତ୍ର ୧୦ ପ୍ରତିଶତ କର୍ମଚାରୀରେ ଚାଲିବ। ଇନ୍‌ସ୍ୟୁରାନ୍ସ ଅଫିସଗୁଡିକ ବନ୍ଦ ରହିବ। ଜରୁରିକାଳୀନ ବିଭାଗ ବ୍ୟତୀତ ଅନ୍ୟ ସରକାରୀ ବିଭାଗ ୧୦ ପ୍ରତିଶତ କର୍ମଚାରୀରେ ଚାଲିବ। ଢାବା ଖୋଲା ରହିବ, କିନ୍ତୁ କେବଳ ପାର୍ସଲ ଦିଆଯିବ। ରେଷ୍ଟୁରାଣ୍ଟ ଖୋଲିବନି, କିନ୍ତୁ ହୋମ୍ ଡେଲିଭରି କରିପାରିବେ। ହୋମ୍ ଡେଲିଭରି କାର୍ଯ୍ୟ କଟକଣାରୁ ବାଦ୍ ରହିବ। ଏୟାରପୋର୍ଟ ଓ ରେଲ୍‌ୱେ ଖୋଲା ରହିବ। ବାହାଘର ଓ ଶୁଦ୍ଧିକ୍ରିୟା ପାଇଁ ଅନୁମତି ଲୋଡା। ରାଶନ ସାମଗ୍ରୀ ପାଇଁ ସାଇକେଲ ବ୍ୟବହାରକୁ ଗୁରୁତ୍ୱ। ଜରୁରୀ ସେବାରେ ବାହାରକୁ ବାହାରୁଥିଲେ ଆଇକାର୍ଡ ସାଙ୍ଗରେ ଧରି ଯାଆନ୍ତୁ। ପାସ୍‌ର ଅପବ୍ୟବହାର କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଗଣମାଧ୍ୟମ କର୍ମଚାରୀ ଏବଂ ପ୍ରତିନିଧିଙ୍କ ପାଇଁ ପାସ୍ ବ୍ୟବସ୍ଥା ନାହିଁ। ସେମାନେ ଆଇକାର୍ଡ ଓ ଅନୁମତିପତ୍ର ଧରି ଯିବା ଆସିବା କରିପାରିବେ। କିନ୍ତୁ ଯଦି କେହି ଗଣମାଧ୍ୟମ ନାଁରେ ନିୟମ ଭାଙ୍ଗିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯଦି କେହି ଅସୁବିଧାରେ ପଡନ୍ତି ୧୦୦ ନମ୍ବରକୁ କଲ୍ କରି ନିଜର ସମସ୍ୟା ଜଣାଇ ପାରିବେ ବୋଲି ପୋଲିସ କମିଶନର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ତେବେ ୧୪ ଦିନ ପରେ ପୁଣି ଲକ୍‌ଡାଉନ କଟକଣା ଜାରି ରହିବ କି ପ୍ରଶ୍ନରେ ସେ ଏ ସମ୍ପର୍କରେ କିଛି ବି କହି ନ ଥିଲେ।

# କଶ୍ମୀରରେ ଆବାସିକ ପ୍ରମାଣପତ୍ର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତ ସରକାର ୩୭୦ ଧାରା ଉଚ୍ଛେଦ କରିବାର ୧୦ ମାସ ପରେ ଜମ୍ମୁ-କଶ୍ମୀର ପ୍ରଶାସନ ଆବାସିକ ପ୍ରମାଣପତ୍ର ଦେବା ଆରମ୍ଭ କରିଛି। ନୂତନ ନିୟମ ଅନୁସାରେ ଅଣ-ସ୍ଥାନୀୟ ବା ବାହାର ରାଜ୍ୟରୁ ଆସି ଜମ୍ମୁ-କଶ୍ମୀରରେ ସ୍ଥାୟୀଭାବେ ବସବାସ କରୁଥିବା ଲୋକ ଆବାସିକ ପ୍ରମାଣପତ୍ର ପାଇପାରିବେ। ବିହାରର ବରିଷ୍ଠ ଆଇଏଏସ୍ ଅଧିକାରୀ ନବୀନ କୁମାର ଚୌଧରୀ ହେଉଛନ୍ତି ଏହି କେନ୍ଦ୍ରଶାସିତ ଅଞ୍ଚଳରେ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇବାରେ ପ୍ରଥମ ବାବୁ। ୧୯୯୪-ବ୍ୟାଚ୍ ଜମ୍ମୁ-କଶ୍ମୀର କ୍ୟାଡର ଅଧିକାରୀ ଚୌଧରୀ ବର୍ତ୍ତମାନ ଜମ୍ମୁ-କଶ୍ମୀର କୃଷି ଉତ୍ପାଦନ ବିଭାଗର ପ୍ରମୁଖ ସଚିବ ଭାବରେ କାର୍ଯ୍ୟ କରୁଛନ୍ତି। ନିକଟରେ ଜମ୍ମୁ-କଶ୍ମୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ଗିରୀଶ ଚନ୍ଦ୍ର ମୁର୍ମୁ ଉଭୟ ସ୍ଥାନୀୟ ତଥା ଅଣ-ସ୍ଥାନୀୟ ଲୋକଙ୍କୁ ଯଥାଶୀଘ୍ର ଆବାସିକ ପ୍ରମାଣପତ୍ର ପ୍ରଦାନ ପାଇଁ ଏକ ଇ-ଆବେଦନ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ଏହାପୂର୍ବରୁ ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଥିଲା ଯେ, ଜମ୍ମୁ-କଶ୍ମୀରରେ ୧୫ ବର୍ଷ ରହିଆସିଥିବା କିମ୍ବା ଜମ୍ମୁ-କଶ୍ମୀରର କୌଣସି ଶିକ୍ଷାନୁଷ୍ଠାନରେ ୭ ବର୍ଷ ପଢ଼ି ଦଶମ ବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ବ୍ୟକ୍ତିଙ୍କୁ ଏହି ଆବାସିକ ପ୍ରମାଣପତ୍ର ପ୍ରଦାନ କରାଯିବ। ତେବେ ଏହି ପଦକ୍ଷେପ କେନ୍ଦ୍ରର ଉଦ୍ଦେଶ୍ୟକୁ ନେଇ କେନ୍ଦ୍ର ଶାସିତ ଅଞ୍ଚଳରେ ଉଦ୍‌ବେଗ ସୃଷ୍ଟି କରିଛି ଏବଂ ଏହାକୁ କଶ୍ମୀରବାସୀଙ୍କ ଜନସଂଖ୍ୟାଗତ ତଥା ସାଂସ୍କୃତିକ ପରିଚୟ ବଦଳାଇବାକୁ ଏକ ପ୍ରୟାସ ବୋଲି ଅଭିଯୋଗ କରାଯାଉଛି। ସୂଚନାନୁସାରେ, କେନ୍ଦ୍ର ସରକାର ଆଇନ ବଦଳାଇବା ପରଠାରୁ ୩୦,୦୦୦ରୁ ଅଧିକ ଲୋକ ଏଠାରେ ଅନ୍‌ଲାଇନରେ ଆବାସିକ ପ୍ରମାଣପତ୍ର ପାଇସାରିଲେଣି।

### ବାବୁଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନଖଡ଼ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ମଧ୍ୟରେ ଗତବର୍ଷ ଜୁଲାଇ ମାସରୁ ଧନଖଡ଼ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ବିବାଦ ଲାଗି ରହିଛି। ଜାରି ରହିଥିବା କୋଭିଡ ସଙ୍କଟ କେବଳ ରାଜ୍ୟ ସରକାର ଏବଂ ରାଜ୍ୟପାଳଙ୍କ ମଧ୍ୟରେ ଥିବା ପରସ୍ପର ପ୍ରତି ଦୋଷାରୋପ ପ୍ରବୃତ୍ତିକୁ ତୀକ୍ଷ୍ଣ କରିଛି। ତେବେ ଆମେ ଏହି ଅସରନ୍ତି ଲଢ଼େଇର ଏନ୍-ତମ ଅଧ୍ୟାୟ ଉପରେ ଆଲୋକପାତ କରୁଛୁ କାରଣ ଏଥିରେ ଏଥର ବାବୁଙ୍କ ସମ୍ପର୍କରେ କିଛି କୁହାଯାଇଛି। ନିକଟରେ ଧନଖଡ଼ ଟୁଇଟରକୁ ଯାଇ ପଶ୍ଚିମବଙ୍ଗର ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କୁ ସମ୍ବୋଧିତ କରିଥିଲେ। ସେ ସର୍ବଭାରତୀୟ ସେବା ଆଚରଣ ସଂହିତା ବିଷୟରେ ଉଲ୍ଲେଖ କରି ରାଜ୍ୟରେ ଏହି ନିୟମର ବ୍ୟାପକ ଅବମାନନା ଓ ଉଲ୍ଲଂଘନ କରାଯାଉଛି ବୋଲି କହିଥିଲେ। ସେ ଏପରି କୌଣସି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ, ଯାହା କୌଣସି ଆଇନ, ନିୟମ, ବିଧି ଏବଂ ପ୍ରତିଷ୍ଠିତ ପରମ୍ପରାର ବିରୋଧୀ। ନିଜର କର୍ତ୍ତବ୍ୟ ସମ୍ପାଦନ ବେଳେ ଅନୁଶାସନ ଓ ଶୃଙ୍ଖଳା ବଜାୟ ରଖିବା, ଯଥାର୍ଥ ଭାବରେ ସୂଚିତ କରାଯାଇଥିବା ଆଇନସମ୍ମତ ସରକାରୀ ଆଦେଶ ପାଳନ କରିବାକୁ ପ୍ରସ୍ତୁତ ରହିବା ଏବଂ ସର୍ବୋଚ୍ଚ ବୃତ୍ତିଗତ ଦକ୍ଷତା ଓ ଉତ୍ସର୍ଗୀକୃତ ଭାବନା ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ସେ ବାବୁମାନଙ୍କୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ସଙ୍କଟର ପରିଚାଳନାରେ ତ୍ରୁଟିବିଚ୍ୟୁତି ନେଇ ମିଳୁଥିବା ରିପୋର୍ଟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅମ୍ଫାନ୍ ବାତ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ ବଣ୍ଟନରେ ହୋଇଥିବା ଅନିୟମିତତା ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟରେ ୨୦୨୧ରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ରାଜ୍ୟପାଳଙ୍କ ଏତାଦୃଶ ପ୍ରତିକ୍ରିୟାକୁ ଭିନ୍ନ ଅର୍ଥରେ ଦେଖାଯାଉଛି।

### ଛଦ୍ମ ଧମକ

ମୋଦି ସରକାରରେ ବାବୁମାନେ କେନ୍ଦ୍ରରେ ଚାକିରି କରିବାକୁ ଅନିଚ୍ଛା ପ୍ରକାଶ କରୁଥିବା କିଛିବର୍ଷ ହେଲା ଲକ୍ଷ୍ୟ କରାଯାଉଛି। କେନ୍ଦ୍ର ସରକାର ପର୍ଯ୍ୟାୟକ୍ରମେ କେନ୍ଦ୍ରୀୟ ଡେପୁଟେଶନରେ ଯୁଗ୍ମ ସଚିବ ସ୍ତର ପର୍ଯ୍ୟନ୍ତ ନିଯୁକ୍ତି ପାଇଁ ବାବୁମାନଙ୍କୁ ପଠାଇବାକୁ ରାଜ୍ୟମାନଙ୍କୁ କହିଆସୁଛନ୍ତି। ଗତବର୍ଷ ନଭେମ୍ବରରେ ସେଣ୍ଟ୍ରାଲ ଷ୍ଟାଫିଙ୍ଗ୍ ସ୍କିମ୍ ଅନୁଯାୟୀ ଏବଂ ମୁଖ୍ୟ ଭିଜିଲାନ୍ସ ଅଫିସର ପଦବୀରେ ନିଯୁକ୍ତି ପାଇଁ ବାବୁମାନଙ୍କୁ କେନ୍ଦ୍ରକୁ ଡେପୁଟେଶନରେ ପଠାଇବାକୁ କେନ୍ଦ୍ର ସରକାର ଶେଷଥର ଲାଗି ରାଜ୍ୟଗୁଡ଼ିକୁ ଅନୁରୋଧ କରିଥିଲେ। କିନ୍ତୁ ରାଜ୍ୟଗୁଡ଼ିକର ପ୍ରତିକ୍ରିୟା ନିରାଶାଜନକ ଥିଲା। ସୂଚନାନୁସାରେ ବିଭିନ୍ନ କ୍ୟାଡର୍ ଓ ସେବାରୁ ବିଶେଷ କରି ନିର୍ଦ୍ଦେଶକ ସ୍ତରରେ ମିଳିଥିବା ସର୍ବନିମ୍ନ ସଂଖ୍ୟକ ନାମାଙ୍କନପତ୍ରକୁ ନେଇ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଚିନ୍ତା ପ୍ରକଟ କରିଛି। ରାଜ୍ୟ ସରକାରଗୁଡ଼ିକର ମୁଖ୍ୟ ଶାସନ ସଚିବ ଏବଂ କେନ୍ଦ୍ର ସରକାରୀ ବିଭାଗର ସଚିବମାନଙ୍କ ନିକଟକୁ ପଠାଯାଇଥିବା ଆଦେଶନାମାରେ ଡିଓପିଟି କହିଛି ଯେ ଏହି ପଦବୀଗୁଡିକର କମ୍ ଉପଯୋଗ ହେବା ଦ୍ୱାରା କ୍ୟାଡର ପରିଚାଳନାରେ ଗୁରୁତର ବିଭ୍ରାଟ ସୃଷ୍ଟି ହୋଇପାରେ। ପୁନଶ୍ଚ ଭବିଷ୍ୟତରେ ଗ୍ରହଣ କରାଯାଇଥିବା କ୍ୟାଡର ସମୀକ୍ଷା ପ୍ରସ୍ତାବକୁ ବିଚାର କରିବାବେଳେ ଏହି ଦିଗକୁ ଦୃଷ୍ଟିରେ ରଖାଯିବ ବୋଲି ଉକ୍ତ ଆଦେଶନାମାରେ ଚେତାବନୀ ଦିଆଯାଇଛି। କେନ୍ଦ୍ରୀୟ ଡେପୁଟେଶନ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ନାମାଙ୍କନ ପଠାଇ ନ ଥିବା କ୍ୟାଡରଗୁଡ଼ିକୁ ହୁଏତ ଅଳ୍ପ ସଂଖ୍ୟକ ଅତିରିକ୍ତ ବରିଷ୍ଠ ପଦବୀ ପାଇଁ ବାଛିବାକୁ ପଡିବ ବୋଲି ଏଥିରେ କୁହାଯାଇଛି।

Email: dilipcherian@gmail.com

# ଚାଷ ବେଉସାରେ ଚାଷୀ ଆତ୍ମନିର୍ଭର ତ



ଇଂ. ଶକ୍ତି ପ୍ରସାଦ ଦାସ

ଦିନକୁ ଦିନ ବଢୁଥିବା କୋଭିଡ୍ ୧୯ ମାମଲା ଓ ଏହାର ଅର୍ଥନୈତିକ ପ୍ରଭାବକୁ ପ୍ରଶମିତ କରିବା ପାଇଁ ମୋଦି ସରକାର ଅନ୍ୟାନ୍ୟ କ୍ଷେତ୍ର ସହିତ କୃଷି କ୍ଷେତ୍ରରେ ଅର୍ଥନୀତିକୁ ପୁନର୍ଜୀବିତ କରିବା ପାଇଁ ନିକଟରେ ଏକାଧିକ ଘୋଷଣା କରିଛନ୍ତି। ମହାମାରୀ କାରଣରୁ ବିଶ୍ୱର ଯୋଗାଣ ଶୃଙ୍ଖଳା ବ୍ୟାହତ ହେବା ସହିତ ଚାଇନା ସହ ସୀମା ବିବାଦରୁ ମୁହାଁମୁହିଁ ସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦି ଆତ୍ମନିର୍ଭର ଭାରତ ପାଇଁ ଆହ୍ୱାନ ଦେଇଛନ୍ତି। ଅନେକେ ଏହାକୁ ସଂରକ୍ଷଣବାଦ ବୋଲି ଅଭିହିତ କରିଛନ୍ତି। ବାସ୍ତବରେ, ଏହି ଆତ୍ମନିର୍ଭରତାର ଅର୍ଥ କ'ଣ? ସମସ୍ତ ଅତ୍ୟାବଶ୍ୟକ ଦ୍ରବ୍ୟରେ ଆତ୍ମନିର୍ଭରଶୀଳତା ନା ସ୍ୱୟଂସମ୍ପନ୍ନତା? ସେଭଳି ଦେଖିଲେ, ଖଣିଜତୈଳ ଏକ ଅତ୍ୟାବଶ୍ୟକ ଦ୍ରବ୍ୟ ଓ ଦେଶର ସମୁଦାୟ ଆମଦାନିର ୩୨ ପ୍ରତିଶତ। ଭାରତ ଖଣିଜତୈଳରେ ଆତ୍ମନିର୍ଭର ହୋଇପାରିବ କି? ତେଣୁ, ଏହାର ବ୍ୟବହାରିକ ଅର୍ଥକୁ ସ୍ୱୟଂସମ୍ପନ୍ନତା ବୋଲି ଧରିନିଆଯାଇପାରେ।

୧୩୭ କୋଟି ଜନସଂଖ୍ୟାର ଦେଶ ଭାରତ ତା'ର ଖାଦ୍ୟ ଆବଶ୍ୟକତାକୁ ଦେଶ ଭିତରୁ ହିଁ ବାହାର କରିବାକୁ ପଡିବ। ଷାଠିଏ ଦଶକରେ ଖାଦ୍ୟ ପାଇଁ ଆମେରିକା ଉପରେ ଅତ୍ୟଧିକ ନିର୍ଭରଶୀଳତା ପାଇଁ କେତେ ରାଜନୈତିକ ମୂଲ୍ୟ ଦେଇଛୁ ତାହା ଆମକୁ ଜଣା। ନବେ ଦଶକରେ ଆରମ୍ଭ ହୋଇଥିବା ଆର୍ଥିକ ସଂସ୍କାର ଦେଶର ଗଚ୍ଛିତ ବୈଦେଶିକ ବିନିମୟ ମୁଦ୍ରା ପରିମାଣ ୧.୧୦ବିଲିୟନ ଡଲାରରୁ (୧୯୯୧) ୫୦୨ବିଲିୟନ ଡଲାର (୨୦୨୦)ରେ ପହଞ୍ଚାଇବାରେ ସକ୍ଷମ ହୋଇପାରିଛି। ବୈଦେଶିକ ମୁଦ୍ରା ବିନିମୟ ମୂଲ୍ୟର ସଂଶୋଧନ ସହ ବିଶ୍ୱ ଅର୍ଥନୀତି ସହିତ ସମୟକ୍ରମେ ଏକୀକୃତ ହେବାର ଦକ୍ଷତା ହାସଲ କରିବା ଭାରତ ପାଇଁ ଗତ ତିନି ଦଶନ୍ଧି ମଧ୍ୟରେ ସବୁଠାରୁ ବଡ ସଂସ୍କାର ବୋଲି କୁହନ୍ତି ବିଶିଷ୍ଟ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି। ଏହି ସଂସ୍କାର ଖାଦ୍ୟ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳତା ଦେଇପାରିଛି।

ଦେଶ ଖାଦ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇଛି ସତ, କିନ୍ତୁ ଏହାକୁ ଉତ୍ପାଦନ କରିଥିବା ଚାଷୀ ଆତ୍ମନିର୍ଭର ହୋଇଛି କି? ଗତ ଦୁଇ ଦଶନ୍ଧି ଧରି ଭାରତ ବଳକା ଖାଦ୍ୟ ଶସ୍ୟ ଉତ୍ପାଦନ କରିଚାଲିଛି। କିନ୍ତୁ ସେହି ତୁଳନାରେ ଚାଷୀର ଆୟରେ ବୃଦ୍ଧି ହୋଇଛି କି? ସ୍ୱାଧୀନତା ପରଠାରୁ ଦେଶର କୃଷି ଉତ୍ପାଦନ ଉତ୍ପାଦକ ଅଭିମୁଖୀ ନ ହୋଇ ମୁଖ୍ୟତଃ ଉପଭୋକ୍ତା ଅଭିମୁଖୀ ହୋଇଛି। କୃଷି ଉତ୍ପାଦରୁ ଅର୍ଜିତ ଆୟ, ଖର୍ଚ୍ଚଠାରୁ ଊଣା ହେଲେ ବଳକା ଖାଦ୍ୟଶସ୍ୟ ଉତ୍ପାଦନ ଚାଷୀକୁ ଲାଭ ଦେବ ବୋଲି ଭାବିବା ଭୁଲ୍। ଉତ୍ପାଦନ ବୃଦ୍ଧି ପାଇଥିଲେ ମଧ୍ୟ ଏହା ଚାଷୀର ଆୟ ବୃଦ୍ଧିରେ ସହାୟକ ହୋଇନାହିଁ। ଅର୍ଥାତ୍ ଦେଶ ଆତ୍ମନିର୍ଭରଶୀଳ ହୋଇଛି, କିନ୍ତୁ ଚାଷୀ ଆତ୍ମନିର୍ଭର ହୋଇନାହିଁ।

ଚାହିଦା ହ୍ରାସ ଯୋଗୁଁ ଗତ ଦୁଇବର୍ଷ ହେଲା ଅନ୍ତର୍ଜାତୀୟ ଓ ଘରୋଇ ବଜାରରେ କୃଷି ଉତ୍ପାଦର ମୂଲ୍ୟବୃଦ୍ଧି ହେଉନାହିଁ। ମହାମାରୀଜନିତ ଲକ୍‌ଡାଉନ୍ ଦେଶର ସାମଗ୍ରିକ ଅର୍ଥନୀତିର ଅଣ୍ଟା ଭାଙ୍ଗି ଦେଇଛି। ସୌଭାଗ୍ୟର କଥା ଲକ୍‌ଡାଉନ୍ ଦ୍ୱାରା କୃଷି କ୍ଷେତ୍ର କମ୍ ପ୍ରଭାବିତ ହୋଇଛି। ଚଳିତ ମୌସୁମୀ ବର୍ତ୍ତମାନ ଦେଶପ୍ରତି ସଦୟ ଅଛି। କୃଷି ଉତ୍ପାଦନର ଅଭିବୃଦ୍ଧି ପାଇବାର ସବୁ ଲକ୍ଷଣ ଦେଖାଯାଉଛି। ଅସଲ କଥା ହେଲା ଉତ୍ପାଦନ ବୃଦ୍ଧି ସହିତ ଚାହିଦା ମଧ୍ୟ ତାଳ ଦେଇ ବଢ଼ିବାର ଅଛି। କିନ୍ତୁ ଚାହିଦା ହ୍ରାସ ପାଉଥିବାରୁ ଭାରତୀୟ ଚାଷୀର ଆୟ ବଢୁନାହିଁ। ଏହି ପରିସ୍ଥିତି ବଳବତ୍ତର ରହିଲେ ବଳକା ଯୋଗାଣ ଦ୍ୱାରା ମୂଲ୍ୟ ହ୍ରାସ ହିଁ ସାର ହେବ।

ଘରୋଇ ଚାହିଦାକୁ ପୁନର୍ଜୀବିତ କରିବାର ଏକମାତ୍ର ଉପାୟ ହେଉଛି ଗରିବଙ୍କ ପାଇଁ ସରକାରୀ ଖର୍ଚ୍ଚ ବୃଦ୍ଧି କରିବା, ବିଶେଷତଃ ଗ୍ରାମାଞ୍ଚଳରେ। କାରଣ, ଏମାନେ ରୋଜଗାରର ଏକ ବଡ଼ ଅଂଶ କୃଷିଜାତ ଦ୍ରବ୍ୟ ତଥା ଖାଦ୍ୟ ବାବଦରେ ଖର୍ଚ୍ଚ କରିଥାଆନ୍ତି। ଏହା ବାଦ୍ ସରକାର କେବଳ ଚାଉଳ ଓ ଗହମ ନୁହେଁ ବରଂ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ପ୍ରମୁଖ ଫସଲକୁ ସର୍ବନିମ୍ନ ସହାୟତା ମୂଲ୍ୟରେ ଯଥାସମ୍ଭବ କିଣିନେବା ଅବଶ୍ୟକ।

ଅନ୍ତର୍ଜାତୀୟ ବଜାରରେ କୃଷି-ବାଣିଜ୍ୟ କଥା ଦେଖିଲେ, ୧୯୯୧ ପରଠାରୁ ଭାରତ କୃଷି ଉତ୍ପାଦର ନିଟ୍ ରପ୍ତାନିକାରୀ ହେବା ଆରମ୍ଭ କରିଛି। ୨୦୧୩-୧୪ରେ ୨୪.୭ ବିଲିୟନ ଡଲାରର ନିଟ୍ ବଳକା କୃଷି-ବାଣିଜ୍ୟ କାରବାର କରିବାରେ ସକ୍ଷମ ହୋଇଥିଲା। ୨୦୧୪ ପରଠାରୁ କୃଷି-ରପ୍ତାନି ମନ୍ଥର ହୋଇଛି। ୨୦୧୯-୨୦ରେ ନିଟ୍ ବଳକା କୃଷି ବାଣିଜ୍ୟ ମାତ୍ର ୧୧.୨ ବିଲିୟନ ଡଲାର ରହିଛି। କୃଷି-ବାଣିଜ୍ୟକୁ ଦୃଢ଼ୀଭୂତ କରିବାକୁ ହେଲେ, ଆମକୁ ଏକ ରଣନୀତି ଆପଣାଇବାକୁ ପଡିବ। କେଉଁ ଉତ୍ପାଦର ରପ୍ତାନି ବୃଦ୍ଧି କରାଯିବ ଓ କେଉଁ କ୍ଷେତ୍ରରେ ଆମଦାନିକୁ ସଙ୍କୁଚିତ କରାଯିବ ସ୍ଥିର କଲାବେଳେ ଆମକୁ 'କମ୍ପାରେଟିଭ୍ ଆଡ୍‌ଭେଣ୍ଟେଜ୍' ବା ତୁଳନାତ୍ମକ ସୁବିଧା ବିଷୟରେ ସଚେତନ ହେବାକୁ ପଡିବ ବୋଲି ଗୁଲାଟି କହନ୍ତି। ଅର୍ଥାତ୍ ଯେଉଁ କ୍ଷେତ୍ରରେ ଆମେ ଅଧିକ ପ୍ରତିଯୋଗିତାମୂଳକ ରହିଛୁ, ସେଠାରେ ଅଧିକ ରପ୍ତାନି କରିବା ଏବଂ ଯେଉଁଠି ପ୍ରତିଦ୍ୱନ୍ଦ୍ୱିତାରେ ଊଣା ରହିଛୁ ସେଠାରେ ଆମଦାନି କରିବା।

ଚାଉଳ ଓ ଚିନି ରପ୍ତାନିରେ 'ତୁଳନାତ୍ମକ ସୁବିଧା' ଉଚ୍ଚ ଇନପୁଟ୍ ସବ୍‌ସିଡି (ଶକ୍ତି ଓ ସାର)ରେ ଲୁଚି ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପରୋକ୍ଷ ଭାବରେ ଏହି ଉତ୍ପାଦ ଦୁଇଟି ଦୁର୍ଲଭ ଜଳର ରପ୍ତାନି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କାରଣ, ଏକ କିଲୋଗ୍ରାମ୍ ଚାଉଳ ୩,୫୦୦-୫,୦୦୦ ଲିଟର ଜଳ ଆବଶ୍ୟକ କରୁଥିବାବେଳେ ଏକ କିଲୋଗ୍ରାମ୍ ଚିନି ପ୍ରାୟ ୨,୦୦୦ ଲିଟର ଜଳସେଚନ ଆବଶ୍ୟକ କରେ। ଏହା ସାରର ଅକାରଣ ବ୍ୟବହାର ବଢାଉଛି। ଚାଉଳ ଓ ଚିନି ଭଳି ଫଳ ଓ ପନିପରିବା, ମସଲା, ଚା ଏବଂ କଫି କିମ୍ବା ସୂତା ପରି ଉଚ୍ଚ ମୂଲ୍ୟଯୁକ୍ତ କୃଷି ଉତ୍ପାଦ ରପ୍ତାନି ପାଇଁ ଆମେ କାହିଁକି ସମାନ ପ୍ରୋତ୍ସାହନ ପ୍ରଦାନ କରୁନାହୁଁ? ନୀତି ନିର୍ମାତାମାନେ ତୁଳନାତ୍ମକ ସୁବିଧା ନୀତିକୁ ଆଖିରେ ରଖି ଏ ବିଷୟରେ ଚିନ୍ତା କରିବା ଆବଶ୍ୟକ।

କୃଷି-ଆମଦାନି କ୍ଷେତ୍ରରେ, ଖାଇବା ତେଲ ଓ ଡାଲି ଜାତୀୟ ସାମଗ୍ରୀ ଗୁରୁତ୍ୱ ବହନ କରୁଛି। ଡାଲି ଜାତୀୟ ଶସ୍ୟରେ ଦେଶ ଆଗାମୀ ଦିନରେ ପ୍ରାୟତଃ ଆତ୍ମନିର୍ଭର ହେବାକୁ ଯାଉଥିବାର ସୂଚନା ଆସୁଛି। ଖାଇବା ତେଲର ଆମଦାନି ମୂଲ୍ୟ ପ୍ରାୟ ୧୦ବିଲିୟନ ଡଲାର ରହିଛି। ଉତ୍ପାଦନ ବୃଦ୍ଧି ଓ ତୈଳବୀଜରୁ ତେଲ ନିଷ୍କାସନର ଅନୁପାତ ବୃଦ୍ଧି ପାଇଁ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଜରୁରୀ।

ଘରୋଇ ବଜାର ବାବଦରେ ସରକାର ନିକଟରେ ବର୍ତ୍ତମାନ ଉତ୍ପାଦନ ସହିତ ବିକ୍ରିବଟା ଉପରେ ଅଧିକ ଧ୍ୟାନ ଦେବାର ସମୟ। ଏହି ସମସ୍ୟାକୁ ସରକାର ବୁଝିଛନ୍ତି ଏବଂ ସମଗ୍ର ଦେଶରେ ଏକ ଜାତୀୟ କୃଷି ବଜାର ସୃଷ୍ଟି କରିବାକୁ ଯାଉଛନ୍ତି। ସାମ୍ପ୍ରତିକ ମହାମାରୀ ପରିପ୍ରେକ୍ଷୀରେ ସରକାର କିଛି ଗୁରୁତ୍ୱପୂର୍ଣ୍ଣ ଅଧ୍ୟାଦେଶ ଆଣିଛନ୍ତି: କୃଷକଙ୍କ ଉତ୍ପାଦର ବାଣିଜ୍ୟ ଓ ବିକ୍ରିବଟା (ପ୍ରୋତ୍ସାହନ ଓ ସୁବିଧା) ଅର୍ଡିନାନ୍ସ ୨୦୨୦, ମୂଲ୍ୟ ଆଶ୍ୱାସନା ଓ କୃଷି ସେବା ଉପରେ କୃଷକ ପାଇଁ ଚୁକ୍ତିନାମା (ସଶକ୍ତୀକରଣ ଓ ସୁରକ୍ଷା) ଅର୍ଡିନାନ୍ସ ୨୦୨୦ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମରେ ସଂଶୋଧନ ଅର୍ଡିନାନ୍ସ ୨୦୨୦। ଘରୋଇ ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ଯୋଗଦାନରୁ ଚାଷୀ ପ୍ରତିଯୋଗିତାମୂଳକ ଦରରେ ଉତ୍ପାଦ ବିକି ଅଧିକ ଲାଭବାନ ହେବ ବୋଲି ଆଶା କରାଯାଉଛି। ଏସବୁର ସଫଳ କାର୍ଯ୍ୟକାରିତା ଉପରେ ଚାଷୀର ଭବିଷ୍ୟତ ନିର୍ଭର କରୁଛି। ଘରୋଇ ବ୍ୟବସାୟୀଙ୍କ କୃଷି ବଜାର ପ୍ରବେଶକୁ ସାବଧାନତାର ସହ ବେଳକୁ ବେଳ ପର୍ଯ୍ୟାଲୋଚନା କରି ନିୟମାବଳୀର ଆବଶ୍ୟକ ସଂଶୋଧନ ସହିତ ଆଗକୁ ବଢ଼ିବାର ଅଛି।

ଛୋଟ ଚାଷୀଟି ନିକଟରେ ନିଜର ସ୍ୱଳ୍ପ ଉତ୍ପାଦ ପାଇଁ ଖୋଲା ବଜାରରେ ବ୍ୟକ୍ତିଗତ ମୂଲଚାଲ କରିବାର କ୍ଷମତା ନ ଥାଏ। ଲକ୍ଷ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ସେମାନଙ୍କ ସ୍ୱଳ୍ପ ଉତ୍ପାଦକୁ ଘରୋଇ ବ୍ୟବସାୟୀ ଘର ଘର ବୁଲି କିଣିବାକୁ ଯିବେନାହିଁ। ଏହି ପରିଦୃଶ୍ୟରେ ଚାଷୀ ଉତ୍ପାଦକ ସଂଘ (ଏଫ୍‌ପିଓ) ଏମାନଙ୍କୁ ଏକ ପ୍ରତିସ୍ପର୍ଦ୍ଧାତ୍ମକ ମଞ୍ଚ ଯୋଗାଇ ଦେଇପାରିବ। ପ୍ୟାକେଜିଂ, ସର୍ଟିଂ, ଗ୍ରେଡିଂ, ପରିବହନ ଓ ଷ୍ଟୋରେଜ୍ ସୁବିଧା ଯୋଗାଇ ଦେଇ ଘରୋଇ ବ୍ୟବସାୟୀଙ୍କ ସହିତ ମୂଲଚାଲ କରିବାର ଦକ୍ଷତା ରଖିପାରିବ। ସମୟକ୍ରମେ ଏହି ଏଫ୍‌ପିଓଗୁଡିକ ନିଜକୁ ସମୃଦ୍ଧ ଉଦ୍ୟୋଗ-କ୍ଲଷ୍ଟର ଭାବରେ ଗଢି ତୋଳିବାକୁ ସକ୍ଷମ ହୋଇପାରିବେ।

ଘରୋଇ ତଥା ଅନ୍ତର୍ଜାତୀୟ ବଜାରରେ ଆମର କୃଷି ଉତ୍ପାଦ ପ୍ରତିଯୋଗିତାମୂଳକ ହୋଇପାରୁ ନାହିଁ। ଏଥିପାଇଁ ଆମ କୃଷିକୁ ଅଧିକ ଦକ୍ଷ କରିବାକୁ ପଡିବ। ଅର୍ଥାତ୍ ଉତ୍ପାଦକତାରେ ଯଥେଷ୍ଟ ଉନ୍ନତି ଆଣିବାର ଅଛି। ଡିଜେଲ, ବିଦ୍ୟୁତ୍ ଶୁଳ୍କ, ସାର, କୀଟନାଶକ ଇତ୍ୟାଦି ଇନ୍‌ପୁଟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଓ ଆଧୁନିକ କୃଷି ପରିଚାଳନା ଅଭ୍ୟାସର ଉପଲବ୍ଧତାର ଅଭାବରୁ କୃଷିକ୍ଷେତ୍ର ଯୁଗ ସହିତ ତାଳଦେଇ ଦକ୍ଷତା ବଢାଇବାରେ ସକ୍ଷମ ହୋଇପାରୁନାହିଁ। ସରକାର ଇନପୁଟ୍ ସାମଗ୍ରୀଗୁଡିକର ମୂଲ୍ୟ ହ୍ରାସ କରିବାକୁ ପ୍ରୟାସ କରିବା ସହିତ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଚାଷୀ ନିକଟରେ ପହଞ୍ଚାଇବାର ଅଛି।

ଚାଷ ବେଉସା ଦକ୍ଷ ନ ହେଲେ, ଲକ୍ଷ ଲକ୍ଷ ଚାଷୀ କୃଷି କ୍ଷେତ୍ର ଛାଡି ଶିଳ୍ପ ତଥା ସେବା କ୍ଷେତ୍ରରେ ଅନୌପଚାରିକ କାମ ସନ୍ଧାନରେ ସହରମୁହାଁ ହୋଇ ଆତ୍ମସମ୍ମାନ ଟିକକ ହରାଇ ପ୍ରବାସୀ ଶ୍ରମିକର ଜୀବନଯାପନ କରିବେ। ଭାରତ ଭଳି ଦେଶରେ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବାକୁ ହେଲେ ଜମି ସଂସ୍କାର, କୃଷିକ୍ଷେତ୍ରରେ ବେସରକାରୀ ପୁଞ୍ଜି ବିନିଯୋଗ, ରଣନୈତିକ କୃଷି-ବାଣିଜ୍ୟ, କ୍ରିୟାଶୀଳ ଘରୋଇ କୃଷି ବଜାର ଓ କୃଷି ଗବେଷଣା କାର୍ଯ୍ୟକ୍ରମ (ଆର୍‌ଆଣ୍ଡଡି) ଇତ୍ୟାଦିରେ ବଡ ଧରଣର ସଂସ୍କାରର ସୁଫଳ ଚାଷୀ ନିକଟରେ ପହଞ୍ଚିବାର ଅଛି।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର,
ମୋ:୯୪୩୭୧୬୪୬୧୧

# ଚାପରେ ଶିକ୍ଷା ଓ ଶୈଶବ



ଦ୍ୱିତୀ ଚନ୍ଦ୍ର ସାହୁ

'ଦାଦା! ଯାହା ସବୁ ପଢିଥିଲି, ସେ ସବୁ ଏବେ କାଟିଦେଲେ। ପ୍ରାୟ ସବୁ ୟୁନିଟ୍‌ର ପାଠ କଟିଗଲା। ମୁଣ୍ଡ ଟେନ୍‌ସନ ହୋଇଗଲା ଦାଦା!' ନିକଟରେ ୩୦ ପ୍ରତିଶତ ପାଠ୍ୟକ୍ରମ କଟିବା ପରେ ପରିବର୍ତ୍ତିତ ପାଠ୍ୟସୂଚୀ ଦେଖି ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଝିଅାରୀ ହଠାତ୍ ଏମିତି କହିଲା। ଅଧିକା ଆଲୋଚନା କରି ଭାରାକ୍ରାନ୍ତ କରିବା ଅପେକ୍ଷା କେବଳ କହିଲି- ''କ'ଣ କରିବା, ପରିସ୍ଥିତି ହିଁ ସେଇଆ। ଆମକୁ ଆଡ୍‌ଜଷ୍ଟ ହେବାକୁ ହେବ। ଆଉ ଟିକେ ଅଧିକ ପରିଶ୍ରମ କର ମାଆ!'' ତାକୁ କହିଦେଲି ସତ। କିନ୍ତୁ ଏଭଳି ବ୍ୟତିକ୍ରମ ପିଲାଙ୍କ ମାନସିକ ସ୍ଥିତିକୁ ଦୋହଲେଇ ଦେବ ଏଥିରେ ସନ୍ଦେହ ନାହିଁ। ଏମିତିରେ ପ୍ରତ୍ୟକ୍ଷ ଶିକ୍ଷାଦାନ ଅଭାବରୁ ଯେନତେନ ଅନ୍‌ଲାଇନ ଶିକ୍ଷାଦାନ ଓ ବିଭିନ୍ନ ଅନ୍‌ଲାଇନ ଟ୍ୟୁଟୋରିଆଲରେ ଦିନରାତି ଏକ କରି ପଢୁଥିବା ପିଲାଟି ପକ୍ଷେ ଏଇ ପରିବର୍ତ୍ତନ ସହଜରେ ଗ୍ରହଣୀୟ ହୋଇପାରିନି। ଅଥଚ ପିଲାଙ୍କ ଚାପମୁକ୍ତି ଲାଗି ଏମିତି ପାଠ୍ୟସୂଚୀରେ ପରିବର୍ତ୍ତନ ଅଣାଯାଇଛି। ଇଏ ତ ଗଲା କଲେଜ ପଢୁଆ ପିଲାଙ୍କ ଅବସ୍ଥା। ତଳ ଶ୍ରେଣୀରେ ପଢୁଥିବା ପିଲାମାନେ ବି କମ୍ ଚାପରେ ନାହାନ୍ତି। ସକାଳୁ ଉଠି ମୁହଁ ଧୋଇବା ମାତ୍ରେ ବାପାମାଆ ଦେଉଛନ୍ତି ମୋବାଇଲ ଏବଂ ଅନ୍‌ଲାଇନ କ୍ଲାସରେ ଯୋଗଦେବାକୁ ତାଗିଦ୍। ଆଖିରୁ ନିଦ ଛାଡ଼ି ନ ଥିବା ପିଲାଟି ମୋବାଇଲରେ ମୁହଁ ମାଡି ଆରମ୍ଭ କରିବ ପାଠପଢ଼ା। ସେଥିରେ ବି ନାନା ବ୍ୟତିକ୍ରମ। କେତେବେଳେ ଲିଙ୍କ୍ ରହୁଥିବ ତ କେତେବେଳେ କଟିଯାଉଥିବ। ଲିଙ୍କ୍ ଥିଲେ ବି ଯୋଗଦେଇଥିବା ଅନେକ ପିଲା ନିଜର ଭିଡିଓ ଓ ଅଡିଓକୁ ବନ୍ଦ ନ କରିବା କାରଣରୁ କୋଳାହଳ ବଢୁଥିବ। ବିଚରା ପିଲାଟି ସେପଟୁ ଶିକ୍ଷକଙ୍କୁ ଦେଖୁଥିବ। କିନ୍ତୁ ଭଲରେ ଶୁଣିପାରୁ ନ ଥିବ। ତା'ପରେ ଆସିବ କିଛି ଭିଡିଓ। ତାକୁ ଦେଖି ସାରିଥିବ କି ନା ପଛକୁ ପଛ ଆସିଯାଇଥିବ ମେଞ୍ଚାଏ ଗୃହକାର୍ଯ୍ୟ। ସେସବୁକୁ ସାରୁ ସାରୁ ମଧ୍ୟାହ୍ନ ଟପିଯିବ। ଖାଇବା ପିଇବାରେ ଆଉ ମନ ନ ଥିବ। ଏସବୁ ସରିଲେ ପିଲାଙ୍କ ଆଉ ଗୋଟେ ଅଭ୍ୟାସ ଏବେ ଅଭିଭାବକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଚାରିକାନ୍ଥ ଭିତରେ ଆବଦ୍ଧ ଥିବା ପିଲାଟି ନିଜକୁ ଟିକେ ହାଲକା କରିବା ପାଇଁ ପୁଣି ସେଇ ମୋବାଇଲ ଭିତରେ ପଶି ଯିବାକୁ ଆଗ୍ରହ ଦେଖାଉଛି। ବିଭିନ୍ନ ଗେମ୍ ଭିତରେ ଏକ ନିଶାଖୋର ମଣିଷଟି ଭଳି ଘଣ୍ଟା ଘଣ୍ଟା ସମୟ ଦେଉଛି। ବିଚରା ଅଭିଭାବକ ସବୁ ଦେଖୁଛି, ଜାଣୁଛି, ଅଥଚ କିଛି ବି ଆକଟ କରିପାରୁନି। କାରଣ ସେଇ ଘର ଭିତରେ ରହୁଥିବା ପିଲାଟି ପାଇଁ ବିକଳ୍ପ ମନୋରଞ୍ଜନର ଖୋରାକ କିଛି ଆଉ ନାହିଁ। ଟିଭିରେ କାର୍ଟୁନ ଦେଖିବ ନ ହେଲେ ମୋବାଇଲରେ ୟୁ ଟ୍ୟୁବ୍ କିମ୍ବା ଭିଡିଓ ଗେମ୍ ଖେଳିବ। ଗପ ବହି ପଢିବାକୁ ଆଉ ପିଲାଙ୍କ ଆଗ୍ରହ କାହିଁ। କରୋନା ପାଇଁ ପ୍ରତ୍ୟକ୍ଷ ଶିକ୍ଷାଦାନ ବାଧାପ୍ରାପ୍ତ ହେତୁ ପିଲାଙ୍କ ମାନସିକତା ବଦଳିଛି। ହାତରେ ଥିବା ମୋବାଇଲଟି ତା'ର ଆଖି ଉପରେ ପ୍ରଭାବ ପକାଇବା ସହ ସୃଜନଶୀଳତାକୁ ନଷ୍ଟ କରୁଛି। ଥିଲାବାଲା ଘରର ଇଏ ଚିତ୍ର। ଗରିବ ପରିବାରର ଚିତ୍ର ଆହୁରି କରୁଣ। ନ ଥିଲା ବାଲା ପରିବାର ତା'ର ପିଲାକୁ ଅନ୍‌ଲାଇନ କ୍ଲାସ ଲାଗି ମୋବାଇଲ ଦେବା ଦୂରର କଥା ମୁଠେ ଭଲ କରି ଖାଇବାକୁ ଦେବା ପାଇଁ ସଂଘର୍ଷ କରୁଛି। କରୋନାଜନିତ ପରିସ୍ଥିତିରେ ଉଜୁଡି ଯାଇଛି ବେଉସା। ରୋଜଗାର ବନ୍ଦ। ଯାହା ସବୁ ସଞ୍ଚୟ ଥିଲା ସରି ସରି ଆସୁଛି। ଅନେକେ ନିଜର ପୂର୍ବ ରୋଜଗାର ଛାଡି ଅନ୍ୟ ରୋଜଗାର ପାଇଁ ମାଧ୍ୟମ ବଦଳେଇଛନ୍ତି। ଅଥଚ ତାହା ଆୟ ପାଇଁ ଯଥେଷ୍ଟ ନୁହଁ। ପରିବାରର ଏଇ ସ୍ଥିତି ହେତୁ ଗାଁ ଗହଳିରେ କିଶୋର କିଶୋରୀମାନେ ପାଠକୁ ଏଡେଇ ବଞ୍ଚିବାର ମୋହରେ ଆୟ ଲାଗି ନିଜେ ଖଟିବାକୁ ଯାଉଛନ୍ତି। ନିକଟରେ ୟୁନେସ୍କୋର ତଥ୍ୟକୁ ଆଧାର କରି ସେଭ୍ ଦି ଚିଲଡ୍ରେନ ନାମକ ଶିଶୁ ମଙ୍ଗଳ ସଂସ୍ଥା ପକ୍ଷରୁ କୁହାଯାଇଛି ବିଦ୍ୟାଳୟ କେବେ ଖୋଲିବ ଏବଂ ଆଗାମୀ ଶିକ୍ଷାଦାନ ବ୍ୟବସ୍ଥାର ଠିକ୍ ରୂପରେଖ କ'ଣ ହେବ ସ୍ଥିରୀକୃତ ହୋଇପାରୁନି। ସେପଟେ ବିଶ୍ୱବ୍ୟାପୀ ୧୬୦ କୋଟି ପିଲାଙ୍କ ସ୍କୁଲ ଓ କଲେଜ ଯିବା ବନ୍ଦ କରିଦିଆଯାଇଛି। ସେହିପରି କୋଭିଡ୍‌ଜନିତ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ବିଶ୍ୱବ୍ୟାପୀ ପ୍ରାୟ ୧୨ କୋଟି ପିଲା ଅଭାବ ମଧ୍ୟକୁ ଟାଣି ହୋଇଯାଇଛନ୍ତି। ଘରର ବୋଝ କମାଇବା ପାଇଁ ପ୍ରାୟ ୯୭ଲକ୍ଷ ଛାତ୍ରୀଛାତ୍ର ସ୍ଥାୟୀ ଭାବେ ଆଉ ବିଦ୍ୟାଳୟକୁ ଫେରିବାର ସମ୍ଭାବନା ନାହିଁ। ଏହା ସମଗ୍ର ବିଶ୍ୱ ପାଇଁ ଚିନ୍ତା ବଢେଇଛି। ଘରେ ଥିବା ଶିଶୁଟିର ମାନସିକ ଚାପ ବୃଦ୍ଧି ପାଇଛି। ଅଭିଭାବକ କିଛି କହିଲେ ପିଲାଙ୍କ ଭିତରେ ପ୍ରତିକ୍ରିୟା ସୃଷ୍ଟି ହେଉଛି। ଚିଡିଚିଡା ହେଉଛି ସେ। ଶାନ୍ତଶିଷ୍ଟ ପିଲାଟି ବି ତୁରନ୍ତ ପ୍ରତିକ୍ରିୟାଶୀଳ ହୋଇ ଉଠୁଛି। ଅନେକ ମଧ୍ୟବିତ୍ତ ପରିବାରର ବାପାମାଆ ଏଇ ପରିସ୍ଥିତିରେ ପେଟପାଟଣା ଚିନ୍ତାରେ ପିଲାଙ୍କୁ ବିଶେଷ ସମୟ ଦେଇପାରୁ ନାହାନ୍ତି। ପିଲାଙ୍କ ମାନସିକ ସ୍ଥିତିକୁ ବୁଝିବା ଓ ସେଇ ଅନୁସାରେ କାମ କରିବା ଲାଗି ଘରେ କାହା ପାଖରେ ସମୟ ନାହିଁ। କାରଣ ବଡମାନେ ବି ନିଜ ବୃତ୍ତି ଓ ପ୍ରବୃତ୍ତିଜନିତ ସମସ୍ୟାକୁ ନେଇ ମାନସିକ ଚାପରେ ରହୁଛନ୍ତି। ପିତାମାତା ଚାହୁଁଛନ୍ତି ତାଙ୍କ ପିଲା ଘରୁ ନ ବାହାରୁ ଓ କରୋନାରେ ସଂକ୍ରମିତ ନ ହେଉ। ଅଥଚ ପ୍ରାୟତଃ ସମସ୍ତେ ଅନ୍ୟଦିଗକୁ ଭୁଲିଯାଉଛନ୍ତି ବିଦ୍ୟାଳୟରେ ସାଙ୍ଗସାଥୀ ମେଳରେ ନିଜକୁ ହଜାଇ ମସ୍ତିରେ ଆନନ୍ଦ ପାଉଥିବା ପିଲାଟି ବାସ୍ତବରେ ଘରେ ତା'ର ବିକଳ୍ପ କ'ଣ ପାଇଛି! ସମସ୍ତ ବ୍ୟସ୍ତତା ଭିତରେ ଅଭିଭାବକମାନେ ପ୍ରତି ମୁହୂର୍ତ୍ତରେ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ, ଆଉ ପିଲାଙ୍କୁ ପୂର୍ବାପେକ୍ଷା ଯଥେଷ୍ଟ ସମୟ ଦେବା ଆବଶ୍ୟକ। ନ ହେଲେ ହୁଏତ ଆଗାମୀ ପିଢି ପାଇଁ ଏକ ଭିନ୍ନ ମାନସିକତାର ପିଲାଙ୍କୁ ତିଆରି କରିବା। ଯେଉଁଠି ପିଲା ତ ଥିବେ, ଶୈଶବ କିନ୍ତୁ ହଜିଯାଇଥିବ!

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା,
ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

କର୍ତ୍ତବ୍ୟ ହିଁ ଭଗବାନ, ଏହା ଉପଲବ୍ଧି କରିଛନ୍ତି ତାମିଲନାଡୁର ପୋଷ୍ଟମ୍ୟାନ ଡି. ଶିବନ୍। ଦୀର୍ଘ ୩୫ ବର୍ଷ ହେବ କାର୍ଯ୍ୟ କରିବା ପରେ ନିକଟରେ ଅବସର ନେଇଛନ୍ତି। ତାଙ୍କୁ ଏବେ ବୟସ ୬୫। ପ୍ରତିଦିନ ପାହାଡ଼ିଆ ରାସ୍ତାରେ ଜଙ୍ଗଲ ମଧ୍ୟରେ ନଦୀ, ଝରଣା ପାର ହୋଇ ଲୋକଙ୍କ ପାଖରେ ଚିଠି ଏବଂ ଚା'ତାରା ରୋପଣ କରୁଥିବା ଶ୍ରମିକ ଓ ଗ୍ରାମବାସୀଙ୍କ ନିକଟରେ ପେନ୍‌ସନ ପହଞ୍ଚାଉଥିଲେ। ସେ ନୀଳଗିରି ମାଉଣ୍ଟେନ ରେଲୱେ ଟ୍ରାକ୍ କଡ଼େ କଡ଼େ ଚାଲି ଚାଲି ୧୫ କି.ମି ଯାଆନ୍ତି। ଟନେଲ ଭିତରେ ୪୦ ମିନିଟ ଗଲା ପରେ ପହଞ୍ଚିଥାନ୍ତି ପ୍ରଥମ ଗାଁରେ। ପରେ ୨୦ ମିନିଟ୍ ଚାଲିଲେ ପହଞ୍ଚିଥାନ୍ତି ଏକ ଆଦିବାସୀ ଗାଁରେ। ଏମିତି ସବୁ ଦୁର୍ଗମ ଗାଁକୁ ବୁଲି ବୁଲି ଯିବାକୁ ପଡୁଥିଲା ୧୫ କି.ମି.। ଚାକିରି କାଳ ମଧ୍ୟରେ କେବେ ବି ସେ ତାଙ୍କ କାର୍ଯ୍ୟଧାରାରେ ପରିବର୍ତ୍ତନ କରି ନ ଥିଲେ। କୋନୁରରେ ରହନ୍ତି ଶିବନ୍। ସେ ୧୯୮୫ରେ ଷ୍ଟାମ୍ପ ଭେଣ୍ଡର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ୨୫ ବର୍ଷ ଏହି କାର୍ଯ୍ୟ କରିବା ପରେ ହିଲଗ୍ରୋଭ ବ୍ରାଞ୍ଚ ପୋଷ୍ଟ ଅଫିସରେ ଗ୍ରାମୀଣ ଡାକ ସେବକ ଭାବେ ନିଯୁକ୍ତି ପାଇଥିଲେ। ପ୍ରତିଦିନ ୧୦ଟାରେ ତାଙ୍କ ଘର ପାଖରୁ ୧୦ କି.ମି. ଦୂର ହିଲ୍‌ଗ୍ରୋଭ ପୋଷ୍ଟ ଅଫିସକୁ ଯାଇଥାନ୍ତି। ଘରୁ ୪ କି.ମି. ବସ୍‌ରେ ଯିବା ପରେ ବାକି ବାଟ ଚା' ବଗିଚା ଭିତରେ ଚାଲି ଚାଲି ଯାଆନ୍ତି। ପ୍ଲାଣ୍ଟେସନ ଶ୍ରମିକଙ୍କର ବଞ୍ଚିବାର ଏକମାତ୍ର ରାହା ପେନସନ ହୋଇଥିବାରୁ ସେମାନଙ୍କ ନିକଟରେ ଏହା ପହଞ୍ଚାଇବା ଜରୁରୀ ହୋଇଥାଏ ବୋଲି କହନ୍ତି ଶିବନ୍। ତାଙ୍କର ଏଭଳି କର୍ତ୍ତବ୍ୟବୋଧ ତଥା ଦୁଃସାହସିକ କାର୍ଯ୍ୟ ସଭିଙ୍କ ପାଇଁ ପ୍ରେରଣାଦାୟକ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁଲାଇ ୧୯୯୫

- ବୋଗ୍ଭିରାଓ ଦ୍ୱୀପରେ ଅବସ୍ଥିତ ନୌବାହିନୀର ଏକ ଅସ୍ତ୍ରାଗାରରେ ବିସ୍ଫୋରଣ ଘଟି ୧୦୦ ଜଣଙ୍କ ମୃତ୍ୟୁ।
- ବୋସନିଆ ସର୍ବମାନେ ପଣବନ୍ଦୀ ଭାବରେ ରଖିଥିବା ୬୪ ଜଣ ଡଚ ଜାତିସଂଘ ଶାନ୍ତିରକ୍ଷୀଙ୍କୁ ମୁକ୍ତ କରିଦେଇଛନ୍ତି।
- ସୀମାନ୍ତରେ ଅପରାଧ ଏବଂ ନିଶା ଔଷଧ କାରବାରକୁ ରୋକିବା ସକାଶେ ଭାରତ ଓ ଚାଇନା ମଧ୍ୟରେ ଏକ ବୁଝାମଣା।

### ଚିରନ୍ତନୀ

ନିଭିଛି ମୋ ତହୁଁ ସକଳ ରୂପର ମୋହ
ରହସ୍ୟରାଶି ହୋଇଛି ଯେ ହାସମୟ
ଅସମୟେ ଆଜି ଦେଇଛ ଯେବେ ଗୋ ଦେଖା
ନ କହ ସଜନି! ମୋତେ ବଡ଼ ନିର୍ଦ୍ଦୟ।
(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

### ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 7 | | | | | 0 | 4 | | | C | | |
| | | | 1 | | | | 2 | 3 | | D | 5 | | 7 | |
| | | 2 | | 8 | | D | B | | | | C | | | |
| | | | | | 4 | 8 | | | | | 6 | | | |
| | E | 8 | B | | | | 9 | 5 | | A | | | | |
| 9 | | 1 | | | B | | | | | C | | 3 | A | |
| | 3 | 6 | | 5 | | | | 9 | | | A | | | E |
| 8 | 4 | 0 | | A | | | E | 7 | | | | B | | |
| | | | | | 9 | | 1 | 6 | 8 | | | 4 | | |
| | 5 | | | | 6 | | | D | 1 | E | B | | | |
| 1 | | | | | | | C | | | B | E | | | |
| 4 | D | C | | E | | | | 8 | | | | | | 9 |
| | | | | | | | | | C | 6 | 2 | | | D |
| 5 | B | | | | 7 | | | 4 | | | 9 | | | 3 |
| | | 3 | | | A | | 0 | 1 | 5 | | 7 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | C | 1 | 7 | D | B | 3 | 5 | 9 | 6 | A | 2 | 0 | E | 8 |
| 3 | D | 8 | A | 1 | 5 | 4 | 2 | 7 | E | B | 0 | 9 | C | 6 |
| 5 | E | B | 4 | 8 | 3 | 0 | C | 6 | 7 | D | 9 | A | 2 | 1 |
| A | 6 | 2 | 9 | C | 0 | 8 | E | D | 3 | 1 | 5 | 4 | B | 7 |
| 7 | 0 | 9 | 6 | 2 | E | 1 | B | A | 4 | C | 8 | D | 5 | 3 |
| C | 1 | 3 | 5 | A | 2 | 7 | 6 | 8 | 9 | 0 | 4 | B | D | E |
| B | 9 | D | E | 6 | 8 | A | 0 | 3 | C | 5 | 7 | 1 | 4 | 2 |
| 0 | 7 | 5 | B | 4 | C | E | D | 2 | A | 6 | 1 | 3 | 8 | 9 |
| 6 | A | E | 0 | 9 | D | B | 4 | 1 | 2 | 8 | 3 | C | 7 | 5 |
| 8 | 2 | 4 | 1 | 3 | 7 | C | 9 | 5 | D | E | B | 6 | 0 | A |
| D | 4 | 6 | 8 | 5 | 1 | 9 | 7 | B | 0 | 3 | E | 2 | A | C |
| 2 | 5 | C | 3 | 7 | 9 | 6 | A | E | B | 4 | D | 8 | 1 | 0 |
| E | 8 | A | D | B | 6 | 2 | 3 | 0 | 1 | 7 | C | 5 | 9 | 4 |
| 9 | B | 0 | C | E | A | 5 | 1 | 4 | 8 | 2 | 6 | 7 | 3 | D |
| 1 | 3 | 7 | 2 | 0 | 4 | D | 8 | C | 5 | 9 | A | E | 6 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱର୍ଗଦ୍ୱାରରେ ସ୍ୱର୍ଗପ୍ରାପ୍ତିର ସ୍ୱପ୍ନ ଅଧୁରା

ମହାଶୟ,

ପୁରୀ ଜିଲା ପ୍ରଶାସନ ଏଣିକି ଆଉ ଜିଲା ବାହାରର କୌଣସି ମୃତଦେହକୁ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରିବାକୁ ଦେବନାହିଁ ବୋଲି ଖବର ପ୍ରକାଶ ପାଇଛି। ଓଡ଼ିଶାର କେତେକ ହିନ୍ଦୁ ଧର୍ମାବଲମ୍ବୀ ଜୀବନର ଅନ୍ତିମ ପର୍ଯ୍ୟାୟରେ ସ୍ୱର୍ଗଦ୍ୱାରରେ ନିଜ ମୃତଦେହର ସତ୍କାର କରିବା ଲାଗି ନିଜ ପରିବାର ତଥା ବନ୍ଧୁ ପରିଜନଙ୍କ ନିକଟରେ ଇଚ୍ଛା ପ୍ରକଟ କରିଥାନ୍ତି। କେଉଁ ଯୁଗରୁ ପୁରୀର ସ୍ୱର୍ଗଦ୍ୱାର ହିନ୍ଦୁମାନଙ୍କର ପବିତ୍ର ସ୍ଥଳୀ ରୂପେ ବିବେଚିତ ହୋଇ ଆସୁଛି। ଶେଷ ଇଚ୍ଛା ଅନୁଯାୟୀ ମୃତକଙ୍କ ପରିବାର ତାଙ୍କ ଶବକୁ ସ୍ୱର୍ଗଦ୍ୱାରରେ ଦାହ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି। ଏବେ ଯାନବାହନର ସୁବିଧା ଉପଲବ୍ଧ ଥିବାରୁ ଓ ହରିଶ୍ଚନ୍ଦ୍ର ଯୋଜନାରେ ଶବ ପିଛା ୨୦୦୦ ଟଙ୍କାର ଆର୍ଥିକ ସହାୟତା ମିଳୁଥିବାରୁ ଆନୁଷଙ୍ଗିକ ସାମଗ୍ରୀ ସହ ପୁରୋହିତ ଓ ଶବ ଦାହକ ସ୍ଥଳରେ ମିଳୁଥିବାରୁ ଦୂରଦୂରାନ୍ତରୁ ଆତ୍ମୀୟମାନେ ଏଠାକୁ ଆସି ଅନ୍ତିମ ସଂସ୍କାର କରିଥାନ୍ତି। ଅବଶ୍ୟ କିଛିଦିନ ପୂର୍ବରୁ କରୋନା କଟକଣା ଯୋଗୁ ଶବ ଦାହ ନିମନ୍ତେ ଅତିବେଶିରେ ୨୦ ଜଣ ବନ୍ଧୁ ପରିବାର ଆସିପାରିବେ ବୋଲି କୁହାଯାଇଥିଲା। ତେବେ ସଂପ୍ରତି କରୋନାର ବ୍ୟାପକ ସଂକ୍ରମଣ ଯୋଗୁ ସ୍ୱର୍ଗଦ୍ୱାରରେ ବାହାର ଜିଲାର ଶବକୁ ବାରଣ କରିବା ସ୍ୱଳ୍ପକାଳ ପାଇଁ ହେଲେ ମଧ୍ୟ ସ୍ୱାଗତଯୋଗ୍ୟ। ତେବେ ଯେଉଁମାନେ ଭବସାଗରରୁ ମୁକ୍ତି ପାଇଁ ସ୍ୱର୍ଗବାସୀ ହେବାକୁ ଇଚ୍ଛୁକ ଥାଆନ୍ତି ସେମାନଙ୍କ ପାଇଁ ଏହି ଖବର ଦୁଃଖଦ ହୋଇପାରେ। କାରଣ ତାଙ୍କର ଏହି ସ୍ୱପ୍ନ ସାକାର ହେବା ସମ୍ଭବ ନୁହେଁ। ବାସ୍ତବରେ ପୁରୀକୁ ଆସୁଥିବା ମୃତଦେହ କରୋନା ପୀଡ଼ିତ କି ନୁହେଁ ତାହା ଜାଣିବାର ଉପାୟ ନାହିଁ। ତେବେ କରୋନାରେ ମୃତକଙ୍କୁ ବଳିଆପଣ୍ଡା ଷ୍ଟର୍ଲିଂ ରିସର୍ଟ ନିକଟରେ ଦାହ କରିବାର ସୁବିଧା ଦେବା ଖବର ପ୍ରକାଶ ପାଇଛି।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୂଅକୁ ଡେଇଁବା କାଳ ହେଲା

**ନାକଟିଦେଉଳ,୧୭।୭(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଧୀନ ପେଣ୍ଡବାହାଲ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। କୂଅ ଭିତରେ ଗାଧୋଉ ଥିବା ସମୟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁନିଆ ପେଣ୍ଟେଇ (୪୦)। ଗୁରୁବାର ସନ୍ଧ୍ୟାରେ ନିକଟସ୍ଥ କମାର ସାହିରେ ଥିବା ଜଣେ ବ୍ୟକ୍ତିଙ୍କ କୂଅ ଭିତରକୁ ଗାଧୋଇବା ପାଇଁ ସେ ଡେଇଁଥିଲେ। ହେଲେ ଦୀର୍ଘ ସମୟ ଧରି ସେ ପଦାକୁ ନ ଆସିବାରୁ ଲୋକେ ସନ୍ଦେହ କରିଥିଲେ। କୂଅ ଭିତରେ ପୁନିଆ ଉବୁଟୁବୁ ହେଉଥିବା ଦେଖି ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ବାହାରକୁ ଆଣିଥିଲେ। ତୁରନ୍ତ ତାଙ୍କୁ ନାକଟିଦେଉଳ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନାକଟିଦେଉଳ ପୋଲିସ ଶୁକ୍ରବାର ସକାଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରାଜ୍ୟରେ ଆଉ ୪୫୩ଜଣ ସୁସ୍ଥ

**ଭୁବନେଶ୍ୱର,୧୭।୭(ବ୍ୟୁରୋ):** ରାଜ୍ୟରେ ଶୁକ୍ରବାର ଆଉ ୪୫୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଗଞ୍ଜାମରୁ ସର୍ବାଧିକ ୨୨୦ଜଣ, ସୁନ୍ଦରଗଡ଼ରୁ ୪୧, ନବରଙ୍ଗପୁରରୁ ୩୩ଜଣ, ଖୋର୍ଦ୍ଧାରୁ ୨୮ଜଣ, ବଲାଙ୍ଗୀରରୁ ୨୬ଜଣ, କେନ୍ଦୁଝରରୁ ୧୭,ବାଲେଶ୍ୱରରୁ ୧୫ଜଣ, ଜଗତ୍‌ସିଂହପୁରରୁ ୧୩ଜଣ, ମାଲକାନଗିରିରୁ ୧୩ଜଣ, ଯାଜପୁରରୁ ୧୦ଜଣ, ଗଜପତିରୁ ୧୦ଜଣ, ଅନୁଗୋଳରୁ ୯ଜଣ, କେନ୍ଦ୍ରାପଡ଼ାରୁ ୬ଜଣ, କୋରାପୁଟରୁ ୪ଜଣ, କଟକରୁ ୩ଜଣ, ଭଦ୍ରକରୁ ୨ଜଣ ସୁସ୍ଥ ହୋଇଥିବା ବେଳେ ମୟୂରଭଞ୍ଜ, ନୟାଗଡ଼ ଏବଂ ପୁରୀରୁ ଜଣେ ଲେଖାଏ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ସୂଚନା ଦେଇଛି।

# କେବେ ବାହାରିବ ଜଣାନାହିଁ: ମନ୍ତ୍ରୀ

## ପରୀକ୍ଷା ଫଳ ଅପେକ୍ଷାରେ ସାଢ଼େ ୩ ଲକ୍ଷ ପିଲା

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

କରୋନା ମହାମାରୀ ପ୍ରଭାବରେ ଦିଶାହୀନ ହୋଇପଡ଼ିଛି ରାଜ୍ୟର ଶିକ୍ଷା ବ୍ୟବସ୍ଥା। ନିର୍ଦ୍ଧାରିତ ସମୟ ମଧ୍ୟରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପରୀକ୍ଷାଫଳ ପ୍ରକାଶ କରିବାରେ ସରକାର ଏକପ୍ରକାର ବିଫଳ ହୋଇଛନ୍ତି। ଫଳରେ ସାଢ଼େ ୩ ଲକ୍ଷ ପିଲା ପରୀକ୍ଷା ଫଳ ପ୍ରକାଶନକୁ ଅପେକ୍ଷା କରି ରହିଛନ୍ତି।

ଜୁଲାଇ ତୃତୀୟ ସପ୍ତାହରେ ପ୍ରଥମେ ସିବିଏସ୍‌ଇ ଦ୍ୱାଦଶ ଏବଂ ଏହାପରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ତେବେ ଏବେ ସୁଦ୍ଧା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପିଲାଙ୍କ ରେଜଲ୍ଟ କେବେ ବାହାରିବ ତାହା ଜଣାପଡୁନାହିଁ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଧ୍ୟ ପରୀକ୍ଷା ଫଳ ପ୍ରକାଶନକୁ ତାରିଖକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସମୀର କହିଛନ୍ତି, ଏ ପର୍ଯ୍ୟନ୍ତ ଯୁକ୍ତ ୨ ଖାତାଦେଖା ପ୍ରକ୍ରିୟା ଶେଷ ହୋଇନାହିଁ। ତେଣୁ ରେଜଲ୍ଟ କେବେ ବାହାରିବ ସେକଥା କହି ହେବନାହିଁ। ସାପ୍ତାହିକ ଶଟ୍‌ଡାଉନ ସମୟରେ ପରୀକ୍ଷାଖାତା ଦେଖା ବ୍ୟବସ୍ଥା କରିବାକୁ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସମସ୍ତ ଜିଲାପାଳ, ଏସ୍‌ପି ଏବଂ ଡିଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ବର୍ତ୍ତମାନ ୪ ଜିଲା ଗଞ୍ଜାମ, ଖୋର୍ଦ୍ଧା, କଟକ ଓ ଯାଜପୁରରେ ଦୁଇ ସପ୍ତାହ ଲାଗି ଲକ୍‌ଡାଉନ ହେଉଛି। ଏହି ଜିଲାଗୁଡ଼ିକରେ ୩୫ଟି ପ୍ରମୁଖ ମୂଲ୍ୟାୟନ କେନ୍ଦ୍ର ରହିଛି। ଏହିସବୁ ସ୍ଥାନରେ କିପରି ଖାତା ଦେଖାଯିବ ସେ ନେଇ ସମ୍ପୃକ୍ତ ଜିଲାପାଳମାନେ ଜିଲାର ଅବସ୍ଥାକୁ ଦେଖି ବିଚାର କରିବେ। ଶଟ୍‌ଡାଉନକୁ ଦେଖି ଖାତା ଦେଖା ସରିବ ଓ ଫଳାଫଳ ପ୍ରକାଶ ପାଇବା ପ୍ରକ୍ରିୟା ଆରମ୍ଭ ହେବ। ଲକ୍‌ଡାଉନ୍ ଭିତରେ କେତେ ଖାତା ଦେଖା ହୋଇପାରିବ କି ନ ହେବ ସେହି ନିଷ୍ପତ୍ତି ଜିଲା ପ୍ରଶାସନ ନେବ। ଏହାପରେ ଫଳାଫଳ କଥା କହିହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୩ ଲକ୍ଷ ୪୩ ହଜାର ଛାତ୍ରୀଛାତ୍ର ଏଥର ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଲକ୍ଷ ୧୮ହଜାର ୮୦୦ ଛାତ୍ରୀଛାତ୍ର କଳା, ୯୮ ହଜାର ୫୩୬ ଛାତ୍ରୀଛାତ୍ର ବିଜ୍ଞାନ ଏବଂ ୨୫ହଜାର ୭୭୦ ଛାତ୍ରୀଛାତ୍ର ବାଣିଜ୍ୟରେ ପରୀକ୍ଷା ଦେଇଛନ୍ତି। ଚଳିତ ବର୍ଷ ଏହି ୩ ବିଭାଗର ଦୁଇଟି ପର୍ଯ୍ୟାୟରେ ଯଥା ମାର୍ଚ୍ଚ ୨୩ ଏବଂ ୨୮ରେ ମୋଟ ୨୯ ବିଷୟରେ ପରୀକ୍ଷା ହେବାର ଥିଲା। ମାତ୍ର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସବୁ ବିଷୟରେ ପରୀକ୍ଷା ହୋଇପାରି ନ ଥିଲା। ପରିସ୍ଥିତି ସୁଧୁରିଲେ ପରୀକ୍ଷା କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ନିଷ୍ପତ୍ତି ନେଇ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କଲେ। ତଥାପି ଏହା ଭିତରେ ସାଢ଼େ ୩ ମାସ ବିତିଯାଇଥିବା ବେଳେ ପରିସ୍ଥିତିରେ କୌଣସି ସୁଧାର ଆସିଲା ନାହିଁ। ଅନ୍ୟପଟେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ କ୍ୱାରାଣ୍ଟାଇନ୍ ସେଣ୍ଟର ହୋଇଥିବାରୁ ପରୀକ୍ଷା କରାଯିବା ସମ୍ଭବପର ହେଲାନାହିଁ। ପରବର୍ତ୍ତୀ ସମୟରେ ସିବିଏସ୍‌ଇ ଘୋଷଣାକୁ ଦେଖି ବାକି ଥିବା ପରୀକ୍ଷା ବନ୍ଦ କରିବାକୁ ସିଏଚ୍‌ଏସ୍‌ଇ ଘୋଷଣା କରିଥିଲା। ସିବିଏସ୍‌ଇ ଢାଞ୍ଚାରେ ପରୀକ୍ଷା ହୋଇଥିବା ଖାତା ଦେଖି ଯେଉଁ ୩ଟି ବିଷୟରେ ଅଧିକ ମାର୍କ ରହିବ ସେଥିରୁ ଆଭରେଜ ମାର୍କିଂ କରି ରେଜଲ୍ଟ ବାହାରିବ ବୋଲି ସରକାର ଘୋଷଣା କଲେ। ଏହି କାର୍ଯ୍ୟ ବି ଆଗଉନି। ଅନ୍ୟପଟେ ସଂକ୍ରମଣ ଭୟ ଯୋଗୁ ଶିକ୍ଷକମାନେ ମଧ୍ୟ ଖାତା ଦେଖିବା ଲାଗି ଆଗ୍ରହ ଦେଖାଉ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏ ସବୁ ସମସ୍ୟା ଭିତରେ ଦଶମ ଶ୍ରେଣୀ ପରୀକ୍ଷାଫଳ ଜୁଲାଇ ଶେଷ ସୁଦ୍ଧା ବାହାରିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

# ଝରଣା ପାଣିରେ ବୁଡ଼ି ଫାର୍ମାସି ଛାତ୍ର ମୃତ

**ଦେବଗଡ଼,୧୭।୭(ଡି.ଏନ୍.ଏ.)**

- ପ୍ରଧାନପାଟ ଜଳ ପ୍ରପାତର ଫଟୋ ଉଠାଉଥିବା ବେଳେ ଗୋଡ଼ ଖସିଲା
- ଲକ୍‌ଡାଉନ ଯୋଗୁ ଆଲ୍ଲାହାବାଦରୁ ଘରକୁ ଫେରିଥିଲେ
- ଗୁରୁବାର ପ୍ରାତଃ ଭ୍ରମଣରେ ଯାଇଥିଲେ, ଶୁକ୍ରବାର ମିଳିଲା ମୃତଦେହ

ଦେବଗଡ଼ ପ୍ରଧାନପାଟ ଜଳ ପ୍ରପାତର ପ୍ରଥମ କୁଣ୍ଡରୁ ଶୁକ୍ରବାର ଜଣେ ଫାର୍ମାସି ଛାତ୍ରଙ୍କ ମୃତଦେହକୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି। ମୃତକ ହେଲେ ଦେବଗଡ଼ ମଠସାହିର ଶୁଭମ୍ ପ୍ରସାଦ(୨୩)। ଦେବଗଡ଼ ଥାନା ପୋଲିସ ମୃତଦେହ ଜବତ କରି ଏକ ମାମଲା ରଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ଉତ୍ତରପ୍ରଦେଶ ଆଲ୍ଲାହାବାଦର ଏସ୍‌ଏଚ୍‌ୟୁଏଟିଏସ୍‌ରେ ସେ ପ୍ରଥମ ବର୍ଷ ବି ଫାର୍ମ ଛାତ୍ର ଥିଲେ। ଲକ୍‌ଡାଉନ ଯୋଗୁ ଘରକୁ ଫେରି ଆସିଥିଲେ । ଗୁରୁବାର ପ୍ରାତଃ ଭ୍ରମଣରେ ଘରୁ ବାହାରିଥିଲେ। ପ୍ରଧାନପାଟ ଝରଣା ଉପରକୁ ବୁଲିଯାଇ ପ୍ରଥମ କୁଣ୍ଡ ନିକଟରୁ ଫଟୋ ଉଠାଇ ସାଙ୍ଗସାଥୀଙ୍କୁ ପଠାଇଥିଲେ। ଜଣେ ସାଙ୍ଗଙ୍କୁ ଭିଡିଓ କଲିଂ ମାଧ୍ୟମରେ ପାହାଡ ଉପରୁ ଦେବଗଡ ସହରର ଦୃଶ୍ୟ ସବୁ ଦେଖାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଶୁଭମ୍‌ଙ୍କୁ ଫୋନ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ। ହେଲେ ଫୋନ୍ ସୁଇଚ୍ ଅଫ୍ ଥିବାରୁ ତାଙ୍କ ସହ ଯୋଗାଯାଗ ହୋଇପାରି ନ ଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଦେବଗଡ଼ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଏଥିସହିତ ତାଙ୍କ ସାଙ୍ଗମାନଙ୍କୁ ପରିବାର ଲୋକେ ଯୋଗାଯୋଗ କରିଥିଲେ। ଆଦିତ୍ୟ ନାମକ ଜଣେ ସାଙ୍ଗ ଶୁଭମ୍‌ଙ୍କ ସହ ସକାଳେ କଥାବାର୍ତ୍ତା ହୋଇଥିବା ଏବଂ ସେ ପାହାଡ ଉପରେ ଥାଇ ଝରଣା ସମ୍ପର୍କରେ କହିବା ସହ ଫଟୋ ପଠାଇଥିବା କହିଥିଲେ। ଏଣୁ ଶୁକ୍ରବାର ସକାଳେ ପରିବାର ଲୋକେ ପ୍ରଧାନପାଟ ଝରଣା ନିକଟରେ ପହଞ୍ଚିଥିଲେ। ଶୁଭମ୍‌ଙ୍କ ଚପଲ ପାଣିରେ ଭାସୁଥିବା ଦେଖିବାକୁ ପାଇ ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଶୁଭମଙ୍କ ମୃତଦେହ ଗଭୀର କୁଣ୍ଡରୁ ଉଦ୍ଧାର କରିଥିଲେ। ଅସାବଧାନତା ବଶତଃ ତାଙ୍କ ଗୋଡ ଖସି ଯିବାରୁ ସେ ଝରଣା କୁଣ୍ଡକୁ ଖସି ପଡ଼ିଥିବା ଅନୁମାନ କରାଯାଉଛି।

# ମିଷ୍ଟର ଇଣ୍ଡିଆ ପ୍ରତଯୋଗିତାରେ ଜୟପୁରର ଶ୍ରୀଧର

**ଜୟପୁର,୧୭।୩ (ନି.ପ୍ର.)**


ଶ୍ରୀଧର ମହାପାତ୍ର

ଜାତୀୟ ସ୍ତରର ବିଭିନ୍ନ ପ୍ରତିଯୋଗିତାରେ ଓଡ଼ିଆ ଝିଅପୁଅଙ୍କ ଅଂଶଗ୍ରହଣ କିଛି କମ୍ ନୁହେଁ। ନିକଟରେ ଜିରୋନ ପ୍ରଡକ୍ସନ ହାଉସ ପ୍ରସ୍ତୁତ ମିଷ୍ଟର ଏବଂ ମିସ୍ ଇଣ୍ଡିଆ-୨୦୨୦ର ସିଜନ-୨ ପ୍ରତିଯୋଗିତାର ସେମି ଫାଇନାଲକୁ ଉନ୍ନୀତ ହୋଇଥିଲେ କୋରାପୁଟ ଜିଲାର ଦୀପ୍ତିରାଣୀ। ଏବେ ସେହି ସଂସ୍ଥାର ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ସଫଳତା ସାଉଁଟିଛନ୍ତି କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ଶ୍ରୀଧର ମହାପାତ୍ର। ତାଙ୍କ ସଫଳତା ଜିଲା ପାଇଁ ପୁଣି ଏକ ଖୁସି ଖବର ଆଣିଦେଇଛି। ବୋରିଗୁମ୍ମା ବ୍ଲକ ପୋଡାପଦର ଗ୍ରାମର ଲୋକନାଥ ମହାପାତ୍ରଙ୍କ ପୁଅ ଶ୍ରୀଧର ଜିରୋନ ପ୍ରଡକ୍ସନର ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ସାମିଲ ହେବାପାଇଁ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରିଥିଲେ। ଶତାଧିକ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇ ଏବେ ସେମି ଫାଇନାଲରେ ପହଞ୍ଚିଛନ୍ତି ଶ୍ରୀଧର। ଅଭିନୟ ଓ ମଡେଲିଂ କ୍ଷେତ୍ରରେ ରୁଚି ରଖିଥିବା ଶ୍ରୀଧର ଜାତୀୟ ସ୍ତରର ପ୍ରତିଯୋଗିତାରେ ସାମିଲ ପାଇଁ ପିଲାଦିନରୁ ଇଚ୍ଛା ରଖିଥିବା କହିଛନ୍ତି। ତାଙ୍କୁ ମିଳିଥିବା ଏହି ସୁଯୋଗକୁ ସମ୍ପୂର୍ଣ୍ଣ ଉପଯୋଗ କରି ଆଗାମୀ ଦିନରେ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିବେ ଏହି ଆଶା ରଖିଛନ୍ତି ସେ।

# ଲକ୍‌ଡାଉନ୍‌ରେ ବିମାନବନ୍ଦର, ରେଳ ଷ୍ଟେଶନରେ ସେବା ଦେବ ମୋ ବସ୍

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

ଲକ୍‌ଡାଉନ୍ ବେଳେ ଭୁବନେଶ୍ୱରରେ ବିମାନବନ୍ଦର, ରେଳ ଷ୍ଟେଶନ ଖୋଲା ରହିବ। ଏହିସମୟରେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋଟ(କ୍ରୁଟ୍) ପକ୍ଷରୁ ଚଳାଚଳ କରୁଥିବା ମୋ ବସ୍ ସେବା ରେଳ ଷ୍ଟେଶନ ଓ ବିମାନବନ୍ଦରରେ ଉପଲବ୍ଧ ହେବ। ଏହି କ୍ଷେତ୍ରରେ ଆସୁଥିବା ଯାତ୍ରୀଙ୍କୁ ମୋ ବସ୍ ରୁଟ୍ ଅନୁଯାୟୀ(ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ପିପିଲି) ପର୍ଯ୍ୟନ୍ତ ସେବା ଯୋଗାଇବ। କିନ୍ତୁ ଅନ୍ୟ ରୁଟ୍‌ଗୁଡ଼ିକରେ ମୋ ବସ୍ ଚଳାଚଳରେ ରୋକ୍ ଲଗାଯାଇଛି। ଲକ୍‌ଡାଉନ୍‌ରେ କେବଳ ଆପାତକାଳୀନ ସେବା ଯୋଗାଇବା ପାଇଁ ମୋ ବସ୍ କ୍ରୁଟ୍ କର୍ତ୍ତୃପକ୍ଷ ସ୍ଥିର କରିଛି।

# ଓଏଚ୍‌ଆର୍‌ସିଙ୍କୁ ଭେଟିଲା କଂଗ୍ରେସ

## ଅନାହାର ମୃତ୍ୟୁ ମାମଲା

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ତାଲାବନ୍ଦ ସମୟରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅଧୀନ ଜାକେଡ଼ା ପଞ୍ଚାୟତର ଜଣେ ୪୬ବର୍ଷୀୟ ମହିଳାଙ୍କ ଅନାହାରରେ ମୃତ୍ୟୁ ଘଟଣାକୁ ନେଇ ଶୁକ୍ରବାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛି ରାଜ୍ୟ କଂଗ୍ରେସ। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ବିପିନ ଦାସଙ୍କ ନେତୃତ୍ୱରେ ୭ଜଣିଆ ପ୍ରତିନିଧି ଦଳ ମାମଲାର ବିଧିବଦ୍ଧ ତଦନ୍ତ କରିବା ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଦଳୀୟ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ଦ୍ୱାରା ଦାଖଲ କରାଯାଇଥିବା ପିଟିଶନରେ ଉଲ୍ଲେଖ କରାଯାଇଛି, ମୃତ ମହିଳାଙ୍କ ପରିବାରକୁ ୫ମାସର ଲକ୍‌ଡାଉନ୍ ସମୟ ମଧ୍ୟରେ ସରକାର ମାତ୍ର ୧୫ କେଜି ଚାଉଳ ଯୋଗାଇ ଦେଇଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପରିବାରକୁ ସାମିଲ କରାଯାଇନାହିଁ। ନଭେମ୍ବର ୨୦୧୮ ପରଠାରୁ ତାଙ୍କୁ କୌଣସି ଜନମଙ୍ଗଳକାରୀ କିମ୍ବା ସାମାଜିକ ନିରାପତ୍ତା ଯୋଜନାରେ ତାଲିକାଭୁକ୍ତ କରାଯାଇନାହିଁ। ତେଣୁ ଲକ୍‌ଡାଉନ୍ ସମୟରେ ଗୁଜୁରାଣ ମେଣ୍ଟାଇବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଥିଲା। ଖାଦ୍ୟାଭାବରୁ ତାଙ୍କର ମୃତ୍ୟୁ ଘଟିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

# ପୂର୍ବ ଆଦେଶ ଉପରେ ରହିତାଦେଶ

## ବାରିପଦା ଅର୍ବାନ ବ୍ୟାଙ୍କ ମାମଲା

**କଟକ ଅଫିସ,୧୭।୭:** ବାରିପଦା ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କର ଲାଇସେନ୍ସକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ବାତିଲ କରିଥିଲେ। ହାଇକୋର୍ଟରେ ଏ ସମ୍ପର୍କିତ ମାମଲାର ଶୁଣାଣି ବେଳେ ବ୍ୟାଙ୍କର ଜମାକାରୀଙ୍କୁ ସେମାନଙ୍କ ଜମା ଅର୍ଥ ଫେରସ୍ତ ପାଇଁ ଜୁନ୍ ୨୫ରେ ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜକରି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆଉ ଏକ ମାମଲା ରୁଜୁ କରାଯାଇଥିଲା। ଶୁକ୍ରବାର ଏହି ମାମଲାର ଶୁଣାଣି ବେଳେ ଜଣିକିଆ ବିଚାରପତିଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ। ଏଥିସହ ସମବାୟ ବିଭାଗର ସଚିବ, କୋ-ଅପରେଟିଭ୍ ସୋସାଇଟିର ରେଜିଷ୍ଟ୍ରାର ଓ ଉପ ରେଜିଷ୍ଟ୍ରାରଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରାଯାଇଛି। ଅଗଷ୍ଟ ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ଅଶୋକ ମହାନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ବିଭୁ ତ୍ରିପାଠୀ ଏବଂ ବାରିପଦା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ମହାନ୍ତି ମାମଲା ପରିଚାଳନା କରିଥିଲେ।

नालको NALCO
(A Government of India Enterprise)
Bhubaneswar-751013, Odisha, India
CIN : L27203OR1981GOI000920

E-TENDER NOTICE

Digitally signed online bids for Two Part, Open Tender through Central Public Procurement Portal (https://eprocure.gov.in/eprocure/app) are invited on for the following Works.

1. RFP No. TNCC-035 / 2020 : Assistance/ Support Services for Maintenance of allElectrical Installation within the Premises of NRTC,Gothapatna, Bhubaneswar.

2. RFP No. TNCC-036 / 2020 : Supply, Activation & Maintenance of Electronic Meal Cards for Employees of NALCO

For details please visit www.e-procure.gov.in or www.nalcoindia.com. Any Updates / Amendments / Extension/ Corrigendum will only be hosted in above websites. AGM (Elect.), T&C

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KHORDHA
Deptt. of Health & Family Welfare, Govt. of Odisha

Engagement of ANM, Staff Nurse & Pharmacist for COVID-19

No. E-122: Applications are invited from eligible candidates as per prescribed format for engagement of unemployed trained & registered ANMs for COVID-19. In case, this category of manpower (unemployed ANMs) are not available, unemployed registered Staff Nurse or Pharmacist will be engaged on daily wages basis (COVID-19) in place of ANMs under the CDM&PHO, Khordha. The applicants are requested to apply in the prescribed format along with copy of required documents (Self attested) by Dt.24.07.2020 to Office of the CDM&PHO, Khordha through online (nhmkhordha@gmail.com, cdmokhordha@gmail.com)/ by Speed Post/Courier/By Self. Preference will be given to local candidates. The engagement is purely temporary, for a period of 03 (three) months only or till Covid Care Homes are functional, whichever is earlier, keeping in view the emergency situation arising due to Covid-19. Interested candidates can log on to www.khordha.nic.in for detail of eligibility criteria, application format document required etc. The undersigned reserves the right to cancel/reject any or all the applications without assigning any reason thereof.

Sd./- Chief Dist. Medical & Public Health Officer, Khordha
OIPR-10029/11/0004/2021

OFFICE OF THE CHIEF DISTRICT MEDICAL & PHO-cum-DMD, CUTTACK

CORRIGENDUM NOTICE

Notice No.:- 9113/Tender. Dated: 17/07/2020

With reference to the tender call notice No. 8890/CDM&PHO/2020-21 dated 13.07.2020 and 8893/CDM&PHO/2020-21 dated 13.07.2020 the last date of submission of bids is further extended upto 21.07.2020, 12.30 P.M. The bids will be opened on the same day at 3.30 PM. The bidders already applied need not apply again.

Sd./- Chief District Medical & PHO-Cum-DMD, NHM, Cuttack

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 1171/ EB-III-115/77 ଭୁ.ଉ.କ., ଭୁବନେଶ୍ୱର ତା13.01.2020ରିଖ

ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଲକ୍ଷ୍ମୀସାଗର ଗୃହ ନିର୍ମାଣ ପ୍ରକଳ୍ପର ଗୃହ ନଂ. C-2 (EWS Cluster), Stage-IIIକୁ ଶ୍ରୀ ଅନିମେଶ ପଟ୍ଟନାୟକ, ପିତା-ସ୍ୱର୍ଗତ ଅନନ୍ତ ପଟ୍ଟନାୟକ, ଗ୍ରାମ-ଚଣାହାଟ, ପୋ.ଅ.- ଚଣାହାଟ, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅନିମେଶ ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରଶାନ୍ତ କୁମାର ଦାସ, ପିତା-କାହ୍ନୁ ଚରଣ ଦାସ, ଗ୍ରାମ- ପୋଖରିଗାଡ଼ (ରାନିପଡ଼ା), ପୋ.ଅ.- ବଗଲସାହି, ଥାନା- ନିଆଳି, ଜିଲ୍ଲା- କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

ZILLA SWASTHYA SAMITI, KEONJHAR
CHIEF DISTRICT MEDICAL & PUBLIC HEALTH OFFICER, KEONJHAR
Advt. No. 2878 Date: 17.07.2020

TENDER CALL NOTICE

No. E-124: Sealed tenders are invited from Private Individuals/Tour Operators/Travel Agency/Society/Firm **for providing vehicles to be engaged at different Block CHC Level** of Keonjhar district. The vehicles to be engaged at different Block CHC level as Mobile Health Team (MHT) under Rashtriya Bal Swasthya Karyakram (RBSK) & Additional Mobile Health Unit (Addl. MHU)/Swasthya Sanjog. Interested Firms/ Individuals/Tour Operators/Travel Agency/Society/Firm should submit their proposals in prescribed format (Technical as well as Financial Bids) along with Detailed Tender Call Notice with all supporting documents in sealed envelopes separately through Speed Post/Regd. Post/Courier to the Office of the Superintendent of CHC ________ **(Name of the respective Block CHC where the bidder is interested to engage his/her vehicle),** Dist.- Keonjhar, Odisha, PIN- ________ on or before **12.08.2020 upto 5.30 P.M.** The Detail Tender Call Notice, terms & conditions are available in the district website: **www.kendujhar.nic.in**. Incomplete application in any form will be summarily rejected. The sealed tenders shall be opened on **13.08.2020 at 11.00 A.M. in the Office of the Superintendent of concerned Block CHC.** The authority will not be responsible for any postal delay. The undersigned has reserves the right to reject or cancel any or all the tender without assigning any reason thereof.

Sd./- Chief District Medical & Public Health Officer, Keonjhar
OIPR-10033/11/0011/2021

GOVERNMENT OF ODISHA
OFFICE OF THE CHIEF ENGINEER NATIONAL HIGHWAYS, ODISHA
NIRMAN SOUDHA, BHUBANESWAR, PIN - 751001
Mail ID: cenhorissa@gmail.com

E-Procurement Tender Call Notice
No. 04 of CE NH of 2020-21

No. b-08: The Chief Engineer, National Highways, Odisha, Bhubaneswar on behalf of the Governor of Odisha invites percentage rate bids for one number of road work under **DMF** fund to be received in Online bidding, double cover system for construction work as detailed in **https://tendersorissa.gov.in**.

The details of bid documents will be available in the above website from **17 hrs. of 16.07.2020 to 17 hrs. of 06.08.2020**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 hrs. of 07.08.2020** in the Office of the Chief Engineer, National Highways, Odisha, Bhubaneswar. Further details can be seen from the e-Procurement portal **www.tendersorissa.gov.in**. Addendum/Corrigendum, if required, will be available only in the website

Sd./- R.K. Sahu, Chief Engineer National Highways, Odisha
OIPR-34071/11/0001/2021

DISTRICT PROJECT OFFICE SAMAGRA SIKSHYA, DHENKANAL
Phone & Fax: 956762-223175/227082
E-mail: dpcdhenkssa@opepa.nic.in

TENDER CALL NOTICE

No. 1170 Date: 17.07.2020

Sealed tenders are invited from interested reputed firms/ agencies for preparation of plan, design and estimate for Extension of Kasturba Gandhi Balika Vidyalaya (KGBV) Hostel Building for 100 Girls at Dangapal in Kankadahad Block of Dhenkanal District. The tender paper containing detailed terms and conditions can be obtained from the official website **www.dhenkanal.nic.in**. The tender papers should reach on or before 05.08.2020 in District Project Office, Samagra Sikshya, Dhenkanal by Registered Post or Speed Post only. The office will not be responsible for any postal delay and any tender papers received after due date will not be entertained. The sealed tenders will be opened on 06.08.2020 at 11 A.M. in the Sadbhabana Hall of Collectorate, Dhenkanal in presence of bidders or their authorized representatives. The authority reserves the right to accept or reject any or all tenders without assigning any reason thereof.

By order of Collector-cum-Chairman, SS, Dhenkanal
Sd./- D.E.O.-cum-D.P.C. SS, Dhenkanal

OFFICE OF THE CDM & PHO-CUM-DMD, DEOGARH
DISTRICT PROGRAMME MANAGEMENT UNIT (DPMU)
(Department of Health & Family Welfare, Govt. of Odisha)
Letter No. 2391/DPMUDGH Date: 16.07.2020

WALK-IN-INTERVIEW

No. E-116: With reference to the Office Order No. 593/DPMUDGH Dt.06.03.2020 and Notice No. 681, Dt.16.03.2020, the Walk-in-Interview for filling up of the following categories of Posts are rescheduled as per the below mentioned date against each post which are purely on contractual basis under NHM for a period of 11 months or completion of the project whichever is earlier for Deogarh District.

| Sl. No. | Name of the Post | No. of Vacancy | Date of Walk-in-Interview | Rescheduled Date of Walk-in-Interview |
|---|---|---|---|---|
| 1 | Clinical Psychologist, MMHP | 01 | 18.03.2020 | 04.08.2020 |
| 2 | Psychiatric Social Worker, NMHP | 01 | | |
| 3 | Community Nurse, NMHP | 01 | | |
| 4 | Case registry Asst., NMHP | 01 | | |
| 5 | Data Manager, IDSP | 01 | 20.03.2020 | 27.07.2020 |
| 6 | Block Accounts Manager | 02 | 19.03.2020 | 23.07.2020 |
| 7 | Block Data Manager | 01 | 20.03.2020 | |
| 8 | DPC-NTEP | 01 | 21.03.2020 | 24.07.2020 |
| 9 | PPM Coordinator - NTEP | 01 | 23.03.2020 | |
| 10 | STS - NTEP | 01 | 24.03.2020 | |

Interested candidates filling the eligibility criteria are required to attend the Walk-in-Interview in the Office of the CDM & PHO, Deogarh as per the date & time mentioned against the Post. Registration timing will be from 10.30 A.M. to 12 Noon only on Walk-in-Interview dates. All other instruction in the previous advertisement will remain unaltered.

Sd./- CDM & PHO-cum-DMD, Deogarh
OIPR-10113/11/0006/2021

ZILLA SWASTHYA SAMITI, NUAPADA
OFFICE OF THE CHIEF DISTRICT MEDICAL OFFICER, NUAPADA
Adv. No. 2304/DPMU/NHM/2020 Date: 16.07.2020

WALK-IN-INTERVIEW
COVID-19/REQUIREMENT OF MPHW (F)/Staff Nurse

No. E-118: Applications are invited from the eligible candidates for engagement as MPHW (F)/Staff Nurses including the retired persons for Covid Care Home on short term contract basis for a period of three months or till Covid Care Home are functional, which ever is earlier.

| Sl. No. | Name of the Post | Requirement | Total Remuneration Per Day | Qualification | Date of Walk-in-Interview |
|---|---|---|---|---|---|
| 1 | MPHW(F) | 131 | Rs.850/ day | HSC examination & shall have completed ANM course from institutions recognized by Govt. and approved by INC and must have registered in the Odisha nursing Council | 23.07.2020 |
| 2 | Staff Nurse | Empanelment | Rs.1000/ day | GNM/B.Sc. Nursing from any institutions duly approved by INC and must have registered in the Odisha nursing Council. | 28.07.2020 |

Interested candidates having requisite qualification can download the application format from **www.nuapada.nic.in** and may appear for Walk-in-Interview as per date mentioned. Registration timing will be from 10.30 A.M. to 1 P.M. No application will be received beyond the scheduled timing of registration. The undersigned reserves the right to cancel any or all the applications/positions at any stage of recruitment process without assigning any reason thereof.

Sd./- CDM & PHO, Nuapada
OIPR-10055/11/0003/2021

**ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର**

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଲେଭଲ କ୍ରସିଂ ନିକଟସ୍ଥ ରେଳଧାରଣାରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ରେଲୱେ ପୋଲିସ ଉଦ୍ଧାର କରିଛି। ତେବେ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୦/୨୦) ରୁଜୁକର ତଦନ୍ତ ଚଳାଇଛି। ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୧୧ଟାରେ ରେଳଧାରଣାର ଖମ୍ବ ନଂ.୪୮୧/୦୯ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ରେଲୱେ ପୋଲିସ ଖବର ପାଇଥିଲା। ଘଟଣାସ୍ଥଳରେ ରେଲୱେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା।



## ସଂକ୍ଷେପରେ

### ସଂକ୍ରମଣ ରୋକିବେ ଗୋଷ୍ଠୀ ସ୍ୱେଚ୍ଛାସେବୀ

ପୁରୀ ଅଫିସ,୧୭।୭: ପୁରୀ ସହରର ବଳିଆପଣ୍ଡା ଏବଂ ପେଣ୍ଠକଟା ବସ୍ତିରେ କରୋନା ସଂକ୍ରମଣ ରୋକିବା ନିମନ୍ତେ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଏମାନେ କମ୍ୟୁନିଟି ଓ ପ୍ରଶାସନ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିବେ। ଶୁକ୍ରବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧକ୍ଷତାରେ ଟାଉନହଲ୍‌ରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରତି ୨୫ ଘରକୁ ଜଣେ ଏହିପରି ୨୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ସେମାନେ ସମ୍ପୃକ୍ତ ପରିବାରରୁ ବୃଦ୍ଧାବୃଦ୍ଧ, ଶିଶୁ ଏବଂ ଜ୍ୱର, ଥଣ୍ଡା, କାଶ ଲକ୍ଷଣ ଥିବା ବ୍ୟକ୍ତିଙ୍କ ବିଷୟରେ ତଥ୍ୟ ଦେବା ସହ ସଚେତନ କରାଇବେ। ବାହାର ବ୍ୟକ୍ତି ବସ୍ତିକୁ ଆସିଲେ ଏବଂ ସଙ୍ଗରୋଧ ନିୟମ ଉଲ୍ଲଂଘନ ସମ୍ପର୍କରେ ତଥ୍ୟ ହାସଲ କରିବେ। ସମ୍ପୃକ୍ତ ଅଞ୍ଚଳରୁ କେହି ବାହାରକୁ ଗଲେ ତଥ୍ୟ ରହିବ। ନୋଡାଲ ଅଫିସର ଭାବେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ଆସନ୍ତା ୨ଦିନ ମଧ୍ୟରେ ପ୍ରକ୍ରିୟା ଶେଷ କରାଯାଇ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ପୁରୀ ସହରରେ ୬୪ ଟିମ୍ ତଥ୍ୟ ସଂଗ୍ରହ କରୁଛନ୍ତି। ଶୁକ୍ରବାର ସୁଦ୍ଧା ୩୨ ହଜାର ପରିବାରରୁ ତଥ୍ୟ ସଂଗ୍ରହ କରାଯାଇଛି। ଏଥିରୁ ୩୩୬ ଜଣଙ୍କ ଲକ୍ଷଣ ଥିବା ଚିହ୍ନଟ କରାଯିବା ସହ ୧୦୯ ଜଣଙ୍କୁ ସଙ୍ଗରୋଧରେ ରହିବାକୁ କୁହାଯାଇଛି। ୬ ସଙ୍ଗରୋଧ ନିୟମ ଉଲ୍ଲଂଘନକାରୀ ଚିହ୍ନଟ ହୋଇଛନ୍ତି। ବୈଠକରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାବ୍ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୧୭।୭: ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାବ୍ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଜିଲାପାଳ ଶୀତାଂଶୁ କୁମାର ରାଉତ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଠାରେ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱରସ୍ଥିତ ଆଇଆରଏମସି ଏବଂ ଏମ୍ସକୁ ପଠାଯିବ। ଏହି ଅବସରରେ ଜିଲାପାଳ ରାଉତ କହିଛନ୍ତି, ଜିଲାରେ ଅଧିକ ସ୍ୱାବ୍ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଉଛି। ପୂର୍ବରୁ ରାପିଡ ଆଣ୍ଟିଜେନ ଟେଷ୍ଟ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ସର୍ବେକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ପ୍ରତି ପଞ୍ଚାୟତରେ କୋଭିଡ୍ କେୟାର ହୋମ କରାଯାଇଛି। ଥଣ୍ଡା, କାଶ, ଜ୍ୱର ଲକ୍ଷଣ ଥିବା ରୋଗୀଙ୍କୁ ଏଠାରେ ଚିକିତ୍ସା ବ୍ୟବସ୍ଥା କରାଯାଉଛି। କୋଭିଡ୍ ପରିଚାଳନା ଲାଗି ଜିଲାସ୍ତରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କମିଟି ରହିଛି। ଏହି କମିଟି କୋଭିଡ୍ ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରୁଛନ୍ତି। କାର୍ଯ୍ୟକ୍ରମରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ସିଡିଏମଓ ଡା.ବିଶ୍ୱରଞ୍ଜନ ପତି, ଅଧୀକ୍ଷକ ଡା.ରଘୁନାଥ ନାୟକ, ଏଡିଏମ୍‌ଓ ଡା.ଦ୍ୱାରିକା ମୋହନ ଶତପଥୀ, ଅତିରିକ୍ତ ଏଡିପିଏଚ (ଜନସ୍ୱାସ୍ଥ୍ୟ) ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।





ଶୁକ୍ରବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୧ ଅସ୍ଥାୟୀ ପରିବା ହାଟରେ ଲୋକଙ୍କ ପ୍ରବଳ ଗହଳି। ରାଜମହଲରୁ ଏଜି ଛକ ରାସ୍ତାରେ ଗାଡ଼ିମୋଟର ଭିଡ଼।

# ବୋହିନେଲେ ପରିବା, ରାଶନ, ମଦ

**ଲକ୍‌ଡାଉନ୍ ପୂର୍ବରୁ ଅସମ୍ଭାଳ ଭିଡ଼**

ଭୁବନେଶ୍ୱର,୧୭।୭ (ବ୍ୟୁରୋ)

କରୋନା ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲା ସହ ରାଉରକେଲ ସହରକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ କରିଛନ୍ତି। ଶୁକ୍ରବାର ରାତି ୯ଟାରୁ ଆରମ୍ଭ ହୋଇଛି ଏହି ୧୪ ଦିନିଆ କଟକଣା। ତେବେ ପୂର୍ବରୁ ମଧ୍ୟ ଏହିସବୁ ଅଞ୍ଚଳର ଲୋକେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌କୁ ମାସ ମାସ ଧରି ସାମ୍ନା କରିଛନ୍ତି। ହେଲେ ଜୁନ୍‌ରୁ ଏହି କଟକଣା କୋହଳ ହେବା ପରେ ଲୋକେ ନିଜର ଜୀବନଜୀବିକାକୁ ଗୁରୁତ୍ୱ ଦେଇଥିଲେ। ହେଲେ ଗୁରୁବାର ହଠାତ୍ ପୁଣି ଲକ୍‌ଡାଉନ୍ କଟକଣା ଶୁଣି ଲୋକ ଛାନିଆ ହୋଇଯାଇଥିଲେ। ସେଥିପାଇଁ ଶୁକ୍ରବାର ସକାଳୁ କଟକ, ଭୁବନେଶ୍ୱର, ଖୋର୍ଦ୍ଧା ସମେତ ଅନ୍ୟ ଲକ୍‌ଡାଉନ୍ ଅଞ୍ଚଳରେ ଲୋକେ ଜିନିଷପତ୍ର ପାଇଁ ବାହାରକୁ ବାହାରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ସହ ବିଭିନ୍ନ ଦୋକାନ ବଜାର ନିର୍ଦ୍ଦିଷ୍ଟ ସମୟରେ ଖୋଲିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଦାମ୍ ବଢ଼ିଯିବା ଆଶଙ୍କାରେ ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ହାଟ, ବଜାର ଓ ରାସ୍ତାରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତିଯୋଗିତାମୂଳକ ଭାବେ ଜିନିଷ କିଣାକିଣି କରିଥିଲେ। କିଏ ପରିବା ତ ଆଉକିଏ ତେଜରାତି ସାମଗ୍ରୀ ବସ୍ତାମୁହାଁ ଘରକୁ ନେଇଥିଲେ। ଫଳରେ ହାଟ ଓ ଅଧିକାଂଶ ଦୋକାନରେ କେଉଁଠି ବି ସାମାଜିକ ଦୂରତ୍ୱ ରହି ନ ଥିଲା। ଅଧିକାଂଶ ଲୋକ ମଧ୍ୟ ମାସ୍କକୁ ବେକରେ ଝୁଲାଇଥିବାବେଳେ ଆଉ କେତେଜଣଙ୍କ ମୁହଁରେ କିଛି ବି ସୁରକ୍ଷା ଆବରଣ ନ ଥିଲା। ବିଶେଷ କରି ଏକ ନମ୍ବର ପରିବା ହାଟରେ ସ୍ଥିତି ସବୁଠୁ ବିଗିଡି ଯାଇଥିଲା। ସେହିଭଳି ଗ୍ରୋସରି, କପଡ଼ା, ଇଲେକ୍ଟ୍ରୋନିକ୍ସ ଆଦି ଦୋକାନଗୁଡ଼ିକରେ ମଧ୍ୟ ଭିଡ଼ ଜମିଥିଲା। ବାପୁଜୀନଗର, ଶହୀଦନଗର, ଆଇଡି ମାର୍କେଟ ଆଦି ଅନେକ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୋବାଇଲ୍ ଓ କମ୍ପ୍ୟୁଟର ରିପ୍ୟାରିଂ ଦୋକାନରେ ମଧ୍ୟ ଅଧିକ ଭିଡ଼ ହୋଇଥିଲା। ଫୁଟ୍‌ପାଥ ଦୋକାନରେ ବି ଗହଳି ହୋଇଥିଲା। ପୋଲିସ ଭିଡ଼ ଭିତରକୁ ଯାଇ ଲୋକଙ୍କୁ ସାମାଜିକ ଦୂରତ୍ୱ ରଖି କିଣାକିଣି କରିବା ପାଇଁ ବୁଝାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ବଜାର ଓ ରାସ୍ତାରେ ପୋଲିସ ଉଲ୍ଲଂଘନକାରୀଙ୍କୁ ଜରିମାନା କରିଥିଲା।

ସବୁଠୁ ବଡ଼ କଥା ହେଲା, ଲକ୍‌ଡାଉନ୍‌ରେ ମଦ ଦୋକାନ ବନ୍ଦ ରହୁଥିବାରୁ ବେଶି ଚିନ୍ତିତ ଥିଲେ ମଦୁଆମାନେ। ସେମାନେ ୧୪ଦିନ ପାଇଁ ମଦ କିଣି ରଖିବାକୁ ଯୋଜନା କରି ସକାଳୁ ଦୋକାନ ଆଗରେ ଭିଡ଼ ଜମାଇଥିଲେ। ରାଜଧାନୀର ଏକାଧିକ ମଦ ଦୋକାନ ଆଗରେ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିଲା। ବହୁ ଲୋକ ଦୋକାନରୁ ପେଟି ପେଟି ମଦ ଘରକୁ ବୋହି ନେଉଥିବା ଦେଖିବାକୁ ମିଳିଥିଲା।




ଏକ ମଦ ଦୋକାନ ଆଗରେ ଲୋକଙ୍କ ଲମ୍ବା ଧାଡ଼ି।

### ସେବାୟତଙ୍କୁ ଦିଆଗଲା ହୋମିଓପାଥି

ପୁରୀ ଅଫିସ,୧୭।୭

ମହାମାରୀ କରୋନା ସଂକ୍ରମଣରୁ ଶ୍ରୀମନ୍ଦିର ସେବାୟତଙ୍କୁ କିପରି ଦୂରେଇ ରଖାଯିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ଯୋଜନା କରିଛି। ପୁଣିଥରେ ସେବାୟତଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ହୋମିଓପାଥି ଔଷଧ ବଣ୍ଟନ କରାଯିବାକୁ ନିଷ୍ପତ୍ତି ନେଇଛି। ସେହି ଅନୁଯାୟୀ ନୀଳାଦ୍ରି ଭକ୍ତନିବାସ ପରିସରରେ ଶୁକ୍ରବାରଠାରୁ ଦୁଇଦିନିଆ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ଆଞ୍ଚଳିକ ହୋମିଓପାଥି ଅନୁସନ୍ଧାନ ସଂସ୍ଥାନ ପୁରୀ ପକ୍ଷରୁ ପ୍ରଥମ ଦିନରେ ସୁଆର ଓ ମହାସୁଆର, ପୁଷ୍ପାଳକ, ବିମାନବଡ଼ୁ, ଦଇତାପତି, ବଡୁ ସୁଆର, ଖୁଣ୍ଟିଆ, ପାଟରା ବିଶୋଇ, ଘଣ୍ଟୁଆ ଏବଂ ପାର୍ଶ୍ୱ ଦେବଦେବୀ ମନ୍ଦିର ସେବାୟତଙ୍କୁ ହୋମିଓପାଥି ଔଷଧ ଦିଆଯାଇଛି। ପ୍ରତ୍ୟେକ ସେବାୟତ ପରିବାରରୁ ଜଣେ ସଦସ୍ୟ ଆସି ଅନ୍ୟମାନଙ୍କ ପାଇଁ ଔଷଧ ନେଇଛନ୍ତି। ପ୍ରଥମ ଦିନରେ ୩୫୮ ସେବାୟତ ଏବଂ ଶ୍ରୀମନ୍ଦିର କର୍ମଚାରୀଙ୍କୁ ଏହି ଔଷଧ ଦିଆଯାଇଛି। ଶିବିରକୁ ଗବେଷଣା ଅଧିକାରୀ ଡା. ଉମାକାନ୍ତ ପୃଷ୍ଟି, ଡା. ଅକ୍ଷୟ କୁମାର ପୃଷ୍ଟି ଏବଂ ଶ୍ରୀମନ୍ଦିର ଚିକିତ୍ସାଳୟର ହୋମିଓପାଥିକ ଚିକିତ୍ସକ ଡା. ପଞ୍ଚାନନ ପ୍ରଧାନ ପରିଚାଳନା କରିଥିଲେ। ଶନିବାର ପ୍ରତିହାରୀ, ପୂଜାପଣ୍ଡା, ଗରାବଡ଼ୁ, ହଡ଼ପନାୟକ, ରୂପକାର, ଚିତ୍ରକର, ଭୋଇ, ମହାରଣା, କୋଠଭୋଗ ସେବକ, ଏବଂ ଅନ୍ୟାନ୍ୟ ନିଯୋଗ ତଥା ଶ୍ରୀମନ୍ଦିର କର୍ମଚାରୀଙ୍କୁ ଔଷଧ ବଣ୍ଟନ ପାଇଁ ସ୍ଥିର ହୋଇଛି। ରଥଯାତ୍ରା ପୂର୍ବରୁ ଅର୍ଥାତ୍ ଜୁନ୍ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ସେବାୟତମାନଙ୍କୁ ହୋମିଓପାଥି ଔଷଧ ବଣ୍ଟନ କରାଯାଇଥିଲା।

# ରାଜଧାନୀରେ ରେକର୍ଡ କଲା ସଂକ୍ରମଣ

- ଦିନକରେ ୧୨୪ ଚିହ୍ନଟ, ୫୨ ସ୍ଥାନୀୟ ସଂକ୍ରମିତ
- ୭ ଦିନରେ ୪୪୧ ଆକ୍ରାନ୍ତ
- ଗଣମାଧ୍ୟମ ସଂସ୍ଥାର ୭ଜଣ ସଂକ୍ରମିତ

**ଭୁବନେଶ୍ୱର,୧୭।୭(ବ୍ୟୁରୋ):** ରାଜଧାନୀରେ ଶୁକ୍ରବାର କରୋନା ସଂକ୍ରମଣ ରେକର୍ଡ ଭାଙ୍ଗିଛି। ଗୋଟିଏ ଦିନରେ ୧୨୪ ପଜିଟିଭ ଚିହ୍ନଟ ହୋଇଛନ୍ତି। ଜୁଲାଇ ୧ ସୁଦ୍ଧା ୩୨୦ ଆକ୍ରାନ୍ତ ହୋଇଥିବାବେଳେ ଗତ ୧୭ଦିନରେ ଏହି ସଂଖ୍ୟା ୧୦୪୩ରେ ପହଞ୍ଚିଛି। ଗତ ୨୪ ଘଣ୍ଟାରେ ୧୨୪ ଚିହ୍ନଟ ହୋଇଥିବାବେଳେ ୭୨ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୫୨ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହା ମଧ୍ୟରେ ଗଣମାଧ୍ୟମ ସଂସ୍ଥାର ୭ଜଣ (ଗୋଟିଏ ସଂସ୍ଥାରୁ ୫ଜଣ) ସଂକ୍ରମିତ ହୋଇଛନ୍ତି। ଏହାସହ ଗୋଟିଏ ଦିନରେ ୧୧ ବସ୍ତିରେ ୪୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରୁ ଅଧିକାଂଶ ଅନ୍ୟ ଜିଲା ଫେରନ୍ତା। ଗତ ସପ୍ତାହରେ ୪୪୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜୁଲାଇ ୧୧ରେ ୩୮, ୧୨ରେ ୬୪, ୧୩ରେ ୧୪, ୧୪ରେ ୫୧, ୧୫ରେ ୯୦, ୧୬ରେ ୬୦ ଓ ୧୭ରେ ୧୨୪ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ବିଏମ୍‌ସିର ମୁଣ୍ଡବିନ୍ଧାର କାରଣ ପାଲଟିଛି। ଲକ୍ଷ୍ମୀବିହାର ବସ୍ତି, ଚିନ୍ତାମଣିଶ୍ୱର, ବମିଖାଲ, ସାଲିଆ ସାହି, ଢୁମୁଢୁମା, ଶହୀଦ ନଗର, ଗଙ୍ଗନଗର, ନୟାପଲ୍ଲୀ, ଚକେଇସିଆଣି, ପଳାଶୁଣୀ, ପାତ୍ରପଡା, ବୁଦ୍ଧେଶ୍ୱରୀ କଲୋନୀ, ପଟିଆ, ବିଜେବି ନଗର, ଡେଲଟା କଲୋନୀ, ସିରିପୁର, କୋଳଥିଆ ପ୍ରମୁଖ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୪୫୭ଜଣ ସୁସ୍ଥ ହୋଇଛନ୍ତି। ୧୧ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୭୪ଟି ସକ୍ରିୟ ମାମଲା ରହିଛି। ଶୁକ୍ରବାର ସର୍ବାଧିକ ୫୪ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବିଏମ୍‌ସି କହିଛି।

### ୪ନଂ. ମାର୍କେଟ୍ ସିଲ୍

**ବସ୍ତି ପାଲଟୁଛି ନୂଆ ହଟ୍‌ସ୍ପଟ**

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ଭୁବନେଶ୍ୱରର ୪ନଂ. ମାର୍କେଟ୍ ସିଲ୍। ଗୁରୁବାର ଉକ୍ତ ଅଞ୍ଚଳରୁ ୭ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏମାନଙ୍କ ମଧ୍ୟରୁ ଜଣେ ବ୍ୟବସାୟୀ ପଜିଟିଭ ଥାଇ ଶୁକ୍ରବାର ବେପାର କରୁଥିଲେ। ବିଏମ୍‌ସି ଅଧିକାରୀ ତାଙ୍କୁ କୋଭିଡ ହସ୍ପିଟାଲ ପଠାଇବା ସହ ଆଖପାଖ ଦୋକାନଗୁଡିକ ସିଲ୍ କରିଛି। ଏହି ମାର୍କେଟରୁ ମାଛ କିଣିଥିବା ଲୋକଙ୍କୁ ଘରୋଇ ସଙ୍ଗରୋଧରେ ରହିବାକୁ ବିଏମ୍‌ସି ଅନୁରୋଧ କରିଛି। ବସ୍ତି ନୂଆ ହଟସ୍ପଟ ହେବାରେ ଲାଗିଛି। ଶୁକ୍ରବାର ନୟାପଲ୍ଲୀର ସୀତାପୁର ଓ ତ୍ରିନାଥ ବଜାର, ପୋଖରୀପୁଟର କାରଗିଲ ବସ୍ତି, ଢୁମୁଢୁମାର ମା' ମଙ୍ଗଳା ବସ୍ତି, ଗଙ୍ଗନଗରର ମଙ୍ଗଳା ବସ୍ତି, ପାତ୍ରପଡ଼ାର ଫୁଲେଶ୍ୱରୀ ବସ୍ତି, ବୁଧେଶ୍ୱର ବସ୍ତି, ଝରଣା ବସ୍ତି, ହଳଦିଆ ପଡ଼ିଆ ବସ୍ତି, ବିଜେବି ନଗର ମଇଁଷାଖାଲ ବସ୍ତି, ୟୁନିଟ୍-୭ର ସୂର୍ଯ୍ୟନଗର ବସ୍ତି, ଲକ୍ଷ୍ମୀବିହାର ବସ୍ତି ଏବଂ ବିଶେଶ୍ୱର ବସ୍ତିରୁ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

### ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ଚଳିତ ସିବିଏସ୍‌ଇ ଦଶମ ପରୀକ୍ଷାରେ ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ପ୍ରଥମଥର ପାଇଁ ବିଦ୍ୟାଳୟର ୭୮ଜଣ ଛାତ୍ର ପରୀକ୍ଷା ଦେଇଥିଲେ। ସୌଗତ ପାଣ୍ଡବ ସର୍ବାଧିକ ୯୩% ମାର୍କ ରଖି ପ୍ରଥମ ଓ ବିକାଶ ରଞ୍ଜନ ପରିଡା ୯୧% ମାର୍କ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ମୋଟ ୪୯ଜଣ ଛାତ୍ର ୬୦%ରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ଓଡ଼ିଆ ମାଧ୍ୟମର ଛାତ୍ର ହୋଇଥିଲେ ହେଁ ସେମାନଙ୍କୁ ଇଂଲିଶ ମାଧ୍ୟମକୁ ପରିବର୍ତ୍ତିତ କରାଯାଇ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିଲା। ଏବେ ଏକାଦଶ ଶ୍ରେଣୀ ପାଇଁ ନାମଲେଖା ଆରମ୍ଭ ହୋଇଛି। ବିଦ୍ୟାଳୟ ସଭାପତି ନିର୍ଲିପ୍ତାନନ୍ଦ ସ୍ୱାମିଜୀ ମହାରାଜ, ସମ୍ପାଦକ ଶିବଚିଦାନନ୍ଦ ସ୍ୱାମିଜୀ ମହାରାଜ ଓ ଯୁଗ୍ମ ସମ୍ପାଦକ ଜଗନ୍ନାଥାନନ୍ଦ ସ୍ୱାମିଜୀ ମହାରାଜ ଓ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ ଉକ୍ତ ସଫଳତା ପାଇଁ ସମସ୍ତ ଛାତ୍ର ଓ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୁରୁଷୋତ୍ତମ ଏକ୍ସପ୍ରେସ୍ ଧକ୍କା ଦେଇନି

**ଆଦିତ୍ୟ ଦାସ ମୃତ୍ୟୁ ମାମଲାର ନୂଆ ମୋଡ଼**

- ବିଦ୍ୟାଶ୍ରୀ ଓ ପରିବାର ସଦସ୍ୟଙ୍କୁ ୩ ଘଣ୍ଟା ଜେରା
- ସିସିଟିଭି ଫୁଟେଜରେ ଆଦିତ୍ୟ ଚିନ୍ତିତ ନ ଥିଲେ

ଭୁବନେଶ୍ୱର,୧୭।୭ (ବ୍ୟୁରୋ)

ସାମାଜିକ କର୍ମୀ ଆଦିତ୍ୟ ଦାସ ମୃତ୍ୟୁ ମାମଲାରେ ଶୁକ୍ରବାର ଆସିଛି ନୂଆମୋଡ। ଆଦିତ୍ୟଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିନି ବରଂ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବାରେ ଲାଗିଛି। ପୁରୁଷୋତ୍ତମ ଏକ୍ସପ୍ରେସ ଦୁର୍ଘଟଣାରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ନେଇ ପୂର୍ବରୁ ଯାହା ସନ୍ଦେହ କରାଯାଉଥିଲା ସେଥିରେ ବ୍ରେକ୍ ପକାଇଛନ୍ତି ଏହାର ଲୋକୋ ପାଇଲଟ୍ ବିଷ୍ଣୁ ଚରଣ ସେଠୀ। ତାଙ୍କୁ ପଚରାଉଚରାବେଳେ ଜିଆର୍‌ପି ଥାନା ପୋଲିସ ଘଟଣାର ଆଉଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପାଇଛି। ଆଦିତ୍ୟଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ମୃତ୍ୟୁ ଘଟିଥିବା ସମୟ ରାତି ୮ରୁ ୯ଟା ୩୦ ମଧ୍ୟରେ ପୁରୁଷୋତ୍ତମ ଏକ୍ସପ୍ରେସ ଯାଇଥିବାରୁ ଏହା ଧକ୍କା ଦେଇଥିବା ନେଇ ପୋଲିସ ପ୍ରଥମେ ସନ୍ଦେହ କରିଥିଲା। ହେଲେ ପଚରାଉଚରାବେଳେ ଉକ୍ତ ଟ୍ରେନ୍‌ର ଲୋକୋ ପାଇଲଟ୍ ସେଠୀ କହିଛନ୍ତି, ଲିଙ୍ଗରାଜ ଷ୍ଟେଶନ ଅଞ୍ଚଳରେ ପୁରୁଷୋତ୍ତମ ଏକ୍ସପ୍ରେସ୍ କାହାକୁ ଧକ୍କା ଦେଇନାହିଁ। ରାତି ୮ଟା ୨୦ରୁ ୨୫ ମିନିଟ ଭିତରେ ଟ୍ରେନ ଉକ୍ତ ଷ୍ଟେଶନ ପାର ହୋଇ ରାତି ସାଢେ ୮ଟାରେ ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚିଥିଲା। ଟ୍ରେନ ଆସିବା ସମୟରେ ରେତଙ୍ଗରୁ ଭୁବନେଶ୍ୱର ମଧ୍ୟରେ କୌଣସି ଦୁର୍ଘଟଣା ଘଟି ନ ଥିବା ସେ କହିଛନ୍ତି।

ପାଇଲଟ୍‌ଙ୍କ ଏଭଳି ବୟାନ ପରେ ଟ୍ରେନ୍ ଦୁର୍ଘଟଣା ନେଇ ପୋଲିସର ସନ୍ଦେହ ଦୂର ହୋଇଥିବାବେଳେ ପ୍ରକୃତ ଘଟଣାର ପର୍ଦ୍ଦାଫାଶ ପାଇଁ ଲାଗି ପଡିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଟ୍ରେନ ଧକ୍କା ଦେଇନାହିଁ ତେବେ କେଉଁ ପରିସ୍ଥିତିରେ ଆଦିତ୍ୟଙ୍କ ମୃତ୍ୟୁ ଘଟିଲା? ଆଦିତ୍ୟଙ୍କୁ ହତ୍ୟା କରି ପ୍ରମାଣ ଲୁଚାଇବା ପାଇଁ ଟ୍ରେନ ଲାଇନରେ ଶୁଆଇ ଦିଆଯାଇ ନାହିଁ ତ? ଏ ସବୁର ଉତ୍ତର ଜାଣିବା ପାଇଁ ଜିଆରପି ପୋଲିସ ଖୋଳତାଡ଼ କରୁଛି। ଶୁକ୍ରବାର ସନ୍ଧ୍ୟାରେ ଜିଆର୍‌ପିର ୫ ଜଣିଆ ଟିମ୍ ସୁନ୍ଦରପଦାସ୍ଥିତ ଆଦିତ୍ୟଙ୍କ ବାସଭବନକୁ ଯାଇ ସ୍ତ୍ରୀ ବିଦ୍ୟାଶ୍ରୀ ଓ ପରିବାର ଲୋକଙ୍କୁ ୩ ଘଣ୍ଟା ଧରି ଜେରା କରିଛି। ଏହାସହ ଆଦିତ୍ୟଙ୍କ ମା'ବାପା ଓ ପଡୋଶୀଙ୍କୁ ତଦନ୍ତକାରୀ ଟିମ୍ ଏକାଧିକ ପ୍ରଶ୍ନ ପଚାରିଛି। କେଉଁ ପରିସ୍ଥିତିରେ, ପୁଣି ପରିବାର ଲୋକଙ୍କ ଅନୁପସ୍ଥିତିରେ ଉଭୟ ବିବାହ କରିଥିଲେ। ସ୍ତ୍ରୀ ବିଦ୍ୟାଶ୍ରୀଙ୍କ ସହ ଆଦିତ୍ୟ ଓ ପରିବାର ଲୋକଙ୍କ ସମ୍ପର୍କ କିପରି ରହିଥିଲା। ଉଭୟଙ୍କ ବିବାହର ଅଳ୍ପଦିନ ଭିତରେ ସେମାନଙ୍କ ଦାମ୍ପତ୍ୟ ଜୀବନ କିପରି ରହିଥିଲା। ଜିଆର୍‌ପି ଥାନାର ତଦନ୍ତକାରୀ ଟିମ୍ ଏଭଳି ଅନେକ ପ୍ରଶ୍ନ ପଚାରିବା ସହ ଘଟଣାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଏହି ମାମଲାରେ ଜିଆର୍‌ପି ପୋଲିସ ୩୦ ଜଣଙ୍କୁ ପଚରାଉଚରା କରିସାରିଲାଣି। ଆଉ କିଛିଦିନ ପରେ ମୃତ୍ୟୁର ରହସ୍ୟ ଖୋଲିବ ବୋଲି ଆଶା ରହିଛି। ଅନ୍ୟପଟରେ ଗତ ୬ ତାରିଖ ରାତିରେ ଆଦିତ୍ୟ ଷ୍ଟେଶନକୁ ଯାଉଥିବାର ଆଉ କେତେକ ସିସିଟିଭି ମିଳିଛି। ସେଥିରେ ଆଦିତ୍ୟ ମାନସିକ ଚିନ୍ତାରେ ଥିବା ଭଳି ଲାଗୁନାହାନ୍ତି। ତେଣୁ ଏହା ଆତ୍ମହତ୍ୟା ନୁହେଁ, ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସର ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି।

# ମାମଲା ବୋଝ ବଢ଼ାଇବ ଭର୍ଚୁଆଲ୍ କୋର୍ଟ

**କରୋନା ବଦଳାଇଲା ବିଚାର ବ୍ୟବସ୍ଥାର ଚିତ୍ର**

କଟକ ଅଫିସ,୧୭।୭

କରୋନା ଭୂତାଣୁ କେବଳ ସାଧାରଣ ଜନଜୀବନ ନୁହେଁ, ବରଂ ବିଚାର ବ୍ୟବସ୍ଥା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଛି। ସାମାଜିକ ଦୂରତ୍ୱ ଯୋଗୁ କୋର୍ଟରେ ଆଇନଜୀବୀଙ୍କ ପ୍ରବେଶ ଉପରେ କଟକଣା ଲାଗିଛି। ମହକିଲମାନେ କୋର୍ଟକୁ ଯାଇପାରୁ ନାହାନ୍ତି। 'ଭର୍ଚୁଆଲ୍ କୋର୍ଟ' ଏଭଳି ସମୟରେ ବିଚାର ବ୍ୟବସ୍ଥା ପାଇଁ ଏକ ବିକଳ୍ପ ସାଜିଛି। ଜଜ୍ ବସୁଛନ୍ତି। ଆଇନଜୀବୀ ଯୁକ୍ତି ଉପସ୍ଥାପନ କରୁଛନ୍ତି। ଭିଡିଓ କନଫରେନ୍ସରେ ଶୁଣାଣି ହୋଇଛି। ସୁପ୍ରିମ୍‌କୋର୍ଟରୁ ଆରମ୍ଭ କରି ଜିଲା କୋର୍ଟ ପର୍ଯ୍ୟନ୍ତ, ଏବେ ଅଧିକାଂଶ କୋର୍ଟରେ ମାମଲାର ଭର୍ଚୁଆଲ୍ ଶୁଣାଣି କରାଯାଉଛି। କିନ୍ତୁ ଏଥିରେ ଯୁକ୍ତି ଉପସ୍ଥାପନରେ ଅସୁବିଧାଠାରୁ ଆରମ୍ଭକରି ବୈଷୟିକ ତ୍ରୁଟି ଭଳି ଅନେକ ସମସ୍ୟା ଦେଖାଦେଉଛି। ଭର୍ଚୁଆଲ୍ କୋର୍ଟରେ ଓପନ୍ କୋର୍ଟ ଭଳି ସୁବିଧା ମିଳୁନାହିଁ। କରୋନା ସ୍ଥିତି ଯେତେବେଳେ ଶୀଘ୍ର ସୁଧୁରିବାର ଆଶା ଦେଖାଯାଉ ନାହିଁ, ସେଭଳି ସ୍ଥିତିରେ ହାଇକୋର୍ଟ ଦୀର୍ଘସ୍ଥାୟୀ ବିକଳ୍ପ ନ ଖୋଜିଲେ, ମାମଲାର ବୋଝ ବଢ଼ିବା ଆଶଙ୍କା ରହିଛି।

ଗତ ମାର୍ଚ୍ଚ ୨୨ ପରଠାରୁ ଲକ୍‌ଡାଉନ ଜାରି ହେବା ପରେ ଆଇନ ବ୍ୟବସ୍ଥା ଏକ ପ୍ରକାର ଅଚଳ ହୋଇଗଲା। ଯାନବାହନ ଗତିବିଧି ଉପରେ କଟକଣା ଯୋଗୁ ଓକିଲ ହୁଅନ୍ତୁ କି ମହକିଲ, କେହି କୋର୍ଟକୁ ଆସିପାରିଲେ ନାହିଁ। କୋର୍ଟ ଖୋଲା ରହିଲା ସତ; କିନ୍ତୁ ମାମଲାର ଶୁଣାଣି ହୋଇପାରିଲା ନାହିଁ। ଏଭଳି ପରିସ୍ଥିତିର ମୁକାବିଲା ପାଇଁ ଭର୍ଚୁଆଲ୍ କୋର୍ଟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ ଓଡ଼ିଶା ହାଇକୋର୍ଟ। ଗତ ଏପ୍ରିଲ୍ ୯ରେ 'ଓଡ଼ିଶା ହାଇକୋର୍ଟ ଇ-ଫାଇଲିଂ ଆଣ୍ଡ ଭିଡିଓ କନ୍‌ଫ୍ରେନ୍ସିଂ ସ୍କିମ୍-୨୦୨୦' ଆରମ୍ଭ କରାଯାଇଥିଲା। ଏଥିରେ ପିଟିସନ୍ ଫାଇଲିଂଠାରୁ ଆରମ୍ଭ କରି ଶୁଣାଣି ପର୍ଯ୍ୟନ୍ତ ସବୁକିଛି ଅନ୍‌ଲାଇନ୍‌ରେ ଚାଲିଲା। ୩ ମାସରୁ ଅଧିକ ସମୟ ହେଲା ହାଇକୋର୍ଟରେ ଭର୍ଚୁଆଲ୍ କୋର୍ଟ ଚାଲିଛି। କେବଳ ଜରୁରୀ ମାମଲାର ଶୁଣାଣି ହେଉଛି। ଭର୍ଚୁଆଲ କୋର୍ଟ ବର୍ତ୍ତମାନ ପାଇଁ ଏକମାତ୍ର ବିକଳ୍ପ ହୋଇଥିଲେ ମଧ୍ୟ ଅନେକ ଆଇନଜୀବୀ ଏନେଇ ଆପତ୍ତି ଉଠାଇଛନ୍ତି।

**ରଥଯାତ୍ରା: ଭର୍ଚୁଆଲ୍ କୋର୍ଟରେ ହୋଇଥିଲା ଶୁଣାଣି**

କରୋନା ଯୋଗୁ ସୁପ୍ରିମ୍‌କୋର୍ଟରେ ମଧ୍ୟ ଭିଡିଓ କନଫରେନ୍ସ ଜରିଆରେ ଶୁଣାଣି ହେଉଛି। ଗତ ୨୨ ତାରିଖରେ ସୁପ୍ରିମ୍‌କୋର୍ଟରେ ରଥଯାତ୍ରା ମାମଲାର ଶୁଣାଣି ହୋଇଥିଲା। ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଗ୍ରୀଷ୍ମ ଅବକାଶ ଯୋଗୁ ଜଷ୍ଟିସ୍ ବୋବଡେ ନାଗପୁରସ୍ଥିତ ନିଜ ବାସଭବନରେ ଥିଲେ। ସେଠାରେ ଥାଇ ଭିଡିଓ କନଫରେନ୍ସ ଜରିଆରେ ସେ ଏହି ମାମଲାର ଶୁଣାଣି କରିଥିଲେ।

**କମ୍ୟୁନିକେଶନ ଗ୍ୟାପ୍ ରହୁଛି**



କରୋନା ସମୟରେ ସାମାଜିକ ଦୂରତ୍ୱ ପାଇଁ ଭର୍ଚୁଆଲ୍ କୋର୍ଟ ଭଲ ବିକଳ୍ପ। କିନ୍ତୁ ଏହା ଚିରସ୍ଥାୟୀ ନୁହେଁ। ଏଥିରେ ଠିକ୍ ଭାବେ ଯୁକ୍ତି ଉପସ୍ଥାପନ କରିହେଉନାହିଁ। ଅନେକ ସମୟରେ କମ୍ୟୁନିକେଶନ ଗ୍ୟାପ୍ ରହୁଛି। ପୂର୍ବରୁ କୌଣସି ମାମଲାର ଶୁଣାଣି ଚାଲିବା ବେଳେ ଅନ୍ୟ ଆଇନଜୀବୀ ଉପସ୍ଥିତ ରହୁଥିଲେ। ଭର୍ଚୁଆଲ କୋର୍ଟରେ କେବଳ ପକ୍ଷ ଓ ବିଚାରପତି ହିଁ ରହୁଛନ୍ତି। ଶୁଣାଣି କେଉଁ ଦିଗରେ ଯାଉଛି, ଅନ୍ୟମାନେ ତାହା ଜାଣିପାରୁ ନାହାନ୍ତି।

– ଗଦାଧର ସାହୁ, ଆଇନଜୀବୀ

**ରିଟର୍ନ ଆଫିଡେଭିଟ୍ ଦେବାରେ ଅସୁବିଧା**



ଭର୍ଚୁଆଲ୍ କୋର୍ଟ ଯୋଗୁ ଅସୁବିଧା ହେଉଛି। ଶୁଣାଣି ବେଳେ ମାମଲା ସମ୍ପର୍କିତ ସମସ୍ତ ତଥ୍ୟ ରଖିହେଉନାହିଁ। ରିଟର୍ନ ଆଫିଡେଭିଟ୍ ଦେବାରେ ଅସୁବିଧା ହେଉଛି। କେବଳ ଜରୁରୀ ମାମଲାର ଶୁଣାଣି ହେଉଛି। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ମାମଲାଟି ଜରୁରୀ। ଯିଏ କୋର୍ଟର ଦ୍ୱାରସ୍ଥ ହେଉଛନ୍ତି, ସେ ଚାହୁଁଛନ୍ତି, ତାଙ୍କ ମାମଲାର ଶୀଘ୍ର ଶୁଣାଣି ହେଉ।

– ଗୋପାଳକୃଷ୍ଣ ମହାନ୍ତି, ଆଇନଜୀବୀ

**ଶୁଣାଣି ପ୍ରଭାବୀ ହୋଇପାରୁନି**



ବେଞ୍ଚ ଓ ଆଇନଜୀବୀଙ୍କ ମଧ୍ୟରେ ବୁଝାମଣାର ଅଭାବ ରହୁଛି। ଅନେକ ସମୟରେ ବୈଷୟିକ ତ୍ରୁଟି ରହୁଛି। ଇଣ୍ଟର୍‌ନେଟ୍ କଟିଯାଉଛି। ଶୁଣାଣି ସେତେଟା ପ୍ରଭାବୀ ହୋଇପାରୁନି। ଆଇନଜୀବୀଙ୍କ ଘରୁ ଭିଡିଓ କନଫରେନ୍ସ ଶୁଣାଣି ସହ ଅନ୍ୟ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି।

– କ୍ଷୀରୋଦ ରାଉତ, ଆଇନଜୀବୀ

**ଦୀର୍ଘସ୍ଥାୟୀ ବ୍ୟବସ୍ଥା କରନ୍ତୁ ହାଇକୋର୍ଟ**



ଭର୍ଚୁଆଲ କୋର୍ଟରେ କମ୍ ସଂଖ୍ୟକ ମାମଲାର ଶୁଣାଣି ହେଉଛି। ଫଳରେ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ମହକିଲମାନେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। କରୋନା ପ୍ରକୋପ ଏବେ କମିଲା ଭଳି ଲାଗୁନି। ଏଣୁ ଭର୍ଚୁଆଲ୍ କୋର୍ଟ ମଧ୍ୟ ଆହୁରି ଅଧିକ ଦିନ ଯାଏ ରହିବ। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି।

– ସୁରେନ୍ଦ୍ର ପାଣିଗ୍ରାହୀ, ମହକିଲ

## ସଂକ୍ଷେପରେ

### ଭୋଲ୍ଟାସ ବେକୋର ନୂଆ ଡିଜିଟାଲ କମର୍ସିଆଲ

ନୂଆଦିଲ୍ଲୀ,୧୭।୭: ଭୋଲ୍ଟବେକ୍ ହୋମ୍ ଆପ୍ଲାଏନ୍ସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନୂଆ ଡିଜିଟାଲ ଭିଡିଓ କମର୍ସିଆଲ ଶୁଭାରମ୍ଭ କରାଯାଇଛି। ଏହି କମ୍ପାନୀ ଭାରତୀୟ ଏସି ବ୍ରାଣ୍ଡ ଭୋଲ୍ଟାସ ଏବଂ ୟୁରୋପର ଆର୍ସେଲିକ ମଧ୍ୟରେ ଏକ ଯୌଥ ଉଦ୍ୟୋଗ। ଲକ୍‌ଡାଉନ ଯୋଗୁ ଲୋକମାନେ କ୍ୱାରାଣ୍ଟାଇନରେ ରହିବା ଯୋଗୁ ଘରେ ବର୍ତ୍ତମାନ କାମ ବଢ଼ିଯାଇଛି। ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ସମୟକୁ ବଞ୍ଚାଇବା ଦିଗରେ କମ୍ପାନୀ ଏହି ବିଜ୍ଞାପନରେ ଗୁରୁତ୍ୱାରୋପ କରିଥିବା ଜଣାପଡିଛି। ବଳକା ସମୟକୁ ନିଜ ପ୍ରିୟଜନଙ୍କ ସହ ବିତାଇବା ଉପରେ ଏଠାରେ ଗୁରୁତ୍ୱ ଦିଆଯାଇଛି। କମ୍ପାନୀ ନିକଟରେ ବର୍ଦ୍ଧିତ ରେଞ୍ଜ ଡିସ୍‌ୱାଶର ବଜାରକୁ ଛାଡିଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ବିଭିନ୍ନ ପ୍ରଡକ୍ଟ ବଜାରରେ ଉପଲବ୍ଧ କରାଯାଉଛି ବୋଲି କମ୍ପାନୀର ମାର୍କେଟିଂ ହେଡ୍ ପ୍ରସେନ୍‌ଜିତ ବାସୁ ମତ ପ୍ରକାଶ କରିଛନ୍ତି। ଜୀବନକୁ ସରଳ କରିବା ଦିଗରେ ଟେକ୍ନୋଲୋଜି ବ୍ୟବହାର ଉପରେ କମ୍ପାନୀ ଗୁରୁତ୍ୱ ଦେଉଥିବା ସେ ସ୍ପଷ୍ଟ କରିଛନ୍ତି।

### ହ୍ୟାକ୍ ୱେବ୍‌ସାଇଟ୍‌ରୁ ହେଉଛି କ୍ରେଡିଟ୍‌କାର୍ଡ ଠକେଇ

ନୂଆଦିଲ୍ଲୀ,୧୭।୭: ବର୍ତ୍ତମାନ ସାରା ବିଶ୍ୱରେ ଇ-କମର୍ସ ସାଇଟଗୁଡିକରେ କ୍ରେଡିଟ୍ କାର୍ଡ ଠକେଇ ବଢୁଥିବାରୁ ଏହାକୁ ନେଇ ଚିନ୍ତା ବଢୁଛି। ବିଶେଷକରି ହ୍ୟାକ୍ ୱେବ୍‌ସାଇଟଗୁଡିକରୁ ଏଭଳି ଠକେଇ ବଢୁଥିବା ସାମ୍ନାକୁ ଆସିଛି। ଅନ୍‌ଲାଇନ କ୍ରେଡିଟ୍ କାର୍ଡ ସ୍କିମିଂରେ ସାଇବର ଅପରାଧୀମାନେ ଅନ୍‌ଲାଇନ ଶପିଂ ୱେବ୍‌ସାଇଟରେ ସ୍କିମିଂ କୋଡ୍ ଦେଇ କ୍ରେଡିଟ କାର୍ଡର ସୂଚନା ଚୋରି କରିଥାନ୍ତି। ଗ୍ରାହକ ଦେଉଥିବା ସୂଚନାକୁ ଏମାନେ ଚୋରି କରିନେଇଥାନ୍ତି। ମାଲ୍‌ୱେର ବଢୁଥିବାରୁ ଏହି ୱେବସାଇଟଗୁଡିକଠାରୁ ଦୂରେଇ ରହିବା ଲାଗି ସରକାର ଲୋକଙ୍କୁ ସତର୍କ କରାଇଛନ୍ତି। ସରକାରଙ୍କ ସାଇବର ସିକ୍ୟୁରିଟି ଏଜେନ୍ସି ସର୍ଟ-ଇନ୍ ପକ୍ଷରୁ କୁହାଯାଇଛି ଯେ, ବିଶେଷକରି ୭ ହ୍ୟାକ୍ ୱେବ୍‌ସାଇଟରୁ ଏଭଳି ଠକେଇ ମାମଲା ସାମ୍ନାକୁ ଆସିଛି। ଏହି ୱେବ୍‌ସାଇଟଗୁଡିକ ମଧ୍ୟରେ ଆଇଡିପିସିଡିଏନ୍-କ୍ଲାଉଡ ଡଟ୍‌କମ୍, ଜବଲି ଡଟ୍‌କମ୍, ହିସ୍କଆର୍‌କ୍ୟୁ ଡଟ୍‌ନେଟ, ସିଡିଏନ-ଏକ୍ସଏଚ୍‌ଆର୍ ଡଟ୍‌କମ୍, ର୍ୟାକ୍ସଏକ୍ସ-ଏଚ୍‌ଆର ଡଟ୍‌କମ୍ , ଟିଏଚ୍‌ଏକ୍ସଆର୍‌କ୍ୟୁ ଡଟ୍‌କମ୍, ଏଚ୍‌ଆଇଭିଏନ୍‌ଡି ଡଟ୍‌ନେଟ୍ ଭଳି ସାଇଟ୍‌ଗୁଡିକ ପ୍ରତି ସତର୍କ ରହିବାକୁ କୁହାଯାଉଛି।

# ୭୦% କମ୍ପାନୀଙ୍କ ଚିନ୍ତା ବଢ଼ିଲା

ନୂଆଦିଲ୍ଲୀ,୧୭।୭

କୋଭିଡ୍‌ର ପ୍ରଥମ ୱେଭ୍‌ରେ ଭାରତୀୟ କମ୍ପାନୀଗୁଡ଼ିକ ପ୍ରଭାବିତ ହୋଇଥିବା ବେଳେ ଟ୍ରାକ୍‌କୁ ଫେରିନାହାନ୍ତି। ଏଭଳି ସ୍ଥିତିରେ କରୋନାର ଦ୍ୱିତୀୟ ୱେଭ ନେଇ କମ୍ପାନୀଗୁଡିକର ଚିନ୍ତା ବଢ଼ିବାକୁ ଲାଗିଛି। ଆମେରିକା ଏବଂ ଚାଇନା ଭଳି ଦେଶ ଗୁଡିକରେ କରୋନାର ଦ୍ୱିତୀୟ ୱେଭ ଦେଖାଗଲାଣି। ଯଦି ଭାରତରେ କରୋନାର ଦ୍ୱିତୀୟ ୱେଭ ଆସେ ତେବେ କମ୍ପାନୀଗୁଡିକର କାରବାର ଉପରେ ଏହାର ପ୍ରଭାବ ପଡିବା ନେଇ କମ୍ପାନୀ ଆଶଙ୍କା ପ୍ରକଟ କରିଛନ୍ତି। ଦେଶର ୭୦% କମ୍ପାନୀ ଏ ନେଇ ଚିନ୍ତା ପ୍ରକଟ କରିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି।

ଭାରତରେ କରୋନା ମାମଲା ପ୍ରାୟ ୧୦ ଲକ୍ଷ ନିକଟତର ହୋଇଛି। ବର୍ତ୍ତମାନ ସୁଦ୍ଧା ୨୫ ହଜାର ଲୋକ ଏହାଦ୍ୱାରା ମୃତ୍ୟୁ ମୁଖରେ ପଡିଛନ୍ତି। ପ୍ରତିଦିନ ୩୦ରୁ ୩୨ ହଜାର ନୂଆ ମାମଲା ସାମ୍ନାକୁ ଆସୁଛି। ପୂର୍ବରୁ ଅଧିକାଂଶ ମାମଲା କେବଳ ସହରରେ ଦେଖାଯାଉଥିଲା ମାତ୍ର ବର୍ତ୍ତମାନ ଗ୍ରାମାଞ୍ଚଳରେ ମାମଲାଗୁଡିକ ସାମ୍ନାକୁ ଆସୁଛି। ମହାରାଷ୍ଟ୍ର, ଦିଲ୍ଲୀ, ଗୁଜରାଟ, ତାମିଲନାଡୁ ଭଳି ରାଜ୍ୟ କରୋନା ଦ୍ୱାରା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। କରୋନା ଗ୍ରାଫ୍‌ରେ ଏହି ରାଜ୍ୟଗୁଡିକରେ ବର୍ତ୍ତମାନ ମାମଲାର ତୀବ୍ରତା କମିଛି। ହେଲେ ଅନ୍ୟ ରାଜ୍ୟଗୁଡିକର ଗ୍ରାଫ୍‌ରେ ପରିବର୍ତ୍ତନ ଦେଖାଯାଉଛି। ଏଥି ଯୋଗୁ ଅନ୍ୟ ରାଜ୍ୟଗୁଡିକରେ ବର୍ତ୍ତମାନ ଲକ୍‌ଡାଉନ ହେଉଥିବା ଦେଖାଯାଉଛି। ଏଭଳି ସ୍ଥିତିରେ କରୋନାର ଦ୍ୱିତୀୟ ୱେଭ୍ ସଙ୍କଟ ସ୍ଥିତି ଆଣିପାରେ ବୋଲି ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

ଇଣ୍ଟରନ୍ୟାଶନାଲ ଏସ୍‌ଓଏସ୍ ନାମକ ଏକ କମ୍ପାନୀ ଦ୍ୱାରା ହୋଇଥିବା ସର୍ଭେ ମୁତାବକ କରୋନାର ଦ୍ୱିତୀୟ ୱେଭ୍ ଆସିଲେ କାରବାର ବୃହତ୍ ଭାବେ କ୍ଷତିଗ୍ରସ୍ତ ହେବ ବୋଲି ୭୦% ମତପ୍ରକାଶ କରିଛନ୍ତି। କାରବାର ଆଗକୁ ବଢାଇବା ପାଇଁ ଲକ୍‌ଡାଉନର ଉପାୟ ନିର୍ଭରକରେ ବୋଲି ୭୯% କହିଛନ୍ତି। ସେହିଭଳି ୨୧% କମ୍ପାନୀ ଅନ୍ତର୍ଜାତୀୟ ସୀମା ନିୟନ୍ତ୍ରଣ, ୱାର୍କ ଫ୍ରମ୍ ହୋମ୍ ଢାଞ୍ଚାରେ ଅଭାବ ନେଇ ୩୫%, ୧୦% ମାନସିକ ସ୍ୱାସ୍ଥ୍ୟ ଏବଂ କାରବାର ଜାରି ରଖିବା ଲାଗି ଯୋଜନା ଅଭାବ ସମ୍ପର୍କରେ ୧୦% ମତ ରଖିଛନ୍ତି। ଏଭଳି ସ୍ଥିତିରେ ଆଗାମୀ ୧୨ ମାସ ଅତ୍ୟନ୍ତ ସଙ୍କଟ ସମୟ ବୋଲି କମ୍ପାନୀ ମତ ବ୍ୟକ୍ତ କରିଛନ୍ତି।

**କରୋନାର ଦ୍ୱିତୀୟ ୱେଭ୍**



# ହ୍ୟୁଣ୍ଡାଇ ପକ୍ଷରୁ ହାଇଜିନ ଡ୍ରାଇଭ୍

ନୂଆଦିଲ୍ଲୀ,୧୭।୭

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ହାଇଜିନ ଡ୍ରାଇଭ୍ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୧୫ଠାରୁ ୩୧ ତାରିଖ ଯାଏ ଏହା ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା କାର୍‌ର ସମ୍ପୂର୍ଣ୍ଣ ସାନିଟାଇଜେଶନ ଉପରେ କମ୍ପାନୀ ଫୋକସ୍ କରିବ ବୋଲି ସୂଚନା ଦେଇଛି। ଏହି ସମୟ ଅବଧି ମଧ୍ୟରେ କମ୍ପାନୀ ପକ୍ଷରୁ ବିଶେଷ ଅଫର ଘୋଷଣା କରାଯାଇଛି। ଯାନ ଉପରେ ଫ୍ରି ୫୦ ପଏଣ୍ଟ ଚେକ୍ ଅପ୍ ଏବଂ ହାଇ ଟଚ୍ ପଏଣ୍ଟ ସାନିଟାଇଜେଶନ, ୫୯୯ ଟଙ୍କା ଆରମ୍ଭ ମୂଲ୍ୟରୁ ସମ୍ପୂର୍ଣ୍ଣ ଇଣ୍ଟେରିୟର ସ୍ମୋକ ସାନିଟାଇଜେଶନ କରାଯାଉଛି। ସେହିଭଳି ୯୯୯ ଟଙ୍କା ଆରମ୍ଭ ମୂଲ୍ୟରୁ ସମ୍ପୂର୍ଣ୍ଣ ଇଣ୍ଟେରିୟର ସରଫେସ୍ ସାନିଟାଇଜେଶନ, ୩୪୦ ଟଙ୍କାରୁ ଏକ୍ସଟେରିୟର ଡ୍ରାଏୱାଶ ସୁବିଧା ମିଳୁଛି। ଗ୍ରାହକ କମ୍ପାନୀର ବିଭିନ୍ନ ମଡେଲ ଯାନ କ୍ରୟ ଉପରେ ସ୍ୱତନ୍ତ୍ର ଅଫର ଲାଭ କରିପାରିବେ। ଏହି ଅଫର ସେଲ୍‌ସ ସ୍କିମ୍ ଅଫର ଅନ୍ତର୍ଗତ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ହାର୍ଭେଷ୍ଟର ନିର୍ମାଣରେ ପ୍ରୀତ୍‌ର ସଫଳତା



ନୂଆଦିଲ୍ଲୀ,୧୭।୭

ହାର୍ଭେଷ୍ଟର ନିର୍ମାଣ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ପ୍ରୀତ୍ ସଫଳତା ହାସଲ କରିଛି। କମ୍ପାନୀ ଲିଡରଶିପ ସ୍ଥାନ ବଜାୟ ରଖିବା ସହ ନିକଟରେ ଦକ୍ଷିଣ ଭାରତକୁ ଏହାର ବହୁଳ ପରିମାଣର ଅର୍ଡର ପଠାଇବାକୁ ସକ୍ଷମ ହୋଇଛି। ଏହି ସଫଳତା ଲାଗି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ହରି ସିଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିର୍ଦ୍ଦେଶକ ହାନଦୀପ ସିଂ ଢିଲର ଏବଂ ଗ୍ରାହକଙ୍କ ସହଯୋଗକୁ ପ୍ରଶଂସା କରିଛନ୍ତି। ଟ୍ରାକ୍ଟର ଏବଂ ହାର୍ଭେଷ୍ଟର ନିର୍ମାଣ ଲାଗି କମ୍ପାନୀ ଏକ ଷ୍ଟେଟ ଅଫ୍ ଫାସିଲିଟି ସ୍ଥାପନ କରୁଥିବା ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଗୁରୁଚରଣ ସିଂ, ପ୍ରେମ ସିଂ, ଗୁରୁପ୍ରୀତ୍ ସିଂ, ସିକନ୍ଦର ସିଂ ଏବଂ ସରବଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଅଶୋକ ଗୌର ଆସିବାକୁ ଥିବା ହାର୍ଭେଷ୍ଟର ଏବଂ ବ୍ୟାକହୋ ଲୋଡର ସମ୍ପର୍କରେ ସୂଚନା ଦେଇଛନ୍ତି। ବର୍ତ୍ତମାନ ବଜାରରେ କମ୍ପାନୀ ଆଗକୁ ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ଜେନେରାଲ ମ୍ୟାନେଜର ସମ୍‌ସେର ସିଂ ମତ ରଖିଛନ୍ତି।

## ଭାରତରେ ନିବେଶ କରିବ ପେଗାଟ୍ରନ କର୍ପୋରେଶନ

ନୂଆଦିଲ୍ଲୀ,୧୭।୭

ଆପଲ୍ ଇଙ୍କ୍‌ର ଆସେମ୍ବଲ ପାର୍ଟନର ପେଗାଟ୍ରନ କର୍ପୋରେଶନ ଭାରତରେ ଏହାର ପ୍ରଥମ ପ୍ଲାଣ୍ଟ ସ୍ଥାପନ କରିବ। ଏ ନେଇ କମ୍ପାନୀ ବର୍ତ୍ତମାନ ଯୋଜନା ଧାର୍ଯ୍ୟ କରିଛି। ଟେକ୍ନୋଲୋଜି କମ୍ପାନୀଙ୍କୁ ଆକୃଷ୍ଟ କରିବା ଲାଗି ଭାରତ ସରକାର ୬.୬ ବିଲିୟନ ଡଲାରର ଏକ ପାଣ୍ଠି ଘୋଷଣା କରାଯାଇଛି। ବିଶ୍ୱର ପ୍ରମୁଖ ପ୍ରମୁଖ ସ୍ମାର୍ଟଫୋନ ମାନୁଫାକଚରଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ଦିଗରେ ଏହି ଅର୍ଥ ପ୍ରଦାନ କରାଯିବ। ରେଡି ଟୁ ୟୁଜ ମାନୁଫାକଚରିଂ କ୍ଲଷ୍ଟର ବସାଇବା ଦିଗରେ ଏହି ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ପେଗାଟ୍ରନ ଆପଲକୁ ଆଇଫୋନ ଯୋଗାଣ କ୍ଷେତ୍ରରେ ଦ୍ୱିତୀୟ ବଡ କମ୍ପାନୀ। ପେଗାଟ୍ରନର ନିବେଶ ନେଇ ବ୍ଲୁମବର୍ଗ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଫକ୍ସକନ ଟେକ୍ନୋଲୋଜି ଏବଂ ୱିଷ୍ଟ୍ରନ କର୍ପୋରେଶନ ଭାରତରେ ଆଇଫୋନ ହ୍ୟାଣ୍ଡସେଟ ନିର୍ମାଣ କରୁଛି। ପେଗାଟ୍ରନ ଭାରତ ଆସିଲେ ସ୍ଥାନୀୟ କମ୍ପାନୀଙ୍କ ସହ ମିଳିତ ହୋଇ କାମ କରିବ ବୋଲି ଜଣାପଡିଛି। ଏହି କମ୍ପାନୀ ଭାରତରେ ଏହାର କାରବାରକୁ ବିସ୍ତାର କରିବାକୁ ଯୋଜନା ରଖିଛି। ଏହାର ମୋଟ ବାଣିଜ୍ୟ ମଧ୍ୟରୁ ଆପଲ୍‌ର ଅଂଶ ପ୍ରାୟ ଅଧା ରହିଛି। ଚାଇନାରେ ଅନେକ ୟୁନିଟ ରହିଛି। ଭାରତରେ ସ୍ଥାପିତ ଅନ୍ୟ ଚାଇନା କମ୍ପାନୀଗୁଡିକ ମଧ୍ୟ କାରବାରକୁ ବଢାଇବା ଯୋଜନା ରଖିଛନ୍ତି।

# ଓରିଏଣ୍ଟ ଇଲେକ୍‌ଟ୍ରିକର ୟୁଭି ସାନିଟେକ୍



ନୂଆଦିଲ୍ଲୀ,୧୭।୭

ସି.କେ. ବିର୍ଲା ଗ୍ରୁପ୍‌ର ଅଂଶ ବିଶେଷ ଓରିଏଣ୍ଟ ଇଲେକ୍‌ଟ୍ରିକ ଲିମିଟେଡ୍ ପକ୍ଷରୁ ୟୁଭି ସାନିଟେକ୍‌ର ବଜାର ପ୍ରବେଶ କରାଯାଇଛି। ଏହା ଏକ ବକ୍ସ ଆକୃତିର ସାନିଟାଇଜିଂ ଉପକରଣ। କରୋନା ଭାଇରସ୍, ବ୍ୟାକ୍ଟେରିଆ ଏବଂ ଫଙ୍ଗସ୍ ଆଦିକୁ ଖୁବ୍ କମ୍ ସମୟ ମଧ୍ୟରେ ନଷ୍ଟ କରିବା ଦିଗରେ ଏହି ଉପକରଣଟି ସହାୟକ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସର୍ଟ ୱେଭଲେନ୍ଥ ଅଲ୍‌ଟ୍ରା ଭାୟୋଲେଟ ୟୁଭିସି ଲାଇଟର ବ୍ୟବହାର କରାଯାଇଥାଏ। ୯୯.୯୯% ଭାଇରସ୍ ଏବଂ ବ୍ୟାକ୍ଟେରିଆଙ୍କୁ ଏହା ମାରିଥାଏ ବୋଲି ସୂଚନା ରହିଛି। ବର୍ତ୍ତମାନ ସମୟରେ ବାହ୍ୟ ବାତାବରଣ ସଂସ୍ପର୍ଶରେ ଆସୁଥିବା ଦୈନିକ ବ୍ୟବହାର୍ଯ୍ୟ ଜିନିଷ ଯଥା ମୋବାଇଲ, ୱାଲେଟ, ଇଲେକ୍‌ଟ୍ରୋନିକ୍ସ ଯନ୍ତ୍ରପାତି, ଖାଦ୍ୟ ସାମଗ୍ରୀ, ମୁଦ୍ରା ଇତ୍ୟାଦିକୁ ନିଜ ଘର କିମ୍ବା ଅଫିସକୁ ଆଣିବାକୁ ଭୟ ଲାଗୁଛି। ନୂଆ ୟୁଭି ସାନିଟେକ ବ୍ୟବହାର କରି ସାମଗ୍ରୀଗୁଡିକୁ ସାନିଟାଇଜ କରିବାକୁ ଗ୍ରାହକ ସକ୍ଷମ ହୋଇପାରିବେ। ସାନିଟାଇଜେଶନର ଆବଶ୍ୟକତାକୁ ବିଚାରକରି ଏଭଳି ଏକ ପ୍ରଡକ୍ଟ ବଜାରକୁ ପ୍ରବେଶ କରାଯାଇଛି ବୋଲି କମ୍ପାନୀର ଏମ୍‌ଡି ତଥା ସିଇଓ ରାଜେଶ ଖାନ୍ନା ସୂଚନା ଦେଇଛନ୍ତି।

# ଏଚ୍‌ଡିଏଫ୍‌ସିର ୮ ନୂଆ ଶାଖା

ଭୁବନେଶ୍ୱର,୧୭।୭

କରୋନା ମହାମାରୀ ସମୟରେ ସାଧାରଣ ଜନତାଙ୍କୁ ଉନ୍ନତ ମାନର ବ୍ୟାଙ୍କ ସେବା ଯୋଗାଇଦେବା ଲକ୍ଷ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଓଡିଶାରେ ୮ଗୋଟି ନୂଆ ଶାଖାର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରନ୍ସ ମାଧ୍ୟମରେ ଉକ୍ତ ୮ଟି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବ୍ୟାଙ୍କର ଏହି ନୂତନ ଶାଖା ସମ୍ପ୍ରସାରଣ ସହ ଅର୍ଦ୍ଧସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ଯୋଗାଇ ଦେଉଥିବାରୁ ଅତ୍ୟନ୍ତ ଖୁସି। ସେହିପରି ମହାମାରୀ ସମୟରେ ବ୍ୟାଙ୍କର ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ କର୍ତ୍ତୃପକ୍ଷଙ୍କ ଓଡିଶା ପ୍ରତି ରହିଥିବା ଦାୟିତ୍ୱବୋଧ ଓ ସାମାଜିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ବ୍ୟାଙ୍କର ଏହି ୮ଟି ନୂତନ ଶାଖା ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ୫ଟି ଏବଂ ସୁନ୍ଦରଗଡ, ସମ୍ବଲପୁର,କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଲେଖାଏ ନୂଆ ଶାଖା ଖୋଲାଯାଇଛି। ଶାଖା ଗୁଡିକ ମାଧ୍ୟମରେ ଯୁବବର୍ଗମାନଙ୍କ ପାଇଁ ଶତାଧିକ ନିଯୁକ୍ତି ସୃଷ୍ଟି ହୋଇପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ୨୦୦୦ ମସିହାରୁ ଓଡିଶାରେ ବ୍ୟାଙ୍କ ସେବା ପ୍ରଦାନ କରିଆସୁଛି। ଦୀର୍ଘ ୨୦ ବର୍ଷ ମଧ୍ୟରେ ବ୍ୟାଙ୍କର ୧୫୦ ଶାଖା ଏବଂ ୨୭୬ଗୋଟି ଏଟିଏମ୍ ରହିଛି। ଏହି ଶାଖାର ୬୦% ଅର୍ଦ୍ଧସହାରାଞ୍ଚଳରେ ରହିଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବ୍ୟାଙ୍କ ଆଗାମୀ ଦିନରେ ୭୩ଟି ଅତିରିକ୍ତ ବିଜ୍‌ନେସ କରେସପେଣ୍ଟେନ୍ସ(ବିସି) ଖୋଲିବା ପାଇଁ ଯୋଜନା ରହିଛି। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରଙ୍କ ମୁଖ୍ୟ ପରାମର୍ଶଦାତା, ଉନ୍ନୟନ କମିଶନର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ, ଇଟି ଆଣ୍ଡ ଆଇଟି ସଚିବ, ବ୍ୟାଙ୍କର ରିଟେଲ ବ୍ୟାଙ୍କିଙ୍ଗ କଣ୍ଟ୍ରି ହେଡ ଅରବିନ୍ଦ ଭୋରା, ବ୍ରାଞ୍ଚ ବ୍ୟାଙ୍କିଙ୍ଗ ହେଡ ସନ୍ଦୀପ କୁମାର ଏବଂ ବ୍ୟାଙ୍କର ସବୁ ବର୍ଗର ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ରାସାୟନିକ ବର୍ଜ୍ୟବସ୍ତୁ ବଳୟରେ କେନ୍ଦ୍ରାପଡ଼ା

କେନ୍ଦ୍ରାପଡ଼ା ଅଫିସ, ୧୭।୭

- ଜିଲ୍ଲାକୁ କ୍ରାଇସିସ୍ ମ୍ୟାନେଜମେଣ୍ଟ ସର୍ଭେ ପରିସରକୁ ଆଣିବାକୁ ଦାବି
- ଚିଙ୍ଗୁଡ଼ି ଘେରିରୁ ଉତ୍ପନ୍ନ ହେଉଛି ରାସାୟନିକ ବର୍ଜ୍ୟବସ୍ତୁ

କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପାନୁଷ୍ଠାନ ନାହିଁ। ହେଲେ ଏହି ଜିଲା ବର୍ଜ୍ୟବସ୍ତୁ ବଳୟରେ ଅଛି। ଏଥିନେଇ ଜିଲା ପ୍ରଶାସନ ସଚେତନ ହେଉ ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଜିଲାର ତିନି ପାର୍ଶ୍ୱରେ ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଜିଲାରେ ଶିଳ୍ପାନୁଷ୍ଠାନ ଗଢ଼ିଉଠିଛି। ଧାମରା ଓ ପାରାଦୀପ ବନ୍ଦରକୁ ସମୁଦ୍ର ମଧ୍ୟ ଦେଇ ଗ୍ୟାସ୍ ଓ ରାସାୟନିକ ପଦାର୍ଥ ପରିବହନ ହେଉଥିବା ବେଳେ ପଡୋଶୀ ଯାଜପୁର ଓ ଜଗତ୍‌ସିଂହପୁର ଜିଲାର ଶିଳ୍ପାନୁଷ୍ଠାନ ପାଇଁ ଚଣ୍ଡିଖୋଲ-ପାରାଦୀପ ରାସ୍ତାରେ ରାସାୟନିକ ପଦାର୍ଥ ମୋଟର ଯାନରେ ପରିବହନ ହେଉଛି। ଏହି ୩ ଜିଲାରେ କୌଣସି ରାସାୟନିକ ଦୁର୍ଘଟଣା ହେଲେ କେନ୍ଦ୍ରାପଡ଼ା ଜିଲାବାସୀ ଏଥିରେ ଭୁକ୍ତଭୋଗୀ ହେବେ ବୋଲି ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି। ସେ ଦର୍ଶାଇଛନ୍ତି, ୨୦୧୮ ଜୁନରେ ତତ୍‌କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାସାୟନିକ ଓ ଶିଳ୍ପାନୁଷ୍ଠାନ ଦୁର୍ଘଟଣା ପରି ବିପର୍ଯ୍ୟୟ କ୍ଷେତ୍ରରେ ରାଜ୍ୟ କ୍ରାଇସିସ୍ ଗ୍ରୁପ୍ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଗ୍ରୁପ୍ ଶିଳ୍ପାଞ୍ଚଳର ଆଖପାଖ ଅଞ୍ଚଳ ସର୍ଭେ କରିବା ସହିତ ଏହାର ନିରାକରଣ ବ୍ୟବସ୍ଥା କରିବ। ଏହି ନିଷ୍ପତ୍ତିକୁ ଇତିମଧ୍ୟରେ ଦୁଇବର୍ଷ ବିତିଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ବାର୍ଷିକ ଗୋଟିଏ ବୈଠକ ପରେ ଜିଲାବାସୀଙ୍କ ସୁରକ୍ଷାକୁ ଭୁଲିଯାଇଛନ୍ତି। ଏହି ଜିଲାକୁ କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପର ସର୍ଭେ ପରିସରକୁ ଆଣିବାକୁ ସାମଲ ଦାବି କରିଛନ୍ତି।

ସୂଚନା ଅଧିକାର ଅଭିଯାନ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି କୁହନ୍ତି, ପଡୋଶୀ ଜଗତ୍‌ସିଂହପୁର ଜିଲାରେ ଇଫ୍‌କୋ, ପିପିଏଲ୍, ଆଇଓସିଏଲ ପରି ୯ଟି ଶିଳ୍ପାନୁଷ୍ଠାନ ଅଛି। ଏହି ଶିଳ୍ପର ରାସାୟନିକ ପଦାର୍ଥ ପରିବହନ ପାଇଁ କେନ୍ଦ୍ରାପଡ଼ା ଜିଲା ରାସ୍ତାକୁ ବ୍ୟବହାର କରାଯାଉଛି। ସେହିପରି ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ନଦୀଜଳରେ ଛଡାଯାଉଥିବାରୁ ସାଧାରଣ ଜନତା ଦୁର୍ଦ୍ଦଶାରେ ଅଛନ୍ତି। ଏହି ବର୍ଜ୍ୟବସ୍ତୁ ଯୋଗୁ ବିଭିନ୍ନ ରୋଗ ବ୍ୟାପିବା, ରାସାୟନିକ ବର୍ଷା ହେବା ଆଦି ଅଭିଯୋଗ ସୂଚନା ଅଧିକାର ଆଇନ ଅଭିଯାନ ପକ୍ଷରୁ ପୂର୍ବରୁ ଆୟୋଜିତ ଜନ ଅଭିଯୋଗ ଶିବିରରେ ହୋଇଥିଲା। ପରିବେଶ ପ୍ରଦୂଷଣ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ପୂର୍ଣ୍ଣିମା ମାଝି, ସୁଦର୍ଶନ ବେରା, ହରିପଦ ବିଶ୍ୱାସ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଅଭିଯୋଗ ଆଣିଥିଲେ। ଅଭିଯାନ ପକ୍ଷରୁ ରାଜ୍ୟ ସରକାର, ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ନିରାକରଣ ହୋଇପାରି ନାହିଁ।

ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପାରାଦୀପସ୍ଥିତ ଶିଳ୍ପାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶକୁ ନଷ୍ଟ କରୁଛି। ନଦୀ ଜଳରେ ପ୍ରବାହିତ ଏହି ବର୍ଜ୍ୟବସ୍ତୁ ସାମୁଦ୍ରିକ ଜୀବଙ୍କ ଉପରେ ପ୍ରଭାବ ପକାଉଛି। ସେହିପରି ଚିଙ୍ଗୁଡି ଘେରିରୁ ନିର୍ଗତ ରାସାୟନିକ ବର୍ଜ୍ୟବସ୍ତୁକୁ ଜିଲା ପ୍ରଶାସନ ଅଣଦେଖା କରୁଛି, ଯାହାକି ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କୁହନ୍ତି, ରାସାୟନିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ଜିଲାରେ ସଚେତନତା ସୃଷ୍ଟି କରାଯାଉଛି। ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ହେଉଥିବାବେଳେ ଖାଦ୍ୟ ପଦାର୍ଥର ରାସାୟନିକ ପରୀକ୍ଷଣ ଚାଲିଛି। ଜିଲାକୁ କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ୍‌ର ସର୍ଭେ ପରିସରକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଫ୍ୟାକ୍ଟ୍ରିଆଣ୍ଡ ବଏଲର ନିର୍ଦ୍ଦେଶାଳୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରହିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

MAHESWARI FINANCE
LOAN IN 3 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ
(2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082
9911637672

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
70876-30455
B-34/7 A Block Vijay Enclave, Bururi, New Delhi

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ 20 ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦୀର୍ଘ ପ୍ରାୟ ୩ ମାସ ପରେ ଏବେ ବଲିଉଡ୍‌ର କିଛି ଫିଲ୍ମ ଶୁଟିଂ ଆରମ୍ଭ କରାଯାଇଛି। ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ବେଲ ବଟମ'ର ଶୁଟିଂ ଆରମ୍ଭ କରିବାକୁ ଯୋଜନା କରାଯାଉଛି। କରୋନା ସଂକ୍ରମଣକୁ ଦେଖି ଅକ୍ଷୟ ସ୍କଟଲାଣ୍ଡରେ ହେବାକୁ ଥିବା ଏହି ଫିଲ୍ମ ଶୁଟିଂ ପାଇଁ ପ୍ରାଇଭେଟ ଜେଟ୍‌ରେ ଗସ୍ତ କରିପାରନ୍ତି ବୋଲି କୁହାଯାଉଛି। ଚଳିତ ମାସରେ ଏହାର ଶୁଟିଂ ଯୋଜନା କରାଯାଇଥିବା ବେଳେ ଅନ୍ତରାଷ୍ଟ୍ରୀୟ ଉଡ଼ାଣ ବନ୍ଦ ଥିବାରୁ ଏହାର ଶୁଟିଂକୁ ଘୁଞ୍ଚାଇବାକୁ ପଡିଛି। ଖୁବ୍‌ଶୀଘ୍ର ଏହି ଫିଲ୍ମର ଶୁଟିଂ ଆରମ୍ଭ କରାଯିବ ବୋଲି ଜଣାପଡିଛି।

# ମେଶିନରେ ସାନିଟାଇଜ୍ ହେବ ଟଙ୍କା




**ଲକ୍ଷ୍ନୌ:** ଆଜିକାଲି ମେଶିନରେ ଖୁବଶୀଘ୍ର ଟଙ୍କା ଗଣିବା କାମ କରିହେଉଛି। କିନ୍ତୁ ଟଙ୍କା ଗଣିବା ସହିତ ଏହାକୁ ସାନିଟାଇଜ୍ ବି କରିହେବ। ଏଭଳି ଏକ ଭିନ୍ନ ମେଶିନ୍ ତିଆରି କରିଛନ୍ତି ଉତ୍ତରପ୍ରଦେଶ ଲକ୍ଷ୍ନୌରେ ଥିବା ଏପିଜେ ଅବଦୁଲ କଲାମ୍ ଟେକ୍ନିକାଲ୍ ୟୁନିଭର୍ସିଟିର ଅନୁଜ ଶର୍ମା ଓ ତାଙ୍କ ଟିମ୍। ଅନୁଜ ଟଙ୍କା ଗଣିବା ପାଇଁ ଏଭଳି ଏକ ମେଶିନ ତିଆରି କରିଛନ୍ତି ଯାହା ଏକ ମିନିଟରେ ୨୦୦ଟି ନୋଟ୍ ଗଣି ପାରୁଛି ଏବଂ ଏକ ସମୟରେ ନୋଟ୍‌ଗୁଡ଼ିକୁ ସାନିଟାଇଜ୍ କରିଦେଉଛି।

ନୋଟ୍‌କୁ ଗଣିବା ସମୟରେ ସାନିଟାଇଜ୍ କରିବା ନିମନ୍ତେ ମେଶିନ୍ ସହିତ ସାନିଟାଇଜର ଲଗାଯାଇଛି। ଏହାକୁ ତିଆରି କରିବା ନିମନ୍ତେ ଖର୍ଚ୍ଚ ହୋଇଛି ପ୍ରାୟ ୧୫ ହଜାର ଟଙ୍କା। କରୋନା ଭାଇରସ୍ ମହାମାରୀ ସମୟରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ଏକ ମେଶିନ୍ ତିଆରି କରାଯାଇଛି ବୋଲି ଅନୁଜ ଶର୍ମା କହିଛନ୍ତି। ଏବେ ଟୁଇଟରରେ ଏହି ମେଶିନର ଫଟୋ ଓ ଭିଡିଓକୁ ଶେୟାର କରାଯାଇଛି। ତେଣୁ ଲୋକେ ସୋସିଆଲ୍ ମିଡିଆରେ ଅନୁଜ ଶର୍ମା ଓ ତାଙ୍କ ଟିମ୍‌କୁ ପ୍ରଶଂସା କରିବା ସହିତ ବର୍ତ୍ତମାନ ସମୟରେ ଏହି ମେଶିନର ଗୁରୁତ୍ୱ ଯଥେଷ୍ଟ ରହିଥିବା ମତ ଦେଇଛନ୍ତି। କାରଣ ଏବେ ସମସ୍ତଙ୍କୁ ବାରମ୍ବାର ହାତକୁ ସାନିଟାଇଜ୍ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ ଏଭଳି ଏକ ମେଶିନକୁ ନେଇ ସୋସିଆଲ୍ ମିଡିଆରେ ଜୋର୍‌ଦାର ଚର୍ଚ୍ଚା ହେଉଛି।

ଦ୍ୱିତୀୟ ଜନ୍ମବାର୍ଷିକୀ



ଶ୍ରୀମାନ୍ ତ୍ରିଲୋକେଶ ନାୟକ
ବାରଗାଡ଼ିଆ, ସୁକିନ୍ଦା, ଯାଜପୁର
ଆଜି ତୋର ଦ୍ୱିତୀୟ ବାର୍ଷିକ ଜନ୍ମଦିନ ଅବସରରେ ସମସ୍ତଙ୍କର ସ୍ନେହ, ଶୁଭେଚ୍ଛା ଓ ଆଶୀର୍ବାଦ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ତୋର ଜୀବନ ଦୀର୍ଘାୟୁ ଓ ନିରାମୟ ହେଉ।
-:ଶୁଭେଚ୍ଛା ସହ:-
ଜେଜେ ବାପା, ଜେଜେ ମାଆ, ସାନଜେଜେ ବାପା, ସାନଜେଜେ ମାଆ, ଅଜା, ଆଈ, ବାପା, ମା', ବନ୍ଧୁ ଓ ପରିବାରବର୍ଗ।
ଧ-୧୭୭୬୫

ପ୍ରଥମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା



(ଋଷି)
ଶ୍ରେୟାଂଶ
ପୂବାଶାସନ, କୌଶଲ୍ୟାଗଙ୍ଗ, ପୁରୀ
ଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ, ଏହାହିଁ ଆମମାନଙ୍କର ଠାକୁରଙ୍କ ପାଖରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ବନ୍ଧୁ ଏବଂ ଦାସ ପରିବାରବର୍ଗ।
ଜୟ ମାତାଦୀ
ଧ-୬୯୬୦୩

# ମ୍ୟାଥ୍ ୱଣ୍ଡର 'ଶକୁନ୍ତଳା ଦେବୀ'

**ବଲିଉଡ୍ 'ସିଲ୍କ' ବିଦ୍ୟା ବାଲାନ୍‌ଙ୍କ ଅଭିନୀତ ବାୟୋପିକ୍ ଫିଲ୍ମ 'ଶକୁନ୍ତଳା ଦେବୀ'ର ଟ୍ରେଲର ୟୁଟ୍ୟୁବ୍‌ରେ ଟ୍ରେଣ୍ଡ୍ କରୁଛି। ଆମାଜନ ପ୍ରାଇମ୍‌ରେ ଖୁବ୍‌ଶୀଘ୍ର ଏହାକୁ ଦେଖିବାର ସୁଯୋଗ ପାଇବେ ଦର୍ଶକ। ତେବେ ଫିଲ୍ମର ଟ୍ରେଲରରୁ ଶକୁନ୍ତଳା ଦେବୀଙ୍କ ବିଷୟରେ ଜାଣିବାକୁ ଯୁବପିଢ଼ିଙ୍କ ଭିତରେ ଆଗ୍ରହ ବଢ଼ିଛି। କଠିନରୁ କଠିନତମ ମିଶାଣ, ଫେଡ଼ାଣ, ଗୁଣନ, ହରଣ, ବର୍ଗମୂଳ, ଘନମୂଳ, ବୈଦିକ ଗଣିତକୁ ମାତ୍ର କେଇ ସେକେଣ୍ଡରେ ସମାଧାନ କରି ସମସ୍ତଙ୍କୁ ଚକିତ କରିଦେଉଥିବା 'ମ୍ୟାଥ୍ ୱଣ୍ଡର' ହେଉଛନ୍ତି ଏହି ପାରଦର୍ଶୀ ମହିଳା। ନିଜର ଗାଣିତିକ ବୁଦ୍ଧିମତ୍ତା ପାଇଁ ସେ 'ହ୍ୟୁମାନ କାଲ୍‌କୁଲେଟର' ନାମରେ ମଧ ପରିଚିତ।**



**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛି 'ଶକୁନ୍ତଳା ଦେବୀ'ର ଟ୍ରେଲର। ଏହାକୁ ଦେଖିବା ପରେ ଶକୁନ୍ତଳା ଦେବୀଙ୍କୁ ଜାଣିବା ଲାଗି ଦର୍ଶକଙ୍କ ମଧ୍ୟରେ ବଢ଼ିଛି ଉତ୍ସୁକତା। ଏକଦା ଅଙ୍କଗଣନାର କମ୍ପ୍ୟୁଟର ଭାବେ ପରିଚିତ ଥିଲେ ଶକୁନ୍ତଳା ଦେବୀ। ତାଙ୍କର ଏଭଳି ପ୍ରତିଭା ଅନେକ ଗଣିତଜ୍ଞଙ୍କୁ ନିର୍ବାକ କରିଦେଉଥିଲା। କମ୍ପ୍ୟୁଟର ଉଦ୍ଭାବନ ପୂର୍ବରୁ 'ମ୍ୟାଥ୍ ୱଣ୍ଡର ଗର୍ଲ' ଭାବେ ଭାରତ ସମେତ ଦେଶ ବିଦେଶରେ ସୁନାମ ଅର୍ଜନ କରିସାରିଥିଲେ ଶକୁନ୍ତଳା। ତତ୍କାଳୀନ ସମୟରେ ବଡ଼ ବଡ଼ ସଂଖ୍ୟାର ଗୁଣନ, ମିଶାଣ କରିପାରୁଥିବା କାଲ୍‌କୁଲେଟର ବାହାରି ନ ଥିଲେ ମଧ ମୁହଁରେ ମୁହଁରେ ଏଭଳି କାଲ୍‌କୁଲେଶନକୁ କିଛି କ୍ଷଣରେ ସମାଧାନ କରି ଚକିତ କରିଦେଉଥିଲେ ସେ। କମ୍ପ୍ୟୁଟର ପ୍ରଚଳନ ହେବା ପରେ ବି 'ହ୍ୟୁମାନ କାଲ୍‌କୁଲେଟର' ଆଖ୍ୟା ତାଙ୍କ ସହ ଯୋଡ଼ି ହୋଇରହିଥିଲା। ବାଙ୍ଗାଲୁରୁର ଏକ କଳାକାର ପରିବାରରେ ୧୯୩୯ ନଭେମ୍ବର ୪ରେ ଶକୁନ୍ତଳାଙ୍କ ଜନ୍ମ। ବାପା ଥିଲେ ସର୍କସ ଦଳର ଜଣେ ବରିଷ୍ଠ କର୍ମଚାରୀ। ତାସ୍ ଖେଳ ମାଧ୍ୟମରେ ସେ ଦର୍ଶକଙ୍କ ମନୋରଞ୍ଜନ କରାଉଥିଲେ। ଏହି ତାସ୍‌ର ସଂଖ୍ୟା ହିଁ ଶକୁନ୍ତଳାଙ୍କୁ ଟାଣି ନେଇଥିଲା ଗଣିତ ଜଗତକୁ। ପିଲାଟି ଦିନରୁ ପ୍ରଚଣ୍ଡ ଧୀଶକ୍ତିର ଅଧିକାରିଣୀ ଶକୁନ୍ତଳା ବାଲ୍ୟାବସ୍ଥାରୁ ପଡ଼ିଯାଇଥିଲେ ଗଣିତ ପ୍ରେମରେ। ତାସ୍ ଖେଳୁଥିବା ବେଳେ ଗାଣିତିକ ସୂତ୍ର ପ୍ରୟୋଗ କରି ଅତି ସହଜରେ ସେ ବାପାଙ୍କୁ ହରାଇ ଦେଉଥିବା ଶକୁନ୍ତଳା କୌଣସି ଔପଚାରିକ ଶିକ୍ଷା ହାସଲ କରି ନ ଥିଲେ। ବାପାଙ୍କ ସହିତ ମିଶି ସାର୍ବଜନୀନ କାର୍ଯ୍ୟକ୍ରମ କରୁଥିବାବେଳେ ଗଣିତକୁ ନେଇ ତାଙ୍କର ବିଚକ୍ଷଣ ପ୍ରତିଭାକୁ ଠଉରାଇ ପାରିଥିଲେ। ଏପରି କାର୍ଯ୍ୟକ୍ରମରୁ ହିଁ ତାଙ୍କର ପ୍ରସିଦ୍ଧି ବଢ଼ିବାରେ ଲାଗିଲା। ତେବେ ବିବିସି ରେଡିଓର ଏକ କାର୍ଯ୍ୟକ୍ରମ ତାଙ୍କୁ ଚର୍ଚ୍ଚିତ କରିଦେଇଥିଲା। ଏହି କାର୍ଯ୍ୟକ୍ରମରେ ଶକୁନ୍ତଳାଙ୍କୁ ଅଙ୍କ ସମ୍ପର୍କିତ ଏକ ଜଟିଳ ଗଣିତ ପଚରାଯାଇଥିଲା। ସେ ତୁରନ୍ତ ଏହାର ଠିକ୍ ଉତ୍ତର ଦେଇଥିଲେ। ସବୁଠାରୁ ମଜାକଥା ହେଉଛି, କାର୍ଯ୍ୟକ୍ରମର ଉପସ୍ଥାପକ ଏହାର ଉତ୍ତର ରଖିଥିଲେ ମଧ ତାହା ଭୁଲ ଥିଲା। ବିଚକ୍ଷଣ ସ୍ମରଣଶକ୍ତି ଶକୁନ୍ତଳାଙ୍କୁ ଜଟିଳ ଗଣିତ ବିଶେଷଜ୍ଞ କରିଦେଲା। ସେ ନିଜର ଅସାଧାରଣ ପ୍ରତିଭାର ପ୍ରଦର୍ଶନ ମହୀଶୂର ବିଶ୍ୱବିଦ୍ୟାଳୟ ଏବଂ ଆନ୍ନାମଲାଇ ବିଶ୍ୱବିଦ୍ୟାଳୟରୁ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଶ୍ୱବ୍ୟାପୀ ଅନେକ ସଂସ୍ଥା ସହିତ ଜଡ଼ିତ ହୋଇଯାଇଥିଲେ। ସେ ଗୋଟିଏ ମିନିଟ୍‌ରେ '୩୩୨୮୧୨୫୫୭'ର ଘନମୂଳ ବାହାର କରିଦେଇ ସମସ୍ତଙ୍କୁ ଚମତ୍କୃତ କରିଦେଉଥିଲେ। ଏଥିରୁ ତାଙ୍କର ବିଚକ୍ଷଣ ବୁଦ୍ଧିମତ୍ତାର କଳନା କରାଯାଇପାରେ।

ବହୁମୁଖୀ ପ୍ରତିଭାର ଅଧିକାରିଣୀ ଶକୁନ୍ତଳା ଜ୍ୟୋତିଷ ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ହାସଲ କରିଥିଲେ। କଲମ ଚାଳନାରେ ମଧ ସେ ଥିଲେ ସିଦ୍ଧହସ୍ତ। 'ଜୟ ଅଫ୍ ନମ୍ବର୍ସ', 'ଆଷ୍ଟ୍ରୋଲୋଜି ଫର ୟୁ', 'ପରଫେକ୍ଟ ମର୍ଡର', 'ଦି ୱାର୍ଲ୍ଡ ଅଫ୍ ହୋମୋସେକ୍ସୁଆଲ' ତାଙ୍କ ଦ୍ୱାରା ରଚିତ କେତୋଟି ଚର୍ଚ୍ଚିତ ପୁସ୍ତକ। ଏହାକୁ ବାଦ୍ ଦେଲେ ବୈଦିକ ଗଣିତ, ଲଜିକ, ବର୍ଗମୂଳ, ଘନମୂଳ, ତାରିଖ ଅନୁଯାୟୀ ବାର ଗଣନା ନିର୍ଭୁଲ ଭାବେ କରିପାରୁଥିଲେ। ଏସବୁ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ପାଇଁ ୧୯୯୫ରେ ତାଙ୍କ ନାମ ଗିନିଜ ବୁକ୍ ଅଫ୍ ରେକର୍ଡରେ ସାମିଲ କରାଯାଇଥିଲା।

## ବିଫଳ ବୈବାହିକ ଜୀବନ

ଗଣିତରେ ସଫଳତାର ଉତ୍ତୁଙ୍ଗ ଶିଖର ଛୁଇଁଥିବା ଶକୁନ୍ତଳାଙ୍କ ବୈବାହିକ ଜୀବନ ସଫଳ ନ ଥିଲା। ୧୯୬୦ରେ ତାଙ୍କ ବିବାହ କୋଲକାତାର ଆଇଏଏସ୍ ଅଧିକାରୀ ପରିତୋଷ ବାନାର୍ଜୀଙ୍କ ସହିତ ହୋଇଥିଲା। ହେଲେ ଏହା ଦୀର୍ଘଦିନ ତିଷ୍ଠି ପାରି ନ ଥିଲା। କୌଣସି କାରଣରୁ ୧୯୭୯ରେ ସେ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଥିଲେ। ୧୯୮୦ରେ ସେ ନିଜ ଝିଅଙ୍କ ସହିତ ବେଙ୍ଗାଲୁରୁ ଫେରି ଆସିଥିଲେ। ସେଠାରେ ରହି ସେଲିବ୍ରିଟି ଏବଂ ରାଜନେତାଙ୍କୁ ଜ୍ୟୋତିଷ ପରାମର୍ଶ ଦେବାକୁ ଲାଗିଲେ। ଜୀବନର ଅନ୍ତିମ ଦିନରେ ଶକୁନ୍ତଳାଙ୍କୁ ଦୁରାରୋଗ୍ୟ ବ୍ୟାଧି କବଳିତ କରିଦେଲା। କିଡ୍‌ନୀ ଏବଂ ହୃଦ୍‌ରୋଗରେ ପୀଡ଼ିତ ହୋଇ ୨୦୧୩ ଏପ୍ରିଲ ୨୧ରେ ସେ ଇହଲୀଳା ସମ୍ବରଣ କରିଥିଲେ।

# ରଶ୍ମି 'ନାଗିନ-୪'ର ଶୁଟିଂରେ ବ୍ୟସ୍ତ



ରଶ୍ମି ଦେଶାଇ

**ମୁମ୍ବାଇ:** ଟେଲି ଜଗତରେ ରଶ୍ମି ଦେଶାଇ ଜଣେ ସଫଳ ଅଭିନେତ୍ରୀ। ତେବେ ରଶ୍ମୀଙ୍କ ଡ୍ୟାନ୍ସର ସମସ୍ତେ ଦିୱାନା। 'ନଚ୍ ବଲିୟେ' ସୋ'ରେ ସେ ଜଣେ ଷ୍ଟ୍ରଙ୍ଗ୍ କଣ୍ଟେଷ୍ଟାଣ୍ଟ ଥିଲେ। କରୋନା ପାଇଁ ସବୁ ଶୁଟିଂ ବନ୍ଦ ଥିଲା। ଦେଶ ଅନ୍‌ଲକ୍ ହେବାପରେ ଜୁଲାଇ ମାସରୁ ଶୁଟିଂ ଆରମ୍ଭ ହୋଇଛି। ସେଥିପାଇଁ ତାଙ୍କ ଖୁସି କହିଲେ ନ ସରେ। ସେ ଖୁସିରେ ତାଙ୍କର ବିଭନ୍ନ ପୋଜ୍‌ର ଫଟୋ ସହ ଭିଡିଓ ମଧ କରି ଶୁଟିଂ ସେଟ୍‌ରୁ ହି ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ କରିଛନ୍ତି। ରଶ୍ମି ବର୍ତ୍ତମାନ 'ନାଗୀନ-୪'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ଫିନାଲେ ଜବରଦସ୍ତ ହୋଇଛି ବୋଲି ସେ କହିଛନ୍ତି। ନିକଟରେ ସେ ଶୁଟିଂ ଲୋକେଶନରୁ ନିଜର ଏକ ଭିଡିଓ ଶେୟାର କରିଥିଲେ। ଯେଉଁ ଭିଡିଓରେ ସେ ଦେଶୀ ଗର୍ଲ ଷ୍ଟାଇଲ୍‌ରୁ ସଙ୍ଗେ ସଙ୍ଗେ ୱେଷ୍ଟର୍ନ ଆଉଟ୍‌ଫିଟ୍‌ରେ ନଜର୍ ଆସିଥିଲେ। ତାଙ୍କର ଏହି ଟ୍ରାନ୍ସଫର୍ମେଶନ ଭିଡିଓକୁ ଫ୍ୟାନ୍‌ମାନେ ବେଶ୍ ଲାଇକ୍ କରିଛନ୍ତି। ଏହି ଭିଡିଓକୁ ରଶ୍ମି ତାଙ୍କ ଭ୍ୟାନିଟି ଭ୍ୟାନ୍‌ରୁ ଶୁଟ୍ କରି ଶେୟାର କରିଛନ୍ତି। ଦୁଇଟି ଯାକ ଗେଟ୍‌ଅପ୍‌ରେ ସେ ସୁନ୍ଦର ଦେଖାଯାଉଛନ୍ତି ବୋଲି ଫ୍ୟାନ୍‌ମାନେ କମେଣ୍ଟ କରିଛନ୍ତି। ରଶ୍ମି ତାଙ୍କ ରିଲ୍ ଲାଇଫ୍‌ରେ ବେଶ୍ ସଫଳ ହୋଇଥିବାବେଳେ ରିୟଲ ଲାଇଫ୍‌ରେ ତାଙ୍କ ବୈବାହିକ ଜୀବନ ବିଫଳ ହୋଇଛି। ରଶ୍ମୀଙ୍କୁ 'ଉତ୍ତରନ' ସିରିୟଲରୁ ସମସ୍ତେ ଚିହ୍ନିଥିଲେ। ତପସ୍ୟା ଚରିତ୍ରଟି ଦର୍ଶକଙ୍କୁ ବେଶ୍ ପ୍ରଭାବ ପକାଇଥିଲା। ସେ ଏହି ସିରିୟଲରୁ ତାଙ୍କ କୋ-ଆକ୍ଟର ନନ୍ଦୀଶ ଶାନ୍ଧୁଙ୍କୁ ୨୦୧୨ ମସିହାରେ ବିବାହ କରିଥିଲେ। କିନ୍ତୁ ୨ଜଣଙ୍କ ମଧ୍ୟରେ ମତାନ୍ତର ହେବାରୁ ୨୦୧୫ ମସିହାରେ ଦୁହେଁ ଅଲଗା ହୋଇଯାଇଥିଲେ।

# ଭେଦଭାବ ଭୁଲି ସାମାଜିକ ପରିବର୍ତ୍ତନକୁ ଗୁରୁତ୍ୱ

## ନେଲସନ ମଣ୍ଡେଲା ଅନ୍ତର୍ଜାତୀୟ ଦିବସ ଆଜି



**ନୂଆଦିଲ୍ଲୀ:** ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ ନେଲସନ ମଣ୍ଡେଲା ଅନ୍ତର୍ଜାତୀୟ ଦିବସ ଭାବେ ପାଳନ କରାଯାଇଆସୁଛି। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ମଣ୍ଡେଲା ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ରଙ୍ଗଭେଦ ବିରୋଧୀ କର୍ମକର୍ତ୍ତା ଭାବେ ସେ ବିଶ୍ୱରେ ପରିଚିତ। କଳା- ଗୋରା ଭେଦଭାବ ଦୂରକରିବା ଏବଂ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ସେବା ଓ ସହଯୋଗ କରିବା ତାଙ୍କର ପ୍ରମୁଖ ଆଭିମୁଖ୍ୟ ଥିଲା। ତାଙ୍କୁ ଦକ୍ଷିଣ ଆଫ୍ରିକାର ଜନକ ଭାବେ ମଧ ଅଭିହିତ କରାଯାଉଛି। ଆଫ୍ରିକାନ୍ ନ୍ୟାଶନାଲ କଂଗ୍ରେସରେ ସେ ଯୋଗଦେଇ ଏକଛତ୍ରବାଦୀ ଶାସନ ଓ ଭେଦଭାବକୁ ଦୃଢ଼ ବିରୋଧ କରିଥିଲେ। ୬୭ ବର୍ଷର ଜୀବନକାଳ ମଧ୍ୟରେ ଜେଲ୍ ଯିବା, ଦେଶଦ୍ରୋହ ମାମଲାର ସମ୍ମୁଖୀନ ହେବା ପରେ ବି ସେ ନିଜ ମନୋବଳରୁ ବିଚ୍ୟୁତ ହୋଇ ନ ଥିଲେ। ତାଙ୍କ ନୀତି ଓ ଆଦର୍ଶକୁ ମନେପକାଇବା ଓ ଭେଦଭାବ ଭୁଲି ବିଶ୍ୱକୁ ଏକତାର ବନ୍ଧନରେ ବାନ୍ଧି ରଖିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ୧୯୧୮ ଜୁଲାଇ ୧୮ରେ ସେ ଜନ୍ମଗ୍ରହଣ କରିଥିବାରୁ ଏହି ଦିନଟିକୁ ନେଲସନ ମଣ୍ଡେଲା ଅନ୍ତର୍ଜାତୀୟ ଦିବସ ଭାବେ ପାଳନ କରାଯାଇଆସୁଛି। ଜାତିସଂଘ ସାଧାରଣ ପରିଷଦର ଅନୁମୋଦନ ପରେ ୨୦୧୦ ମସିହାରୁ ଏହି ଦିବସ ପାଳନ କରାଯାଇଆସୁଛି।

# ହାତ ଥିବା ଚଢ଼େଇର ଭିଡିଓ



**ନୂଆଦିଲ୍ଲୀ:** ଚଢ଼େଇମାନଙ୍କର ଯଦି ହାତ ଥାନ୍ତା, ତେବେ ସେମାନେ ବି ମଣିଷଙ୍କ ଭଳି ବିଭିନ୍ନ ପ୍ରକାର କାମ କରିପାରିଥାନ୍ତେ। ଏମିତି ଏକ ଭାବନାକୁ ଏବେ ଟୁଇଟରରେ ରୂପ ଦେଇଛନ୍ତି କର୍ଲି କିଡ୍ ଲାଇଫ୍। ବିଭିନ୍ନ ପ୍ରକାର ପକ୍ଷୀଙ୍କର ହାତ ଥିବାରୁ ସେମାନେ କରୁଥିବା ଅନେକ କାମକୁ ନେଇ ସେ ଏକ କଳ୍ପନାତ୍ମକ ଭିଡିଓ ପ୍ରସ୍ତୁତ କରିଛନ୍ତି ଯାହା ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଚଢ଼େଇଙ୍କର ଏହି କଳ୍ପନାତ୍ମକ ଭିଡିଓରେ ବହୁ କିସମର ଚଢ଼େଇ ଅଛନ୍ତି ଯେଉଁମାନେ ହାତ ଥିବା ଯୋଗୁଁ ମଣିଷ ଭଳି ସବୁ କାମ କରି ପାରୁଛନ୍ତି। ଚଢେଇମାନେ ସେଲ୍‌ଫି ନେଇପାରୁଛନ୍ତି, ବାସନ ସଫା କରି ପାରୁଛନ୍ତି, ଗୀଟାର ବଜାଇ ପାରୁଛନ୍ତି, ମାର୍କେଟିଂ କରିପାରୁଛନ୍ତି, ଅଫିସ୍ ଯାଉଛନ୍ତି ଏବଂ ସ୍କୁଲ ଯାଇ ପାଠ ପଢୁଛନ୍ତି, ଜିମ୍ ଯାଉଛନ୍ତି ଇତ୍ୟାଦି ସବୁ କାମ କରିପାରୁଛନ୍ତି। କାଉ, ଓଟ, ପାରା, ବତକ, ପେଙ୍ଗୁଇନ୍ ଆଦି ଚଢ଼େଇଙ୍କୁ ଏହି ଭିଡିଓରେ ଦେଖିବାକୁ ମିଳୁଛି। ତେବେ ସୋସିଆଲ୍ ମିଡିଆରେ ଏହି ଭିଡିଓକୁ ଶେୟାର କରିବା ପରେ ବହୁସଂଖ୍ୟାରେ ଲୋକ ଏହାକୁ ପ୍ରଶଂସା କରିଛନ୍ତି। ଏହା ସହିତ କର୍ଲିଙ୍କର ଏଡିଟିଂ ଦକ୍ଷତା ଓ କଳ୍ପନାକୁ ବି ପ୍ରଶଂସା କରିଛନ୍ତି।

# ଦୁଇ ସ୍କୁଲ ମିଶି ଛାତ୍ରୀଛାତ୍ରଙ୍କ ପାଇଁ ଘର ନିର୍ମାଣ କଲେ

**କସାରାଗୋଡ:** ମୌସୁମୀ ବର୍ଷାରେ ୨ବର୍ଷ ତଳେ ଘର ଭାଙ୍ଗିଯିବା ପରେ ବାସହୀନ ହୋଇଥିଲେ ଦୁଇ ଛାତ୍ରୀଛାତ୍ର(ଭଉଣୀ-ଭାଇ)। ତେବେ ଦୁଇ ସ୍କୁଲ ଏକାଠି ହୋଇ ସେମାନଙ୍କ ପାଇଁ ଏକ ଘର ତିଆରି କରିଛନ୍ତି। କେରଳର କସାରାଗୋଡ ଜିଲାରୁ ଆସିଛି ଏପରି ଏକ ଭଲ ଖବର। କାୟୁର୍-ଚେମେନି ପଞ୍ଚାୟତର ପୋଡାଭୋର୍ ଅଞ୍ଚଳର ସୁଜିତ୍ ଏମ୍. କୋଡାକ୍କଡ଼ସ୍ଥିତ କେ.ଏମ୍. ଭୋକେସନାଲ ହାୟର ସେକେଣ୍ଡାରି ସ୍କୁଲରେ ପଢୁଥିବାବେଳେ ଭଉଣୀ ନିବେଦିୟା ଏମ୍ ପୋଡାଭୋର୍ ଅନୁଦାନପ୍ରାପ୍ତ ୟୁପି ସ୍କୁଲରେ ପଢୁଛନ୍ତି। ୨୦୧୮ ଜୁଲାଇରେ ପ୍ରବଳବର୍ଷା ଯୋଗୁ ଏକ ନଡ଼ିଆଗଛ ୨ ଛାତ୍ରୀଛାତ୍ରଙ୍କ ଘର ଉପରେ ପଡ଼ିଥିଲା। ଘର ପୁରୁଣା ହୋଇଥିବାରୁ ଭାଙ୍ଗିଯାଇଥିଲା। ଏହାପରେ ଦୁଇ ଛାତ୍ରୀଛାତ୍ର ଏବଂ ମା' ଗୀତା ନିରାଶ୍ରୟ ହୋଇଯାଇଥିଲେ। ଗୀତା ସେ ସମୟରେ ଘର ନିର୍ମାଣ ପାଇଁ କାୟୁର ଚେମେନି ପଞ୍ଚାୟତର ସହାୟତା ଲୋଡ଼ିଥିଲେ। କିନ୍ତୁ କୌଣସି ସୁଫଳ ମିଳିପାରି ନ ଥିଲା। ତେବେ ୨୦୧୯ରେ ଓନମ୍ ପୂର୍ବରୁ ଝିଅ ନିବେଦିୟାଙ୍କ ସ୍କୁଲର ପ୍ରଧାନ ଶିକ୍ଷକ କେ.ଏମ୍. ଅନୀଲ କୁମାର ଘର ପରିଦର୍ଶନରେ ଆସିଥିଲେ। ଏହି ସମୟରେ ଛାତ୍ରୀଙ୍କ ଘର ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସମସ୍ତ ବିଷୟ ଜାଣିବା ପରେ ପଞ୍ଚାୟତରୁ କୌଣସି ସାହାଯ୍ୟ ନ ମିଳିଲେ ସ୍କୁଲ କର୍ତ୍ତୃପକ୍ଷ ଏ ନେଇ ପଦକ୍ଷେପ ନେବା ଉଚିତ ବୋଲି ସେ ଚିନ୍ତା କରିଥିଲେ। ଘର ତିଆରି ପାଇଁ ସ୍କୁଲ କର୍ତ୍ତୃପକ୍ଷ ମଧ ରାଜି ହୋଇଥିଲେ। ଗୀତା ୧.୨୫ ଲକ୍ଷ ଟଙ୍କା ସଞ୍ଚୟ କରିଥିବାବେଳେ ଅଷ୍ଟ୍ରେଲିଆରେ ରହୁଥିବା ପୋଡାଭୋର୍ ସ୍କୁଲର ଜଣେ ପୂର୍ବତନ ଛାତ୍ର ୧ଲକ୍ଷ ଟଙ୍କା ସାହାଯ୍ୟ କରିଥିଲେ। ପରେ ନିବେଦିୟା ଏବଂ ସୁଜିତ୍‌ଙ୍କ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରଚେଷ୍ଟାରେ ମୋଟ ୬ଲକ୍ଷ ଟଙ୍କା ବ୍ୟୟରେ ନିବେଦିୟା ଏବଂ ସୁଜିତ୍‌ଙ୍କ ପାଇଁ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୯ ସେପ୍ଟେମ୍ବରରେ ଘର କାମ ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ରାଜ୍ୟ ଶିକ୍ଷାମନ୍ତ୍ରୀ ସି. ରବୀନ୍ଦ୍ରନାଥ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାରକରି ୨ ସ୍କୁଲର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ସେ ଆହୁରି ମଧ କହିଥିଲେ, ସେମାନେ କେବଳ ଏକ ଘର ତିଆରି କରିନାହାନ୍ତି ବରଂ ଏକତା ଓ ସ୍ନେହର ପରିଚୟ ଦେଇଛନ୍ତି। ତେଣୁ ପିଲାମାନଙ୍କ ମଧ୍ୟରେ 'ମୁଁ' ମନୋଭାବ ଦୂରକରି 'ଆମେ' ଚିନ୍ତାଧାରା ସୃଷ୍ଟିକରିବା ପାଇଁ ଆମେ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ଶକୁନ୍ତଳା ଏବଂ କେ.ଏମ୍. ଭୋକେସନାଲ ହାୟର ସେକେଣ୍ଡାରି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏ. ବିମଳା କୁମାରୀଙ୍କ ଉପସ୍ଥିତିରେ ତ୍ରିକାରିପୁର ବିଧାୟକ ଏମ୍. ରାଜଗୋପାଳ ନିବେଦିୟା ଏବଂ ସୁଜିତ୍‌ଙ୍କୁ ନୂତନ ଘରର ଚାବି ହସ୍ତାନ୍ତର କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗୀତା ମଧ ପୋଡାଭୋର୍‌ସ୍ଥିତ ଅନୁଦାନପ୍ରାପ୍ତ ୟୁପି ସ୍କୁଲର ପୂର୍ବତନ ଛାତ୍ରୀ।



ମନେ ପଡ଼ନ୍ତି

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ବିଷ୍ଣୁପ୍ରିୟା ମହାନ୍ତି
ଆବିର୍ଭାବ: ୨୫।୦୪।୧୯୩୦
ତିରୋଧାନ: ୧୩।୦୮।୨୦୦୪
ବିଶ୍ୱାସ ହେଉନି ଯେ ଏ ଭିତରେ ୧୬ବର୍ଷ ବିତିଗଲାଣି 'ମା' ତୁ ଚାଲିଯିବାର। ଆଜିର ଏହି ପବିତ୍ର ଦିନରେ ତୋର ସ୍ନେହ ଓ ଆଶୀର୍ବାଦକୁ ପାଥେୟକରି ଆମେ ସମସ୍ତେ ଚାଲୁଅଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ମୁନା, ବୋହୂ:ରିନି, ଝିଅ: ରୁନି, ରୁଜି, ରେବା, ଜ୍ୱାଇଁ: ଅନିମେଷ, ଗଗନ, ସୁବ୍ରତ, ନାତୁଣୀ-ନାତି: ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍।
ଧ-୧୭୭୭୬

REMEMBERING
ANKITA



Dear Ankita
You will be always in our heart, because in there you are still alive even though U left us 11 years back. U R missed by all those who loved you.
Babal and Mama.
D-17774

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସ୍ମୃତି ତର୍ପଣ



ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ
ଗୌଡ଼ବାଡ଼ ସାହି, ପୁରୀ
ଆବିର୍ଭାବ: ୦୫।୦୬।୧୯୭୪
ତିରୋଧାନ: ୧୮।୦୭।୨୦୦୭
ଚାହୁଁ ଚାହୁଁ ୧୩ବର୍ଷ ବିତିଗଲା। ତୁମର ଜୀବନ୍ତ ସ୍ମୃତି ଆଜି ବି ଆମ ମନରେ ଅପାସୋରା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭକ୍ତିପୂତ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ- ସଂଯୁକ୍ତା, ଝିଅ- ଗୁଡ୍‌ଲି, ଲାଡ୍‌ଲି, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୭୬୪

# ପୋପ୍ ରସେଲ୍

**ପ୍ର. ରମେଶ ଚନ୍ଦ୍ର ପରିଡ଼ା**



ବର୍ଟାଣ୍ଡ ରସେଲ

ପୋପ୍ ହେଲେ ଖ୍ରୀଷ୍ଟଧର୍ମର ସର୍ବୋଚ୍ଚ ଗୁରୁ। ଅନ୍ୟପକ୍ଷରେ ବର୍ଟାଣ୍ଡ ରସେଲ ଜଣେ ପ୍ରସିଦ୍ଧ ଦାର୍ଶନିକ ଓ ଗାଣିତିକ। ହାସ୍ୟରସ ସୃଷ୍ଟି କରିବାରେ ତାଙ୍କର ଥିଲା ପ୍ରଖର ଦକ୍ଷତା। ଥରେ ସେ ଶ୍ରେଣୀରେ ପଢାଉ ପଢାଉ କହିଲେ- ବେଳେବେଳେ ଗଣିତଶାସ୍ତ୍ର ଦ୍ୱାରା ଅସମ୍ଭବକୁ ସମ୍ଭବ ବୋଲି ପ୍ରମାଣିତ କରାଯାଇପାରିବ।
ଏକଥା ଶୁଣି ଜଣେ ଛାତ୍ର ପରିହାସ କରି କହିଲା- ଆଜ୍ଞା, ଏହାଦ୍ୱାରା ତ ଆପଣ ନିଜକୁ ପୋପ୍‌ଙ୍କ ସହିତ ସମାନ ବୋଲି ପ୍ରମାଣ କରିପାରିବେ...।
ରସେଲ ଟିକେ ଭାବିଲେ, ତା'ପରେ ଈଷତ୍ ହସି ଜବାବ ଦେଲେ- ହଁ...। ମୁଁ ଯଦି ନିଜକୁ ୧ ବୋଲି ଏବଂ ପୋପ୍‌ଙ୍କୁ ୨ ବୋଲି ଓ ଦୁଇଟି ରାଶି ସମାନ ବୋଲି ପ୍ରମାଣ କରିଦିଏ ତା'ହେଲେ ତୁମେ ତାକୁ ଗ୍ରହଣ କରିବ କି?
ଛାତ୍ରଜଣକ ସେଥିରୁ କ'ଣ ବୁଝିଲା କେଜାଣି ଟିକିଏ ଭାବିଚିନ୍ତି ହୋଇ ହଁ ଭରିଲା। ଏଣୁ ରସେଲ କଳାପଟାରେ ଲେଖିଲେ ଏକ ଗାଣିତିକ ସମୀକରଣ-
ମନେକର $b = a$
ତା' ହେଲେ $b \times b = a \times b$
ଏବଂ $b^2 = ab$
ପୁଣି ଏ ଉଭୟ ପାଖରୁ $a^2$ ଫେଡିଲେ ତାହା ହେବ $b^2 - a^2 = ab - a^2$
ଅର୍ଥାତ $(b+a)(b-a) = a(b-a)$।
ତା'ପରେ ଉଭୟ ପଟରୁ $(b-a)$ କାଟିଦେଲେ ରହିବ $b+a = a$।
ଯେହେତୁ $b=a$, ତା'ହେଲେ $a+a= a$
ଅତଏବ $2a = a$। ଉଭୟପଟୁ $a$ କୁ ବାଦ ଦେଲେ $2=1$
ତା'ପରେ ସେ କହିଲେ ସାଧାରଣତଃ ଠିକ୍ ଗୁଣ ହୋଇଥିବା ଗାଣିତିକ ହିସାବ ଠିକ୍ ଥାଏ। ଏହାକୁ ଯେ କେହି କରୁନା କାହିଁକି ଯେଉଁ ପ୍ରକାରେ କରୁନା କାହିଁକି ଫଳାଫଳ ଏକା ହେବ। ଏହାକୁ ବ୍ୟବହାର କରି ୧ କୁ ୨ ସହିତ ସମାନ ଭଳି ଅସମ୍ଭବ ଜିନିଷ ଯଦି ପ୍ରମାଣ ହେଲା ଏହା ଦ୍ୱାରା ମୁଁ ନିଜକୁ ପୋପ୍‌ଙ୍କ ସହିତ ସମାନ ବୋଲି ପ୍ରମାଣ କରି ନ ପାରିବି କାହିଁକି ?
ତାଙ୍କ କଥାରେ ସାରା ଶ୍ରେଣୀରେ ସୃଷ୍ଟି ହେଲା ହାସ୍ୟରୋଳ।

*-ଉଷା ନିବାସ, ୧୨୪-୨୪୫୫*
*ଖଣ୍ଡଗିରି ବିହାର, ଖଣ୍ଡଗିରି, ଭୁବନେଶ୍ୱର*
*ମୋ : ୯୪୩୭୯୮୫୭୬୭*

## ଖିଲିଖିଲି ହସ

▶ଥରେ ଇତିହାସ ପଢ଼ାଉଥିବା ସମୟରେ ଶିକ୍ଷକ ଦୀପକକୁ ପଚାରିଲେ, ଆରେ ଦୀପକ କହିଲୁ ମୋଗଲ ସମ୍ରାଟ ଆକବର କେବେଠାରୁ କେବେ ପର୍ଯ୍ୟନ୍ତ ଶାସନ କରିଥିଲେ। ଦୀପକ ଉତ୍ତର ଦେଲା, ସାର୍, ଇତିହାସ ବହିର ପୃଷ୍ଠା ୪୫ରୁ ପୃଷ୍ଠା ୫୦ ପର୍ଯ୍ୟନ୍ତ ସେ ଶାସନ କରୁଥିଲେ।

▶ଥରେ କ୍ଲାସରେ ଶୋଇଥିବା ସମୟରେ ଶିକ୍ଷକ ଛାତ୍ରକୁ ପଚାରିଲେ, ଆରେ ତୁ କ୍ଲାସରେ ଶୋଇଛୁ କାହିଁକି? ଛାତ୍ର ଜଣକ ଉତ୍ତର ଦେଲା, ସାର୍, ମୁଁ ଶୋଉଛି, ବ୍ଲାକ୍‌ବୋର୍ଡକୁ ଚାହିଁଲେ ମାଧ୍ୟାକର୍ଷଣ ଶକ୍ତି ମୋ ମୁଣ୍ଡକୁ ତଳକୁ ଟାଣି ନେଉଛି।

▶ପରୀକ୍ଷା ହଲ୍‌ରେ ଜଣେ ଛାତ୍ର ପ୍ରଶ୍ନ ପତ୍ରକୁ ଦେଖି କାନ୍ଦୁଥାଏ। ଏହାଦେଖି ତା' ପାଖରେ ବସିଥିବା ଆଉ ଜଣେ ଛାତ୍ର କହିଲା, ଆରେ ତୁ କାନ୍ଦୁଛୁ କାହିଁକି ? ପେନ୍ ଆଣିନୁ ନା ଆଉ କିଛି ପ୍ରୋବ୍ଲେମ୍ ଅଛି ? ଛାତ୍ର ଜଣକ ଉତ୍ତର ଦେଲା, 'ଆରେ ଆଜି ଗଣିତ ପରୀକ୍ଷା ଅଛି, ହେଲେ କାଲି ଦିନ ଆଉ ରାତିରେ ମୁଁ ଇଂଲିଶ ଘୋଷୁଥିଲି। ତେଣୁ ଏବେ କ'ଣ କରିବି ଜାଣିପାରୁନାହିଁ।

▶ଥରେ ଟ୍ୟୁଶନ ସାର୍ ପିଲୁକୁ ପଚାରିଲେ, ଆରେ ଗଙ୍ଗା କେଉଁଠୁ ବାହାରିଛି ଆଉ କେଉଁଠି ଶେଷ ହୋଇଛି ? ପିଲୁ କହିଲା, ସାର୍, ମୁଁ ଦେଖିଛି ଯେ ଗଙ୍ଗା ଘରୁ ବାହାରିଲା, ଆଉ କେଉଁଠିକୁ ଗଲା ତାହା ମୁଁ ଜାଣିନି।

## ମତାମତ

▶ଏହି ପୃଷ୍ଠାର ପ୍ରତିଟି ସ୍ତମ୍ଭ ମନକୁ ଛୁଇଁ ପାରୁଛି।
*-ଦୀପକ କୁମାର ସାହୁ, ପାରାଦୀପ, ଜଗତସିଂହପୁର*

▶ଗତ ସପ୍ତାହରେ 'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋଟି ବେଶ୍ ସୁନ୍ଦର ହୋଇଥିଲା।
*-ସୁନୟନା ରାଉତ, ଢେଙ୍କାନାଳ*

▶'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ବେଶ୍ ଶିକ୍ଷଣୀୟ ହୋଇପାରୁଛି।
*-ପ୍ରଦୀପ୍ତ କୁମାର ଦାସ, ପୁରୀ*

'ଜାଣିଛ କି' ସ୍ତମ୍ଭଟିକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
*-ଅନୁଷ୍କା ମହାନ୍ତି, ରାଉରକେଲା*

▶ଗତ ସପ୍ତାହରେ ପ୍ରକାଶିତ ଗପଟି ପଢ଼ି ଭଲ ଲାଗିଲା।
*-ପୁଣ୍ୟତୋୟା ସାହୁ ସୁନାବେଡା, କୋରାପୁଟ*

## ଆଇନା




ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଦୁଇ ଗୋଡ଼ରେ ହୁପ୍ସ ମାରି ରେକର୍ଡ



ପିଲାମାନେ ତମେ ସମସ୍ତେ ଜାଣିଛ କି ଅଭ୍ୟାସ ବଳରେ କେତେକ କଷ୍ଟକର କାମକୁ ବି ସହଜରେ ଶେଷ କରିହେବ। ତୁମେମାନେ ତ ଟାଏକୋଣ୍ଡୋ ବିଷୟରେ କିଛି ଜାଣିଥିବ। କେହି କେହି ମଧ୍ୟ ଏହା ସହ ଜଡିତ ଥିବ। ତେବେ ଦୁଇ ଗୋଡରେ ହୁପ୍ସ ମାରିବା ସହଜ ନୁହେଁ। କିନ୍ତୁ ଅଭ୍ୟାସ ବଳରେ ଏକ ସମୟରେ ଦୁଇ ଗୋଡ଼ରେ ହୁପ୍ସ କର ନିଜ ନାମକୁ ଗିନିଜ୍ ୱାର୍ଲଡ ରେକର୍ଡ ଅର୍ନ୍ତଭୁକ୍ତ କରିବାରେ ସେ ସକ୍ଷମ ହୋଇଛନ୍ତି। ସେ ହେଲେ ଦୁବାଇର ସୋହମ ମୁଖାର୍ଜୀ। ମାତ୍ର ୩୦ ସେକେଣ୍ଡରେ ସେ ମୋଟ ୧୦୧ଥର ହୁପ୍ସ ମାରି ଏହି ରେକର୍ଡ କରିପାରିଛନ୍ତି। ଏହି ସମୟ ମଧ୍ୟରେ ସେ ମୋଟ ୧୧୦ ଥର ହୁପ୍ସ ମାରିଥିଲେ କିନ୍ତୁ ସେଥି ମଧ୍ୟରୁ ୯ଥର ହୁପ୍ସକୁ ଅସିଦ୍ଧ ଘୋଷଣା କରାଯାଇଥିଲା। ଏହା ସତ୍ତ୍ୱେ ସେ ରେକର୍ଡ କରିବାକୁ ସମର୍ଥ ହୋଇଛନ୍ତି। ଏହା ପୂର୍ବରୁ ଦିଲ୍ଲୀର ଜଣେ ବ୍ୟକ୍ତି ୩୦ ସେକେଣ୍ଡରେ ୯୬ ଥର ଏପରି ହୁପ୍ସ ମାରିବାର ରେକର୍ଡ ରହିଛି। ସୋହମ୍ ଏବେ ଦୁବାଇର ଜେଇଏମ୍ଏସ୍ ୱେଲିଙ୍ଗଟନ୍ ଇଣ୍ଟର ନ୍ୟାଶନାଲ୍ ସ୍କୁଲରେ ଏକାଦଶ ଶ୍ରେଣୀର ଛାତ୍ର। ଛୋଟବେଳରୁ ତାଙ୍କର ଟାଏକୋଣ୍ଡୋ ପ୍ରତି ସ୍ୱତନ୍ତ୍ର ଆଗ୍ରହ ରହିଥିଲା। ତେଣୁ ସେ ଏହି ଖେଳକୁ ଅଭ୍ୟାସ କରୁଥିଲେ। ଆଉ ଲକ୍‌ଡାଉନ୍ ସମୟରେ ସେ ଅଧିକ ସମୟ ଅଭ୍ୟାସ କରିବାର ସୁଯୋଗ ପାଇଥିଲେ। ଫଳରେ ତାଙ୍କର ଆତ୍ମବିଶ୍ୱାସ ଢେର୍ ବୃଦ୍ଧି ପାଇଥିଲା ଏବଂ ସେ ରେକର୍ଡ କରିପାରିବେ ବୋଲି ଚିନ୍ତା କରିଥିଲେ।

## କବିତା

### ପୁଷି ମାଉସୀ



ପୁଷି ମାଉସୀ ପୁଷି ମାଉସୀ
ଆ'ସେ ଆମ ଘର,
କୋଳେ ଧରିକି ଗେଲ କରିବି
ପିଇବୁ ଦେବି କ୍ଷୀର।
ଚକୁଳି ପିଠା ବୋଉ କରିଛି
ବିରି ଚାଉଳ ବାଟି,
ଯତନେ ଦେବି ଖାଇବୁ ତୁହି
ଆଉଁସି ଦେଇ ପିଠି।
ମାରିବି ନାହିଁ କେବେ ବି ତତେ
ସ୍ନେହ କରିବି ସଦା,
ଯୁଆଡେ ଯିବି ବୁଲେଇ ନେବି
ଯେତେ ବି ହେଉ ବାଧା।
ରଖିବି ତତେ ବହୁ ଆନନ୍ଦେ
ଦେବିନି କେବେ ଦୁଃଖ,
ମାନିବି ନାହିଁ ଅନ୍ଧ ବିଶ୍ୱାସ
ଚାହିଁବି ତୋର ମୁଖ।
ସତ କହୁଛି ଆ' ସାଥିରେ
ଘରକୁ ଆମ ଯିବା,
ଦେଖିଲେ ତତେ ଖୁସି ହୋଇବେ
ମୋହରି ମାଆ ବାବା।

**-ଧୀରେନ୍ଦ୍ର ମଲ୍ଲିକ**
*ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର*

### କୁନା ମୁନାଙ୍କର ମାଛ ଝୋଳ ଚିନ୍ତା

ସକାଳୁ ସକାଳୁ ବରଷୁଛି ମେଘ
ଛାଡିବାର ନାଁ ଧରୁନି,
କୁନା ମୁନା ଦୁହେଁ ଟୁପୁରୁ ଟାପର
ପଦାକୁ ତ ଯାଇ ହେଉନି।
ଭଲ ଲାଗୁ ନାହିଁ ଘରେ ବସି ବସି
ବୁଲିବାକୁ ଇଚ୍ଛା ହେଉଛି,
ବାଡି ପୋଖରୀରୁ ଶେଉଳ ମାଗୁର
ଧରିବାକୁ ମନ କହୁଛି ।
ଗରମ ଭାତକୁ ମାଛ ଆଳୁ ଝୋଳ
ମେଘୁଆ ପାଗକୁ ବଢିଆ,
ଚାଲ ଆମେ ଯିବା ପୋଖରୀ କୂଳକୁ
ଧରିବା ଯତନେ ବାଳିଆ।
ମାଆଙ୍କୁ କହିବା ରାନ୍ଧି ଦେବେ ହାତେ
ଖାଉଥିବା ହାତ ଚାଟିରେ,
ଖାଇସାରି ଆମେ ଶୋଇଯିବା ନିଦେ
ଘୋଡାଇ ପୋଡାଇ ହୋଇରେ ।



କୁନା ମୁନାଙ୍କର ଟୁପୁରୁ ଟାପର
ଶୁଣୁଥିଲେ ମା' ଦୂରରେ,
ବଡ ପାଟିକରି ଡାକିଲେ ଦୁହିଁଙ୍କୁ
କାନ ଧରି ଦୁହେଁ ଆସରେ।
ଛାଡିଯାଉ ଝଡି ଆଣିଦେବି ମାଛ
ଝୋଳ କରି ଦେବି ଖାଇବ,
ବରଷା ପାଗରେ ବାହାରନି ଘରୁ
ଦେହେ ତୁମ ଥଣ୍ଡା ଲାଗିବ।
ବରଷା ଦିନରେ ସଚେତନ ହେବ
କାଶ, ଜ୍ୱର ଦୂରେ ରହିବ,
ସର୍ଦ୍ଦି ରୋଗ କେବେ ପାଖ ମାଡିବନି
ପାଣିକି ଫୁଟାଇ ପିଇବ।
କୁନା ମୁନା ଦୁହେଁ ବୁଝିଗଲେ ସବୁ
ମାଆଙ୍କର କଥା ମାନିଲେ,
ମାଛ ଝୋଳ କଥା ମନରୁ ପାସୋରି
ଚୁପ୍ ଚାପ୍ ଘରେ ବସିଲେ।

**-ଅଧ୍ୟାପକ ଶରତ କୁମାର ଦାସ**
*ରାଜନୀତି ବିଜ୍ଞାନ ବିଭାଗ, ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର*

## କହିଲ ଦେଖି

ହୁଁମାର ଭାଇରେ ହୁଁମାର ଭାଇ
ଖାଲପଡ଼ିଲା ହୁଁମାର ଭାଇ।
କାନ୍ଧରେ ଏକ ଭାର ଥୋଇ
ଆଗରେ ଦୁଇ ପଛରେ ଦୁଇ।
ସୁନ୍ଦର ଯାନଟିଏ ଏହି
ନୂଆବୋହୂଙ୍କୁ ନିଏ ବୋହି।
ପ୍ରାଚୀନ ଆର୍ଯ୍ୟ ପରମ୍ପରା
ଏବେ ଗାଁ ଦାଣ୍ଡରେ ଖତରା।
ମନେପକାଇ ପହିଲି ପାଳି
ସେ କଥା ମନେ ଡାଳି ଭାଳି।
ଚଳଇ ଦେଲେ ହୁଳହୁଳି
କାଠରେ ନିର୍ମିତ ରଙ୍ଗେଲି।
**ଉତ୍ତର : ସବାରି**

ବରକୁ ଧରି କନ୍ୟା ଘର
ଯିବାକୁ ହୁଏ ଆଗଭର
ମଞ୍ଜୁଳ ଦିବ୍ୟ ନର ଯାନ
ସୁନ୍ଦର ଚାନ୍ଦୁଆ ଶୋଭନ
ଆଗରେ ପଛରେ କାନ୍ଧେଇ
ଚାଲେ ବାହକ ଡାକ ଦେଇ
ଏବେ ପଡୁନାହିଁ ନଜର



ଯନ୍ତ୍ର ଯୁଗରେ ଏ ଅସାର
ବର ବରଣ ହେବା ପାଇଁ
ଏହୁ ଆସଇ ସଜ ହୋଇ
**ଉତ୍ତର : ପାଲିଙ୍କି**

ବଡ଼ଦାଣ୍ଡରେ ଘୋଷଯାତ
ବହୁ ଭକତ ଆତଯାତ
ଛେରା ପହଁରା ଗଜପତି
ଏ ଯାନେ ଚଢ଼ି ଆସିଥାନ୍ତି
ନୁହେଁ ବିଦ୍ୟୁତ ତୈଳଯାନ
ଅଥବା ହସ୍ତି ଅଶ୍ୱ ବାହନ
କହିଲ ଦେଖି ମନେସ୍ମରି
ଏ ଦିବ୍ୟଯାନ କେଉଁପରି।
**ଉତ୍ତର : ଟମଯାନ**

**-ରମାକାନ୍ତ ପୁରୋହିତ**
*ନିରାକାରପୁର, ଖୋର୍ଦ୍ଧା*

# ପାରାର ଅତିଥି ସତ୍କାର

ଗପ



ଥରେ ଜଙ୍ଗଲରେ ଜଣେ ଶିକାରୀ ବୁଲୁଥିଲା । ଦିନେ ସେ ଗୋଟିଏ ଛୋଟ ପାରାକୁ ଧରି ପିଞ୍ଜରାରେ ବନ୍ଦ କରିଦେଲା । ସେହି ସମୟରେ ହଠାତ୍ ଜଙ୍ଗଲରେ ଅନ୍ଧାର ମାଡି ଆସିଲା, ତା' ସାଙ୍ଗକୁ ଝଡ ତୋଫାନ ଏବଂ ଜୋର୍‌ରେ ବର୍ଷା ହେବାକୁ ଲାଗିଲା । ଶିକାରୀ ଡରରେ ଛାନିଆ ହୋଇଗଲା ଆଉ ଗୋଟିଏ ଗଛର କୋରଡ ମଧ୍ୟରେ ବସି ରହିଲା । ସେ ଦୁଃଖ ସ୍ୱରରେ କହିଲା ଯିଏ ଏଠାରେ ରହୁଛ ମୁଁ ତା'ର ଶରଣରେ ଅଛି । ସେହି ଗଛ ଉପରେ ଗୋଟିଏ ପାରା ତା' ପରିବାର ସହ ରହୁଥିଲା। ତା'ର ଛୋଟ ଛୁଆ ଗଛ ଡାଳରେ ଉଡି ବୁଲୁଥାଏ। ହେଲେ ସନ୍ଧ୍ୟା ହୋଇଯାଇଥିଲେ ମଧ ତା' ଛୁଆ ଘରକୁ ଫେରି ନ ଥିଲା । ପାରା ଭାବୁଥିଲା ଏହି ଝଡ ତୋଫାନ ଆଉ ଏଭଳି ବର୍ଷାରେ ତା' ଛୁଆ ବୋଧେ ମରି ଯାଇଥିବ। ପାରା ଏହା ଭାବି ଭାବି କାନ୍ଦିବାକୁ ଲାଗିଲା । ଶିକାରୀ ଯେଉଁ ପାରାକୁ ଧରି ଥିଲା ସେ ହିଁ ସେହି ପାରାର ଛୁଆ ଥିଲା। ଶିକାରୀର ପାଟି ଶୁଣି ପାରା ତଳକୁ ଦେଖିଲା ପିଞ୍ଜରା ଭିତରେ ତା' ଛୁଆ ଅଛି। ଛୁଆଟି ପାରାକୁ କହିଲା, ମା' ମୋତେ ବନ୍ଦୀ କରିଥିବା ଶିକାରୀ ତୁମର ଶରଣରେ ଅଛି, ତୁମେ ଅତିଥି ଭାବି ତା'ର ଅତିଥି ଚର୍ଚ୍ଚା କର । ସେ ମୋତେ ପିଞ୍ଜରାରେ ବନ୍ଦ କରି ରଖିଛି, ଏଥିପାଇଁ ତୁମେ ତାକୁ ଘୃଣା କର ନାହିଁ । ପାରା ଶିକାରୀକୁ କହିଲେ ଭାଇ..ମୁଁ ତୁମର କ'ଣ ସେବା କରି ପାରିବି । ଶିକାରୀ ଡରି ଡରି କହିଲା, ମୋତେ ଏହି ସମୟରେ ବହୁତ ଭୟ ଲାଗୁଛି ଆଉ ମୋତେ ଭାରି ଶୀତ ଲାଗୁଛି। ପାରା ଚାଲିଗଲା..ଆଉ କିଛି ସମୟ ପରେ ଗୋଟିଏ ଜଳୁଥିବା କାଠକୁ ନେଇ ଆସିଲା। ଆଉ ଶୁଖିଲା ପତ୍ରକୁ ଏକାଠି କରି ଜାଳିବାକୁ ଲାଗିଲା । ଆଉ ଶିକାରୀକୁ କହିଲା ଏହି ନିଆଁ ପାଖକୁ ଆସି ବସନ୍ତୁ । ପାରା କହିଲା ମୁଁ ତ ବୁଲି ବୁଲି ଖାଦ୍ୟ ସଂଗ୍ରହ କରି ମୋର ଭୋକକୁ ଦୂର କରେ । ମୁଁ ଆପଣଙ୍କ ପାଇଁ କ'ଣ ଖାଇବା ଆଣିବି ? ପାରା ଏହି ପରି କଥା କହି ଚାଲିଥିଲା । କିନ୍ତୁ ତା' ଛୁଆକୁ ପିଞ୍ଜରାରେ ବନ୍ଦୀ କରି ରଖିଥିବାରୁ ସେ ଶିକାରୀକୁ ନିନ୍ଦା କଲା ନାହିଁ। କିଛି ସମୟ ପରେ ପାରା ଶିକାରୀକୁ କହିଲା ମୁଁ ଆପଣଙ୍କର ଭୋକକୁ କେମିତି ଦୂର କରି ପାରିବି। ଏହା କହି ପାରା ନିଆଁ ଚାରିପଟେ ଟିକେ ବୁଲି ନିଆଁ ଉପରକୁ ଡେଇଁ ପଡିଲା।

ଏହା ଦେଖି ଶିକାରୀ ଆଶ୍ଚର୍ଯ୍ୟ ହୋଇଗଲା । ନିଜକୁ ନିଜେ ଦୋଷୀ ଭାବିଲା । ସେ ପାରାର ବଳିଦାନ ଆଉ ତ୍ୟାଗ ଭାବନା ଦେଖି ବହୁତ ପ୍ରଭାବିତ ହେଲା। କାନ୍ଦି କାନ୍ଦି ଶିକାରୀ ତା'ର ବାଡି, ଜାଲ ସବୁ ଫୋପାଡି ଦେଲା। ସେ ପିଞ୍ଜରା ଖୋଲି ଛୁଆ ପାରାଟିକୁ ମୁକ୍ତ କରିଦେଲା। ନିଜ ମା'ର ମୃତ୍ୟୁକୁ ସହି ନ ପାରି ଛୁଆ ପାରା ମଧ ନିଆଁକୁ ଡେଇଁ ପଡିଲା।

**-ମନୋଜ କୁମାର ବେହେରା**
*୨୧୭, ୟୁନିଟ-୯(ଫ୍ଲାଟ)*
*ବାୟାବାବା ମଠ ଲେନ, ଭୁବନେଶ୍ୱର*

## ତୁମ ତୂଳୀରୁ





**କଳାଶ ଭାରୁ**
କ୍ଲାସ-୮, ସେଣ୍ଟ ଯୋଶେଫ କନଭେଣ୍ଟସ୍କୁଲ, ସମ୍ବଲପୁର



**କ୍ଷୀରାବ୍ଧୀ ଦାଶ,** କ୍ଲାସ-୯,
କେନ୍ଦ୍ରୀୟ ବିଦ୍ୟାଳୟ, କଟକ







**ମାଷ୍ଟର ଅନୀଶ୍ ମିଶ୍ର**
କ୍ଲାସ-୨, ଡିପିଏସ୍ କଳିଙ୍ଗ,
ଫୁଲନଖରା, ଭୁବନେଶ୍ୱର

## କରୋନା ପରୀକ୍ଷା ପାଇଁ ସ୍ୱାବ୍ ସଂଗ୍ରହ ଆରମ୍ଭ

ସାକ୍ଷୀଗୋପାଳ,(ଡି.ଏନ.ଏ./ସ୍ୱ.ପ୍ର.): ପ୍ରତି ବ୍ଲକରେ କରେନା ପରୀକ୍ଷା ପାଇଁ ସ୍ୱାବ ସଂଗ୍ରହ କରାଯିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ନମୁନା ସଂଗ୍ରହ ଆରମ୍ଭ ହୋଇଛି। ବିଭିନ୍ନ ଗ୍ରାମରେ ଚିହ୍ନଟ କରାଯାଇଥିବା ୨୪ ଜଣ ସନ୍ଦିଗ୍ଧଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଛି ବୋଲି ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱଜିତ ମିଶ୍ର କହିଛନ୍ତି। ଫାର୍ମାସିଷ୍ଟ ସୁରେଶ ଚନ୍ଦ୍ର ନନ୍ଦ, ବିପିଏମ୍ ଜ୍ୟୋତି ରଞ୍ଜନ ଶତପଥୀ ପ୍ରମୁଖ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରତିଦିନ ଏହି ସୁବିଧା ଉପଲବ୍ଧ ହେବ ବୋଲି ଜଣାପଡିଛି।

**ସଂକ୍ଷେପରେ**

### କଟକ ଜିଲାରେ ପୁଣି ୩୧ ପଜିଟିଭ

କଟକ ଅଫିସ,୧୭।୭: କଟକ ଜିଲାରେ ଶୁକ୍ରବାର ୩୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ତିଗିରିଆ ବ୍ଲକରେ ସର୍ବାଧିକ ୧୨, ସିଏମ୍‌ସି ଅଞ୍ଚଳରୁ ୮, ନିଶ୍ଚିନ୍ତକୋଇଲି ବ୍ଲକରୁ ୭, ବାଙ୍କୀ ଓ ବଡ଼ମ୍ବା ଅଞ୍ଚଳରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଏସ୍‌ସିବିରେ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସିଏମ୍‌ସି ଅଞ୍ଚଳରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପୁରୁଣା ରାଉସପାଟଣା କଣ୍ଟେନମେଣ୍ଟ ଜୋନରୁ ୨ଜଣ ଚିହ୍ନଟ ହୋଇଛନ୍ତି। ପ୍ରଥମଥର ପାଇଁ ମଧୁପାଟଣା ଓ ଖପୁରିଆ ଅଞ୍ଚଳକୁ କରୋନା ସଂକ୍ରମଣ ବ୍ୟାପିଛି। ଉଭୟ ଅଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସ୍‌ସିବିରେ ୫ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ମହିଳା ଡାକ୍ତର ଥିବାବେଳେ ୪ ରୋଗୀ ରହିଛନ୍ତି। ଅନ୍ୟ ୪ ରୋଗୀ ଆଇସୋଲେଶନ ୱାର୍ଡରୁ ଚିହ୍ନଟ ହୋଇଛନ୍ତି।

### ବଡ଼ରଘୁନାଥପୁର ୪୮ଘଣ୍ଟା ଶଟ୍‌ଡାଉନ

ଯାଁଳା,୧୭।୭(ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ ବଡ଼ ରଘୁନାଥପୁର ମୌଜାରେ ରହୁଥିବା ଜଣେ ବ୍ୟକ୍ତି କରୋନାରେ ସଂକ୍ରମିତ ହେବା ପରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ନାୟକ ଉକ୍ତ ମୌଜାକୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ୭ଟାରୁ ଆସନ୍ତା ୧୯ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଗୋଷ୍ଠୀ ସଂକ୍ରମଣକୁ ଆଶଙ୍କା କରି ଶଟ୍‌ଡାଉନ ଘୋଷଣା କରାଯାଇଛି ବୋଲି ସରପଞ୍ଚ କହିଛନ୍ତି।

### ୪ ଦିନ ଛଣିଜଙ୍ଗ ଗ୍ରାମ ଶଟ୍‌ଡାଉନ୍

ନିମାପଡ଼ା,୧୭।୭(ଡି.ଏନ୍.ଏ.): ନିମାପଡ଼ା ଚାରିଛକ ଜୋନ୍‌ର ଛଣିଜଙ୍ଗ ପଞ୍ଚାୟତରେ ଶୁକ୍ରବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଜଣକ ଛଣିଜଙ୍ଗ ଗ୍ରାମର ୬୩ବର୍ଷୀୟ ବୃଦ୍ଧା। କିଛିଦିନ ତଳେ ତାଙ୍କର ଥଣ୍ଡା, ଜ୍ୱର ହୋଇଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଗତ ୨ତାରିଖରେ ଘରକୁ ଫେରିଥିଲେ। ହେଲେ ୭ତାରିଖରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁଣି ଭୁବନେଶ୍ୱରର ଏକ କୋଭିଡ୍ ହସ୍ପିଟାଲରେ ସେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ସ୍ୱାବ ପରୀକ୍ଷା କରାଯିବାରୁ ଗୁରୁବାର ରାତିରେ ରିପୋର୍ଟ ପଜିଟିଭ ଆସିଥିଲା। ସଂକ୍ରମଣ ରୋକିବାକୁ ଛଣିଜଙ୍ଗ ଗ୍ରାମକୁ ସରପଞ୍ଚ ମନୋରମା ମହାପାତ୍ର ଶୁକ୍ରବାର ସନ୍ଧ୍ୟାଠାରୁ ୪ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି।

### ବ୍ୟବସାୟୀ ପଜିଟିଭ୍

ବାଲୁଗାଁ,୧୭।୭(ଡି.ଏନ୍.ଏ.): ବାଲୁଗାଁ ଅଞ୍ଚଳର ଜଣେ ବ୍ୟବସାୟୀ ଶୁକ୍ରବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ବାଲୁଗାଁ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୌମ୍ୟକାନ୍ତ ଦାସ ପଟ୍ଟନାୟକ ଜଣାଇଥିବା ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ପତି କହିଛନ୍ତି। ବ୍ୟବସାୟୀ ଜଣକ କରୋନାରେ ଆକ୍ରାନ୍ତ ହେବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

### ପୋଖରୀରେ ବୁଡ଼ି ଯୁବକ ମୃତ

ବାଲୁଗାଁ,୧୭।୭(ଡି.ଏନ୍.ଏ.): ବାଲୁଗାଁ ସାମନ୍ତରାପୁର ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁମନ୍ତ ପଣ୍ଡା(୩୨)। ସୁମନ୍ତ ପୋଖରୀରେ ଗାଧୋଇବା ସମୟରେ ବୁଡ଼ିଯାଇଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୦)ରୁଜୁକରି ତଦନ୍ତ ଚଳାଇଛି।

### ଖଣ୍ଡା ଦେଖାଇ ୩ ଲକ୍ଷ ଲୁଟ୍ ଅଭିଯୋଗ

ପିପିଲି,୧୭।୭(ସ୍ୱ.ପ୍ର.): ପୁରୀ-ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥ ନିର୍ମଳା ଛକସ୍ଥିତ ମଧୁବନ ଢାବା ନିକଟରେ ଗୁରୁବାର ରାତିରେ ୩ଜଣ ଦୁର୍ବୃତ୍ତ ଖଣ୍ଡା ଦେଖାଇ ଏକ ମସଲା କମ୍ପାନୀର କର୍ମଚାରୀଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟି ନେଇଥିବା ଶୁକ୍ରବାର ପିପିଲି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୧୯୬/୨୦ରେ ଏକ ମାମଲା ରୁଜୁ କରିଛି। ପୁରୀର ଏକ ମସଲା ବିତରଣକାରୀ ସଂସ୍ଥାର ୨ କର୍ମଚାରୀ ଗୁରୁବାର ଏକ ଟାଟା ଏସିଇ ନେଇ ସାକ୍ଷୀଗୋପାଳ, ପିପିଲି ଓ ମଙ୍ଗଳପୁର ଅଞ୍ଚଳର ଦୋକାନଗୁଡ଼ିକୁ ବିଭିନ୍ନ ସାମଗ୍ରୀ ଦେଇ ଟଙ୍କା ଆଦାୟ କରି ରାତିରେ ଫେରୁଥିଲେ। ମଧୁବନ ଢାବା ନିକଟରେ ହଠାତ୍ ୩ଜଣ ଦୁର୍ବୃତ୍ତ ଏକ ବାଇକରେ ଗାଡ଼ି ଆଗକୁ ଆସି ଅଟକାଇ ଥିଲେ। ଗାଡ଼ିଟି ରଖିବା କ୍ଷଣି ଦୁର୍ବୃତ୍ତମାନେ ୨ କର୍ମଚାରୀଙ୍କୁ ଖଣ୍ଡା ଦେଖାଇ ତାଙ୍କ ପାଖରେ ଥିବା ୩ ଲକ୍ଷ ଟଙ୍କା ଓ ଗାଡ଼ି ଚାବିକୁ ନେଇ ଫେରାର ହୋଇଯାଇଥିଲେ।

# ପୋଲ କାନ୍ଥରେ ଝଲସୁଛି ପରମ୍ପରା

କଟକ ଅଫିସ,୧୭।୭


କଟକସହରରେ ଏକ ଓଭରବ୍ରିଜ କାନ୍ଥରେ ଚିତ୍ର କରାଯାଇଛି ।

ଓଭରବ୍ରିଜ୍‌ର ଯେଉଁ କାନ୍ଥ ଖଣ୍ଡକୁ କେହି ଆଡ଼ ଆଖିରେ ଚାହୁଁ ନ ଥିଲେ, ଏବେ ସେଇ କାନ୍ଥରେ ପଥଚାରୀଙ୍କ ଆଖି ଲାଖି ରହୁଛି। ସେଇ ବାଟରେ ଚଳପ୍ରଚଳ କରୁଥିବା ଲୋକେ ଦଣ୍ଡେ ଅଟକିଯାଇ ସେହି କାନ୍ଥକୁ ଚାହିଁ ରହୁଛନ୍ତି। କାରଣ କଟକର ବିଭିନ୍ନ ଓଭରବ୍ରିଜ୍‌ର କାନ୍ଥରେ ଏବେ ଝଲସୁଛି ଘୋଡ଼ାନାଚ, ପାଇକ ନୃତ୍ୟ, ଓଡ଼ିଶୀ ଭଳି ଓଡ଼ିଆ ଲୋକକଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ରଙ୍ଗିନ ଚିତ୍ର।

କଟକ ମହାନଗର ନିଗମ (ସିଏମ୍‌ସି)ର ସମସ୍ତ ୱାର୍ଡରେ ଉନ୍ନୟନ କାର୍ଯ୍ୟ ପାଇଁ ରାଜ୍ୟ ସରକାର ୫ କୋଟି ଟଙ୍କା ଦେଇଥିଲେ। ଏହି କାର୍ଯ୍ୟରେ ଡ୍ରେନେଜ ଓ ସୌନ୍ଦର୍ଯ୍ୟକରଣ ରହିଥିଲା। ସେହି କ୍ରମରେ କଟକର ଶିଖରପୁର, ଓଏମ୍‌ପି ଓ ପ୍ରେସ୍ ଛକସ୍ଥିତ ଓଭରବ୍ରିଜର କାନ୍ଥରେ ଅନେକ ସୁନ୍ଦର କଳାକୃତି ଏବେ ସ୍ଥାନ ପାଉଛି। ୩ଟି ଆର୍ଟ ଗ୍ରୁପ୍‌କୁ ଏହି ଦାୟିତ୍ୱ ଦିଆଯାଇଛି। ଶିଖରପୁର କାଳିଆବୁଦା ଓଭରବ୍ରିଜରେ ଚିତ୍ରଶିଳ୍ପୀ ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ୧୨ ଜଣ ଶିଳ୍ପୀ କାମରେ ଲାଗିଛନ୍ତି। ପ୍ରେସ୍ ଛକ ଓଭରବ୍ରିଜରେ ସତ୍ୟଭାମା ମାଝୀଙ୍କ

**ସିଏମ୍‌ସିର ସୌନ୍ଦର୍ଯ୍ୟକରଣ ଅଭିଯାନ**

ତତ୍ତ୍ୱାବଧାନରେ ୧୦ ଜଣ ଶିଳ୍ପୀ ଚିତ୍ର କରିବାରେ ମଗ୍ନ ରହିଛନ୍ତି। ଓଏମ୍‌ପି ଓଭରବ୍ରିଜ ପାଇଁ ମଧ ଅନ୍ୟ ଗୋଟିଏ ଗ୍ରୁପ୍‌କୁ ଦାୟିତ୍ୱ ମିଳିଛି। ଓଭରବ୍ରିଜ୍‌ର କାନ୍ଥ ସବୁ ଚିତ୍ରିତ ହେବା ପରେ ସହରର ରାସ୍ତାକଡ଼ରେ ଥିବା ସରକାରୀ କାନ୍ଥରେ ଚିତ୍ରକୃତି ସ୍ଥାନ ପାଇବ। ଏଥିରେ କଟକର ଇତିହାସ ଯେପରିକି ବାଲିଯାତ୍ରା, ବାରବାଟୀ ଦୁର୍ଗ ଆଦି ପୁନର୍ଜୀବିତ ହେବ।

# ଆଜିଠୁ ଯାଞ୍ଚ କଡ଼ାକଡ଼ି

ଖୋର୍ଦ୍ଧା ଅଫିସ,୧୭।୭:

- ଖୋର୍ଦ୍ଧା ସହରରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହେବେ
- ସଉଦା କିଣିବାକୁ ଚାଲିକି ଆସ

କରୋନା ସଂକ୍ରମଣକୁ ଏଡ଼ାଇବା ଲାଗି ରାଜ୍ୟ ସରକାର ରାଉରକେଲା ମହାନଗର ନିଗମ ସମେତ ଖୋର୍ଦ୍ଧା, ଗଞ୍ଜାମ ଓ ଯାଜପୁର ଜିଲାକୁ ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏ ନେଇ ଜିଲାପାଳ ଶୀତାଂଶୁ କୁମାର ରାଉତ ଜିଲାର ସମସ୍ତ ବିଡିଓ ଏବଂ ତହସିଲଦାରଙ୍କ ସହ ଆଲୋଚନା କରିଛନ୍ତି। ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ମାସ୍କ ଏବଂ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ରାଉତ କହିଛନ୍ତି। ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏବେ ଜିଲା(ବିଏମସିକୁ ବାଦ ଦେଇ)ରେ ୪୬୮ଜଣ ପଜିଟିଭ୍ ରହିଛନ୍ତି। ଅନ୍ୟପକ୍ଷେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଲକ୍‌ଡାଉନ ସମୟରେ ଯାଞ୍ଚ କଡ଼ାକଡ଼ି କରାଯିବ। ଜିଲାରେ ୬ପ୍ଲାଟୁନ ଫୋର୍ସ ରହିବେ। ସେଥିରୁ ୨ପ୍ଲାଟୁନ ଫୋର୍ସ କେବଳ ଖୋର୍ଦ୍ଧା ସହରରେ ମୁତୟନ କରାଯିବ। ସୀମାବର୍ତ୍ତୀ ଅଞ୍ଚଳ ସିଲ୍ ରହିବ। ଖୋର୍ଦ୍ଧା ଜିଲାରେ ବାହାର ଜିଲାବାସୀଙ୍କ ପ୍ରବେଶ ଉପରେ କଟକଣା କରାଯାଇଛି। ସଉଦା କିଣିବା ଲାଗି ଚାଲିକି ଆସିବା ସହ ନିକଟ ପରିବା ହାଟକୁ ଯିବାକୁ ଅନୁରୋଧ କରାଯାଉଛି। କୌଣସି ଦୁଇ ଚକିଆ ଯାନକୁ ଅନୁମତି ଦିଆଯିବ ନାହିଁ। ମେଡିକାଲ କର୍ମଚାରୀ, ଡାକ୍ତର, ସରକାରୀ ଅଫିସର ଏବଂ ଗଣମାଧ୍ୟମ ପ୍ରତିନିଧି ପରିଚୟପତ୍ର ଦେଖାଇ ଯାତାୟତ କରିପାରିବେ। ବିନା କାରଣରେ ବାଇକ୍ ଧରି ବୁଲିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୧୩୨୨ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ କାମ ଦେଇଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ପ୍ରବାସୀ ଶ୍ରମିକଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ରୋଜଗାର ଯୋଜନାରେ ଓଡ଼ିଶାର ଭଦ୍ରକ, ଗଞ୍ଜାମ, ବାଲେଶ୍ୱର ଏବଂ ବଲାଙ୍ଗୀର ଜିଲାକୁ ଅନ୍ତର୍ଭୁକ୍ତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ପୂର୍ବତଟ ରେଳପଥ ପକ୍ଷରୁ ୩ ଜିଲାର ୧୩୨୨ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଇଛି। ଜୁନ୍ ୨୪ରୁ ଜୁଲାଇ ୧୬ ମଧ୍ୟରେ ଭଦ୍ରକ, ଗଞ୍ଜାମ ଏବଂ ବଲାଙ୍ଗୀର ଜିଲାର ଏହି ଶ୍ରମିକମାନଙ୍କୁ ପୂର୍ବତଟ ରେଳପଥର ବିଭିନ୍ନ ପ୍ରକଳ୍ପରେ ସାମିଲ କରାଯାଇଛି।

ପୂର୍ବତଟ ରେଳପଥର ସୂଚନା ମୁତାବକ, ଭଦ୍ରକ-ନିର୍ଗୁଣ୍ଡି ୩ୟ ଲେନ୍ କାମରେ ମୋଟ ୪୧୩ଜଣ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ବଲାଙ୍ଗୀର ଜିଲାରେ ରେଳ ଲାଇନ୍ ମରାମତି, ଜୋନାଲ ୱାର୍କ ଆଦି ବିଭିନ୍ନ କାମରେ ୨୮୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ରୋଜଗାର ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା-ବଲାଙ୍ଗୀର ନୂଆ ରେଳଲାଇନ କାମରେ ୩୪୪ ଜଣ ସାମିଲ ହୋଇଛନ୍ତି। ଏହାବ୍ୟତୀତ ଗଞ୍ଜାମ, ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ପ୍ଲାଟ୍‌ଫର୍ମ ଓ ଗେଟ୍ ନିର୍ମାଣ, ରେଳପଥ କ୍ୱାର୍ଟର ନିର୍ମାଣ, ଟ୍ରାକ୍ ମରାମତି ଆଦି କାର୍ଯ୍ୟରେ ଶତାଧିକ ପ୍ରବାସୀ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଇଥିବା କୁହାଯାଇଛି। ଓଡିଶା ସମେତ ୬ ରାଜ୍ୟରେ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଏସବୁ କାମରେ ସାମିଲ କରାଯାଇଥିଲା।

## ଫଳ ବ୍ୟବସାୟୀଙ୍କୁ ଆକ୍ରମଣ କରି ୩ ଲକ୍ଷ ଲୁଟ୍

ସାଲେପୁର,୧୭।୭(ଡି.ଏନ.ଏ.):

କେନ୍ଦ୍ରାପଡ଼ା ଜିଲାର ଜଣେ ଫଳ ବ୍ୟବସାୟୀ ମୁସ୍ତାକ ମହମ୍ମଦଙ୍କୁ ସାଲେପୁର ଥାନା ଅଧୀନ ଭାତପଡ଼ା ନିକଟରେ ୩ଜଣ ଯୁବକ ଆକ୍ରମଣ କରିବା ସହ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ବ୍ୟବସାୟୀ ଜଣକ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ସକାଳ ପ୍ରାୟ ୯ଟା ୩୦ରେ ମୁସ୍ତାକ ମହମ୍ମଦ ପିକ୍‌ଅପ୍ ଭ୍ୟାନ୍ ଯୋଗେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ମାଲ୍ ଆଣିବାକୁ ଆସୁଥିଲେ। ଏର୍ଶାଦ ଅଲ୍ଲୀ ଭ୍ୟାନ ଚଳାଉଥିଲେ। ସେମାନଙ୍କୁ ଏକ ବାଇକ୍‌ରେ ପିଛା କରୁଥିବା ୩ଜଣ ଯୁବକ କଟକ-ସାଲେପୁର ରାସ୍ତାର ଭାତପଡ଼ା ପାଖରେ ଆମ୍ଭେ ଫାଇନାନ୍ସ ସଂସ୍ଥାରୁ ଆସିଛୁ ବୋଲି କହି ତାଙ୍କ ଗାଡ଼ି ଅଟକାଇଥିଲେ। ପରେ ଏହି ୩ ଯୁବକଙ୍କ ମଧ୍ୟରୁ ୨ଜଣ ସେମାନଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଦେବା ପାଇଁ ଧମକାଇଥିଲେ। ଉଭୟ ରାଜି ନ ହେବାରୁ ତାଙ୍କୁ ବନ୍ଧୁକରେ ଆକ୍ରମଣ କରି ନିକଟରୁ ଟଙ୍କା ଲୁଟିନେଇ ଦ୍ରୁତଗତିରେ କଟକ ଅଭିମୁଖେ ପଳାଇଥିଲେ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ପଦ୍ମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ସାଲେପୁର ପୋଲିସ ଏକ ମାମଲା (ନଂ-୨୩୨/୨୦)ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

## ଗଣଶିକ୍ଷା ସଚିବଙ୍କୁ ଓଏଚ୍‌ଆର୍‌ସିଙ୍କ ଜବାବ ତଲବ

ଭୁବନେଶ୍ୱର,୧୭।୭ (ବ୍ୟୁରୋ):

**ଘରୋଇ ସ୍କୁଲ୍‌ରେ ଫି' ନିର୍ଦ୍ଧାରଣ କମିଟି ରିପୋର୍ଟ ଲାଗୁ ହେଉନି**

ଘରୋଇ ସ୍କୁଲ୍‌ରେ ଫି' ନିର୍ଦ୍ଧାରଣ କମିଟି ରିପୋର୍ଟ ଲାଗୁ ସଂକ୍ରାନ୍ତ ମାମଲା ଏବେ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ବିଚାରାଧୀନ ରହିଛି। ଶୁକ୍ରବାର ଏହି ମାମଲା ଶୁଣାଣି କରି କମିଶନ ରାଜ୍ୟ ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଫି' ନିର୍ଦ୍ଧାରଣ କମିଟି ଅଧ୍ୟକ୍ଷଙ୍କୁ ଜବାବ ତଲବ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଉକ୍ତ ରିପୋର୍ଟ କାର୍ଯ୍ୟକାରିତା ସଂକ୍ରାନ୍ତରେ ଆବଶ୍ୟକ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ଅଭିଯୋଗ ଆଧାରରେ କମିଶନ ଉକ୍ତ ନୋଟିସ କରିଛନ୍ତି।

ଏ ସମ୍ପର୍କରେ ଭଟ୍ଟ କହିଛନ୍ତି, ରାଜ୍ୟରେ ଥିବା ଘରୋଇ ସ୍କୁଲ୍‌ଗୁଡ଼ିକରେ ଫି ଆଦାୟକୁ ନେଇ କିଛି ସ୍ପଷ୍ଟ ନିୟମ ଓ ନିର୍ଦ୍ଦେଶାବଳୀ କରାଯାଇନାହିଁ। ଫଳରେ ଏସବୁ ସ୍କୁଲ୍ କର୍ତ୍ତୃପକ୍ଷ ମନଇଚ୍ଛା ଫି ବୃଦ୍ଧି କରୁଛନ୍ତି। ଫଳରେ ଛୋଟବଡ଼ ସବୁ ଘରୋଇ ସ୍କୁଲ୍‌ର ଅଭିଭାବକମାନେ ଶୋଷଣର ଶିକାର ହେଉଛନ୍ତି। ଏହା ବିରୋଧରେ ଓଡିଶା ଅଭିଭାବକ ମହାସଂଘ ଦୀର୍ଘଦିନ ହେଲା ଆନ୍ଦୋଳନ କରି ଆସୁଛି। ବହୁ ବିବାଦ ପରେ ୨୦୧୮ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ବିଶେଷଜ୍ଞମାନଙ୍କୁ ନେଇ ଏକ ଫି' ନିର୍ଦ୍ଧାରଣ କମିଟି ଗଠନ କରାଯାଇ ସରକାରଙ୍କୁ ଏକ ସୁପାରିଶ ପତ୍ର ପ୍ରଦାନ କରାଯାଇଥିଲା। ଏହି କମିଟିରେ ଓଡିଶା ଅଭିଭାବକ ମହାସଂଘ ମଧ୍ୟ ଏକ ସଦସ୍ୟ ଥିଲା। ହେଲେ ପ୍ରାୟ ୨ବର୍ଷ ହେଲା ସରକାର ଏହାକୁ କାର୍ଯ୍ୟକାରୀ ନ କରି ପକାଇ ରଖିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ବି ଫଳ ମିଳୁ ନ ଥିବାରୁ ମହାସଂଘ ବାଧହୋଇ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛି। କମିଟି ରିପୋର୍ଟ ଲାଗୁ ହେଲେ ସବୁ ଘରୋଇ ସ୍କୁଲ୍‌ରେ ଫି ସମସ୍ୟାର ସମାଧାନ ହେବା ସହ ଅଭିଭାବକଙ୍କୁ ଶୋଷଣ ବନ୍ଦ ହୋଇଯିବ ବୋଲି ଅଭିଭାବକ ମହାସଂଘ ଅଧ୍ୟକ୍ଷ କହିଛନ୍ତି।

## ଘରୋଇ ଟ୍ୟୁଶନକୁ ଅନୁମତି ମିଳୁ

ପୁରୀ ଅଫିସ,୧୭।୭:

କରୋନାର ପ୍ରଭାବରେ ପ୍ରାୟ ୫ ମାସ ହେବ ସ୍କୁଲ, କଲେଜ, ଟ୍ୟୁଶନ ଆଦି ବନ୍ଦ ରହିଛି। ପାଠ ପ୍ରତି ପିଲାଙ୍କ ଆଗ୍ରହ ବି ଧୀରେ ଧୀରେ କମୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ କୋଭିଡ୍ ଗାଇଡ଼ଲାଇନ ପାଳନ ସହ କିପରି ଶିକ୍ଷାଦାନ କରିହେବ ସେ ନେଇ ସରକାର ଚିନ୍ତା କରିବା ଦରକାର। ବିଶେଷକରି ଘରୋଇ ଟ୍ୟୁଶନକୁ ଅନୁମତି ଦିଆଗଲେ ଛାତ୍ରୀଛାତ୍ର ବିଶେଷ ଉପକୃତ ହୋଇପାରିବେ ବୋଲି ଅଭିଭାବକମାନେ ମତ ରଖିଛନ୍ତି। ଶୁକ୍ରବାର ଛପନଛକ କଲ୍ୟାଣ ମଣ୍ଡପରେ ପୁରୀ ସହର ଅଭିଭାବକ ସଂଘ ପକ୍ଷରୁ ଏକ ବୈଠକ ବସି ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମସ୍ୟା ନେଇ ଆଲୋଚନା ହୋଇଥିଲା। ଅଫିସ, ଦୋକାନ ବଜାର ଖୋଲାଯିବା ଭଳି କୋଭିଡ ନିୟମ ମାନି ଘରୋଇ ଟ୍ୟୁଶନକୁ ଅନୁମତି ଦିଆଯାଉ ବୋଲି ଅଭିଭାବକମାନେ ଦାବି ରଖିଛନ୍ତି। ଏ ନେଇ ଜିଲାପାଳଙ୍କୁ ଅବଗତ କରାଯାଇଥିବାବେଳେ ଶିକ୍ଷା ବିଭାଗ ସଚିବଙ୍କ ନିକଟକୁ ପତ୍ର ପଠାଯାଇଛି। ଯଥାଶୀଘ୍ର ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ଅଭିଭାବକମାନେ କହିଛନ୍ତି। ବୈଠକରେ ସଂଘ ଅଧ୍ୟକ୍ଷ ଅନିରୁଦ୍ଧ ରାଉତ, କାର୍ଯ୍ୟକାରୀ ଅଧ୍ୟକ୍ଷ ସ୍ମିତାଞ୍ଜଳି ପତି, ଉପଦେଷ୍ଟା ସଞ୍ଜୀବ ରଥଶର୍ମା ପ୍ରମୁଖ ଉପସ୍ଥିତ ଥିବାବେଳେ ଏହାକୁ ନବକିଶୋର ପ୍ରଧାନ ପରିଚାଳନା କରିଥିଲେ।

## ରେଲୱେ ଘରୋଇକରଣକୁ ସିଟୁ ପକ୍ଷରୁ ବିରୋଧ

ପୁରୀ ଅଫିସ,୧୭।୭:

ରେଲୱେର ଘରୋଇକରଣକୁ ବିରୋଧ କରି ଶୁକ୍ରବାର ସିଟୁ ପୁରୀ ଜିଲା ପକ୍ଷରୁ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି, ରେଲୱେର ଘରୋଇକରଣ ହେଲେ ଆତ୍ମନିର୍ଭର ନୁହେଁ, ଆତ୍ମସମର୍ପଣ ହେବ। ଲକ୍ଷ ଲକ୍ଷ ଲୋକ ଚାକିରି ହରାଇବେ ଓ ପରିବହନ ସମ୍ପୂର୍ଣ୍ଣ ବ୍ୟୟବହୁଳ ହେବ। ଘରୋଇ କମ୍ପାନୀ ଟ୍ରେନ ଚଳାଇବାକୁ ଅନୁମତି ପାଇଲେ ମନଇଚ୍ଛା ଯାତ୍ରୀଭଡ଼ା ଧାର୍ଯ୍ୟ କରିବେ। ୧୫୧ ଟ୍ରେନ ମଧ୍ୟରୁ ପୁରୀ-ହାୱଡା, ପୁରୀ-ଆସାନସୋଲ, ପୁରୀ-ପ୍ରୟାଗରାଜ ଭଳି ବହୁ ଟ୍ରେନ ଘରୋଇ ହାତକୁ ଚାଲିଯିବ। ତେଣୁ ଘରୋଇକରଣକୁ ବିରୋଧ କରି ସିଟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଏହି ଅବସରରେ ଶରତ ରାୟଗୁରୁ, ଜଗନ୍ନାଥ ଦେଓ ବକ୍ତବ୍ୟ ରଖି ଦେଶର ଅର୍ଥନୀତିକୁ ପୁଞ୍ଜିପତିଙ୍କ ହାତରେ ସମର୍ପି ଦେଇଥିବା କେନ୍ଦ୍ର ସରକାରଙ୍କ ବିରୋଧରେ ଜନ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ।

## ସିଆଇଟିୟୁ ବିରୋଧରେ ମାମଲା

ଭୁବନେଶ୍ୱର,୧୭।୭(ବ୍ୟୁରୋ):

ରେଳ ଘରୋଇକରଣ ଓ ପୁଞ୍ଜି ପ୍ରତ୍ୟାହାରକୁ ବିରୋଧ କରି ସିଆଇଟିୟୁ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ କୋଭିଡ୍ କଟକଣାକୁ ଉଲ୍ଲଂଘନ କରି ବିକ୍ଷୋଭ କରାଯାଇଥିବାରୁ ସଂଘ ବିରୋଧରେ କ୍ୟାପିଟାଲ ଥାନା ପୋଲିସ ମାମଲା ରୁଜୁ କରିଛି। ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ସୂଚନା ମୁତାବକ, ସହରରେ ଧାରଣା, ଆନ୍ଦୋଳନ ଆଦି ଉପରେ ବିଏମ୍‌ସି କଟକଣା ଜାରି କରିଛି। ପୋଲିସ ପକ୍ଷରୁ ବାରଣ ସତ୍ତ୍ୱେ ସିଆଇଟିୟୁର କର୍ମକର୍ତ୍ତା ବିକ୍ଷୋଭ କରିବାରୁ ସେମାନଙ୍କ ବିରୋଧରେ ମାମଲା ହୋଇଛି। ପ୍ରକାଶ ଥାଉକି, କେନ୍ଦ୍ର ସରକାରଙ୍କ ଜନମାରଣ ଘରୋଇକରଣ ନୀତି ଓ ରେଲ୍‌ୱେ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜିପ୍ରତ୍ୟାହାରକୁ ବିରୋଧ କରି ସିଆଇଟିୟୁ ତରଫରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରତିବାଦ କରାଯାଇଥିଲା।

## ଚାନ୍ଦା ମାଗି ଖବରଦାତା, ସାମାଜିକ କର୍ମୀ ଗିରଫ

କଟକ ଅଫିସ,୧୭।୭:

ଚାନ୍ଦା ମାଗିବା ଅଭିଯୋଗରେ ଚାଉଳିଆଗଞ୍ଜ ଥାନା ପୋଲିସ ଜଣେ ଖବରଦାତା ଓ ସାମାଜିକ କର୍ମୀଙ୍କୁ ଗିରଫ କରିଛି। ଜଣେ ଯନ୍ତ୍ରୀଙ୍କୁ ଧମକାଇ ସେମାନେ ଚାନ୍ଦା ମାଗିବା ସହ ଟଙ୍କା ନ ଦେଲେ ଖବର ଛାପିଦେବେ ବୋଲି କହିଥିଲେ। ଥାନାରେ ଯନ୍ତ୍ରୀ ଜଣଙ୍କ ଅଭିଯୋଗ କରିବା ପରେ କେସ ନଂ ୧୯୭/୨୦ ଅନୁଯାୟୀ ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀ ସୁଧାଂଶୁ ମହାପାତ୍ରଙ୍କୁ ଏକ ସାପ୍ତାହିକୀର ଖବରଦାତା ମନୋଜ ସେଠ୍ କିଛି ଦିନ ହେବ ଧମକଚମକ ଦେଉଥିଲେ। ମାସିକ ୧୦ହଜାର ଟଙ୍କା ଚାନ୍ଦା ଦିଅ, ନ ହେଲେ ଖବର ଛାପିଦେବୁ ବୋଲି କହୁଥିଲେ। ଏପରିକି ଏକ ମିଥ୍ୟା ଖବର ମଧ୍ୟ ଯନ୍ତ୍ରୀଙ୍କ ନାମରେ ଛପାଇବା ସହ ଖବରକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ମନୋଜଙ୍କ ସହଯୋଗୀ ସାମାଜିକ କର୍ମୀ ଉଦୟ ସାହୁଙ୍କୁ ମଧ୍ୟ ପୋଲିସ ଗିରଫ କରିଛି।

## ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସଂସ୍କୃତି ବିଭାଗ କର୍ମଚାରୀଙ୍କ ସହାୟତା

ଭୁବନେଶ୍ୱର,୧୭।୭(ବ୍ୟୁରୋ)-

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିକାରୀ ଓ କର୍ମଚାରୀମାନେ କୋଭିଡ୍ ଲଢ଼େଇ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ ଲକ୍ଷ ୧୭ ହଜାର ୭୧୭ ଟଙ୍କା ପ୍ରଦାନ କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏ ବାବଦ ଚେକ୍ ପ୍ରଦାନ କରିଥିଲେ। ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ, ସମସ୍ତ ଏକାଡେମୀ ଓ ସଂଯୁକ୍ତ ସଂସ୍ଥାର କର୍ମଚାରୀଙ୍କ ଗୋଟିଏ ଦିନର ଦରମା ପ୍ରଦାନ କରାଯାଇଛି। ଚେକ୍ ପ୍ରଦାନ ବେଳେ ବିଭାଗୀୟ ଅତିରିକ୍ତ ସଚିବ ରାମକୃଷ୍ଣ ସାହୁ, ସଂସ୍କୃତି ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଉପସଚିବ ବିପିନ୍ ବିହାରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ରେଲୱେ ଘରୋଇକରଣକୁ ବିରୋଧ କରି ଶୁକ୍ରବାର ପୁରୀ ରେଳଷ୍ଟେଶନ ସମ୍ମୁଖରେ ସିଟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଦ୍ୱିତୀୟ ପର୍ଯ୍ୟାୟ ସେରୋ ସର୍ଭେ ଆରମ୍ଭ

ଭୁବନେଶ୍ୱର, ୧୭।୭(ବ୍ୟୁରୋ)

ଦ୍ୱିତୀୟ ପର୍ଯ୍ୟାୟ ସରୋଲୋଜିକାଲ୍ ସର୍ଭେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ କମିଶନରେଟ ପୋଲିସ, ୭ମ ବାଟାଲିୟନ, ରିଜର୍ଭ ପୋଲିସ ଆଦି ୨୩୬ କର୍ମଚାରୀଙ୍କ ନମୁନା ସଂଗ୍ରହ କରାଯାଇଥିବା ଆର୍‌ଏମ୍‌ଆର୍‌ସିର ଡ. ଦେବଦତ୍ତ ଭଟ୍ଟାଚାର୍ଯ୍ୟ କହିଛନ୍ତି। ଏହାପରେ ବିଏମ୍‌ସି, ବିଡିଏ, ଗଣମାଧ୍ୟମ ପ୍ରତିନିଧି ଏବଂ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ନିୟୋଜିତ କର୍ମଚାରୀଙ୍କ ନମୁନା ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି। ଗତ ସପ୍ତାହର ଶନିବାର, ରବିବାର ସେରୋ ଟେଷ୍ଟର ପ୍ରଥମ ପର୍ଯ୍ୟାୟକୁ ଭୁବନେଶ୍ୱରରେ ଆରମ୍ଭ କରାଯାଇଥିଲା। ଦୁଇ ଦିନରେ ୫ ଦଳ ୯୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବସ୍ତି ଓ ଗୋଷ୍ଠୀ ସଦସ୍ୟଙ୍କ ନମୁନା ସଂଗ୍ରହ କରିଥିଲା ବୋଲି ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଥିଲା।

## ଓଡ଼ିଶା ପବ୍ଲିକ୍ ଲାଇବ୍ରେରୀ ଫଣ୍ଡ୍ ସୁଦୃଢ଼ ପାଇଁ ପ୍ରୟାସ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

**ଅର୍ଥ ଦାନକଲେ ସଂସ୍କୃତି ବିଭାଗ ପ୍ରମୁଖ ସଚିବ**

ଓଡ଼ିଶା ପବ୍ଲିକ ଲାଇବ୍ରେରୀ ଲାଇବ୍ରେରୀ ଫଣ୍ଡକୁ ସୁଦୃଢ଼ ପାଇଁ ଆରମ୍ଭ ହୋଇଛି ପ୍ରୟାସ। ଏଥିପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଶୁକ୍ରବାର ଏହି ଫଣ୍ଡକୁ ବ୍ୟକ୍ତିଗତ ଭାବେ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସଂସ୍କୃତି ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ ଚାଟାର୍ଜୀ ଏହି ଅର୍ଥକୁ ଗ୍ରହଣ କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଏହି ପବ୍ଲିକ ଲାଇବ୍ରେରୀ ଫଣ୍ଡକୁ ଦାନ କରିବାରେ ପାଣିଗ୍ରାହୀ ହେଉଛନ୍ତି ପ୍ରଥମ ବ୍ୟକ୍ତି। ଏହି ଅବସରରେ ସେ କହିଛନ୍ତି, ସରକାର ପ୍ରଥମେ ପବ୍ଲିକ ଲାଇବ୍ରେରୀ ଅଧିନିୟମ-୨୦୧୧ ପ୍ରଣୟନ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୬ରେ ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଥିଲା। ଇତିମଧ୍ୟରେ ରାଜ୍ୟସ୍ତରରେ ଓଡ଼ିଶା ପବ୍ଲିକ ଲାଇବ୍ରେରୀ କାଉନ୍‌ସିଲ ଗଠନ ହୋଇସାରିଛି। ସେହିଭଳି ଜିଲାସ୍ତରରେ କମିଟି ଗଠନ କରିବା ନିମନ୍ତେ ବିଭାଗ ତରଫରୁ ଜିଲାପାଳମାନଙ୍କୁ ପତ୍ର ପଠାଯାଇଛି। ବର୍ତ୍ତମାନ ସୁଦ୍ଧା କେବଳ ୩ଟି ଜିଲାରେ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି। ଏହି ଲାଇବ୍ରେରୀ ଫଣ୍ଡ୍ ନାମରେ ଏକ କର୍ପସ ଫଣ୍ଡ୍ ଗଠନ କରାଯାଇ ପ୍ରାପ୍ତ ସୁଧ ଅର୍ଥରେ ପାଠାଗାରର ସଂସ୍ଥାପନା ପରିଚାଳନା ଓ ବିକାଶ ନିମନ୍ତେ ବିନିଯୋଗ କରାଯିବ। ଏହି ଫଣ୍ଡ୍ ପାଇଁ ବିଧାୟକ, ଏମ୍‌ପି, ପ୍ରବାସୀ ଭାରତୀୟ, କର୍ପୋରେଟ ହାଉସ, ବଦାନ୍ୟ ବ୍ୟକ୍ତିଙ୍କଠାରୁ ଦାନ ଗ୍ରହଣ କରିବାର ଏହି ଅଧିନିୟମରେ ବ୍ୟବସ୍ଥା ରହିଛି। ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ କର୍ପୋରେଟ ହାଉସଗୁଡ଼ିକ ସହଯୋଗ ଯୋଗାଇ ଦେବାକୁ ସଚିବ ଆହ୍ୱାନ ଦେଇଛନ୍ତି।

# ମହିଳା ବିରୋଧୀ ହିଂସା ରୋକିବ ସୋସିଆଲ ମିଡିଆ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ମହିଳାଙ୍କୁ ନେଇ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଗଭୀର ଅନୁଧ୍ୟାନ ଏବଂ ସମୀକ୍ଷା କରିବା ପାଇଁ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ 'ଜ୍ଞାନଶିକ୍ଷା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଆଗାମୀ ଦିନରେ ମହିଳାଙ୍କ ଲାଗି ଆହୁରି ଅଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ମହିଳା ନେତୃତ୍ୱକୁ ମଧ୍ୟ ଏଥିରେ ସାମିଲ କରାଯିବ। ଏଥିପାଇଁ ସଚେତନତା ସୃଷ୍ଟି ଲାଗି ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆର ବ୍ୟବହାର କରାଯିବ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି।

ମହିଳା ଓ ଶିଶୁବିକାଶ, ମିଶନ ଶକ୍ତି ବିଭାଗ ଏବଂ ଜାତିସଂଘ ପପୁଲେଶନ୍ ଫଣ୍ଡ(ୟୁଏନ୍‌ଏଫ୍‌ପିଏ) ପକ୍ଷରୁ ଅନ୍‌ଲାଇନ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗର୍ଗ ଏହା କହିଥିଲେ।

ମହିଳାଙ୍କ ଉପରେ ହେଉଥିବା ହିଂସା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସରକାରୀ ଅଧିକାରୀ, କ୍ଷେତ୍ର କର୍ମଚାରୀ, ସହଯୋଗୀ ସଂସ୍ଥାର ସଦସ୍ୟ ଏବଂ ବିଭାଗୀୟ ଅଧିକାରୀଙ୍କ ସମେତ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ୟୁଏନ୍‌ଏଫ୍‌ପିଏର ଜେଣ୍ଡର ବିଶେଷଜ୍ଞ ଏବଂ ଜାତୀୟ ପ୍ରଶିକ୍ଷକ ଅନୁଜା ଗୁଲାଟି ମହିଳାଙ୍କ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ମହିଳାଙ୍କ ଉପରେ ହେଉଥିବା ହିଂସା ବିଶେଷକରି ସାମାଜିକ ତାରତମ୍ୟ ବ୍ୟବସ୍ଥା କିଭଳି କ୍ଷତିକାରକ ପରିସ୍ଥିତି ସୃଷ୍ଟି କରୁଛି ତାହା ଦର୍ଶାଇଥିଲେ। ଉତ୍ତମ ଅଭ୍ୟାସ, ଆଇନ ପ୍ରଣୟନ, ଆନୁଷ୍ଠାନିକ ବ୍ୟବସ୍ଥା ଏବଂ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାରେ ମିଶନ ଶକ୍ତି ଅଧୀନରେ ଥିବା ୭୦ଲକ୍ଷ ମହିଳା ସଦସ୍ୟାଙ୍କ ବିଶାଳ ନେଟ୍‌ୱର୍କକୁ ଉପଯୋଗ କରି ମହିଳାଙ୍କ ଉପରେ ହେଉଥିବା ହିଂସା ବିରୋଧରେ ଏକ ବୃହତ୍ ସଚେତନତା ଅଣାଯାଇପାରିବ ବୋଲି ଗୁଲାଟି କହିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ସଚିବ, ଉପସଚିବ, ସମାଜକଲ୍ୟାଣ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ବିକାଶ ଅଧିକାରୀ, ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ଏବଂ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଜୁଲାଇ ୧୮/୨୦୨୦ Saturday, July 18/2020

# ସଙ୍କଟରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ

**କଟକ ଅଫିସ,୧୭।୭**

ରାଜ୍ୟ ସରକାରଙ୍କ ଏକ ଚିଠିକୁ ନେଇ ରାଜ୍ୟ କ୍ରୀଡ଼ା ଜଗତରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହା ରାଜ୍ୟର ସିନିୟର ଖେଳାଳିଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେବ ବୋଲି କିଛି କ୍ରୀଡ଼ା ବିଶେଷଜ୍ଞ କହିଛନ୍ତି। ବିଭିନ୍ନ ସ୍ପୋର୍ଟ୍ସ ହଷ୍ଟେଲର ବରିଷ୍ଠ ଅଧିକାରୀ, କୋଚ୍‌ଙ୍କ ମଧ୍ୟରେ ଭାଳେଣି ପଡ଼ିଲାଣି। ଆଗାମୀ ଦିନରେ ରାଜ୍ୟ କ୍ରୀଡ଼ାର ମୂଳଦୁଆ ନଷ୍ଟ ହୋଇପାରେ। ସ୍ପୋର୍ଟ୍ସ ହଷ୍ଟେଲ ଯଦି ନବୀକରଣ ହୁଏ, ତା'ହେଲେ ସିନିୟର ଖେଳାଳିଙ୍କୁ ବାଦ୍ ଦିଆଯିବାର ସମ୍ଭାବନା ଦେଖାଦେଇଛି। ସେଣ୍ଟର ଅଫ୍

## ଚିଠିକୁ ନେଇ ଦ୍ୱନ୍ଦ୍ୱ

- ନବୀକରଣ ହେବ ସ୍ପୋର୍ଟ୍ସ ହଷ୍ଟେଲ
- ବାଦ୍ ପଡ଼ିପାରନ୍ତି ସିନିୟର ଖେଳାଳି

ଏକ୍ସିଲେନ୍ସଗୁଡ଼ିକୁ ମୂଳପୋଛ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ ଚାଲିଛି ବୋଲି କେତେଜଣ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ସେଣ୍ଟର ଅଫ୍ ଏକ୍ସିଲେନ୍ସ ନ ରହିଲେ ରାଜ୍ୟ କ୍ରୀଡ଼ାର ସ୍ଥିତି ସଙ୍କଟଜନକ ହେବା ନିଶ୍ଚିତ ବୋଲି ସେମାନେ କହିଛନ୍ତି।

ଗତ ଜୁନ୍ ୧୮ ତାରିଖରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମସ୍ତ ସ୍ପୋର୍ଟ୍ସ ହଷ୍ଟେଲକୁ ଚିଠି(ନଂ-ଏସ୍‌ୱାଇଏସ୍-ଏସଏଚ୍-୨୨-୨୦୨୦)କରାଯାଇଛି। ଚିଠିରେ ଉଲ୍ଲେଖ ରହିଛି ଯେ, ସ୍ପୋର୍ଟ୍ସ ହଷ୍ଟେଲଗୁଡ଼ିକୁ ନବୀକରଣ କରାଯିବ। ଏହାଛଡ଼ା ହଷ୍ଟେଲରେ ରହୁଥିବା କେତେଜଣ ଅନ୍ତେବାସୀ ତଥା ଖେଳାଳି ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି କିମ୍ବା ଚଳିତବର୍ଷ ୧୦ମ ଶ୍ରେଣୀ ପରୀକ୍ଷା ଦେଇଥିଲେ, ସେମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଲିକା ପାଇଁ ଚିଠିରେ ଏକ ନିର୍ଦ୍ଦିଷ୍ଟ ଫର୍ମାଟ ମଧ୍ୟ ଦର୍ଶାଯାଇଛି। ପ୍ରାୟ ସମସ୍ତ ସ୍ପୋର୍ଟ୍ସ ହଷ୍ଟେଲ ନିଜର ତାଲିକା ପ୍ରସ୍ତୁତ କରି ସାରିଲେଣି। କିଛି ବରିଷ୍ଠ କ୍ରୀଡ଼ା ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ଉଦୀୟମାନ ଖେଳାଳିଙ୍କ ପ୍ରତିଭାକୁ ବଳି ଦିଆଯିବ। ୧୬ବର୍ଷରୁ ଅଧିକ ବୟସ ଖେଳାଳିଙ୍କୁ ବାଦ୍ ଦେବା ପାଇଁ ଯୋଜନା ଆରମ୍ଭ ହୋଇଛି। ଏହି ବୟସରେ ହିଁ ଖେଳାଳିମାନେ ଅଧିକ ପରିଶ୍ରମ କରନ୍ତି ଓ ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ଖେଳିବା ପାଇଁ ପ୍ରସ୍ତୁତ ହୁଅନ୍ତି। ନବୀକରଣର ଉଦ୍ଦେଶ୍ୟକୁ ନେଇ ଯେଉଁ ଦ୍ୱନ୍ଦ୍ୱ ଉପୁଜିଛି ତାହା ଦୂର କରାଯିବା ଉଚିତ ବୋଲି ଅଧିକାରୀମାନେ କହିଛନ୍ତି।

### ସେଣ୍ଟର ଅଫ୍ ଏକ୍ସିଲେନ୍ସ ସମ୍ପର୍କରେ

ରାଜ୍ୟର କିଛି ନିର୍ଦ୍ଦିଷ୍ଟ ସ୍ପୋର୍ଟ୍ସ ହଷ୍ଟେଲକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ସିଙ୍ଗଲ୍ସ କିମ୍ବା ଦଳଗତ ଇଭେଣ୍ଟରେ ଯେଉଁ ଖେଳାଳି ଜାତୀୟ ଟୁର୍ନାମେଣ୍ଟରେ ପ୍ରଥମରୁ ୬ଷ୍ଠ ସ୍ଥାନ ମଧ୍ୟରେ ରହିଥିବେ, ଏହି ଖେଳାଳି ଏକ୍ସିଲେନ୍ସରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଖେଳାଳିଙ୍କ ବୟସ ୧୫ରୁ ୧୮ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଅନ୍ୟ କିଛି ସେଣ୍ଟରରେ ଖେଳାଳିଙ୍କ ବୟସ ୨୦ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇଛି। ସାଧାରଣତଃ ସ୍ପୋର୍ଟ୍ସ ହଷ୍ଟେଲରେ ୧୦ରୁ ୧୪ବର୍ଷର ଖେଳାଳିଙ୍କୁ ବଛାଯାଇ ନିଆଯାଇଥାଏ। ହକି, ଆଥ୍‌ଲେଟ, ଫୁଟ୍‌ବଲ ଓ ଭାରୋତ୍ତୋଳନର କ୍ରୀଡ଼ାବିତଙ୍କୁ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଏବେ ସ୍ଥାନ ମିଳିଛି । ଚିଠି ଅନୁଯାୟୀ, ପଦକ୍ଷେପ ଗ୍ରହଣ କରାଗଲେ ଏହି ଖେଳର ଉଦୀୟମାନ ପ୍ରତିଭା ବିଶେଷଭାବେ ପ୍ରଭାବିତ ହେବେ ବୋଲି କୁହାଯାଉଛି।

### ବିକଳ୍ପକୁ ନେଇ ପ୍ରଶ୍ନ

ଜଣେ କ୍ରୀଡ଼ା ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ, ରାଜ୍ୟ ସରକାର ଏକ ବଡ଼ଧରଣର ଯୋଜନା ରହିଛି। ଏହାଦ୍ୱାରା ଗ୍ରାସ୍‌ରୁଟ୍ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। କମ୍ ବୟସର ଖେଳାଳିଙ୍କୁ ସରକାର ଗୁରୁତ୍ୱ ଦେବାକୁ ଚେଷ୍ଟା କରୁଛନ୍ତି। ଯଦି କେବଳ କମ୍ ବୟସର ଖେଳାଳିଙ୍କୁ ପ୍ରାଧାନ୍ୟ ଦିଆଯାଇ ସିନିୟରଙ୍କୁ ହଷ୍ଟେଲରୁ ବିତାଡ଼ିତ କରାଯିବ। ତା'ହେଲେ ଆଗାମୀ ଦିନରେ ରାଜ୍ୟ ଦଳ ଗଠନରେ ଅନେକ ସମସ୍ୟା ସାମ୍ନାକୁ ଆସିବ ବୋଲି ସେ କହିଥିଲେ ।

# ସିବ୍‌ଲେ, ଷ୍ଟୋକ୍ସଙ୍କ ଶତକ



ରିଭର୍ସ ସୁଇପ୍ ଶଟ୍ ଖେଳୁଛନ୍ତି ବେନ୍ ଷ୍ଟୋକ୍ସ।

## ଦ୍ୱିତୀୟ ଟେଷ୍ଟ

**ମାଞ୍ଚେଷ୍ଟର,୧୭।୭(ପି.ଟି.):** ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ବୃହତ୍ ସ୍କୋର ଅଭିମୁଖେ ଅଗ୍ରସର ହେଉଛି। ଇଂଲଣ୍ଡ ଶୁକ୍ରବାର ଦ୍ୱିତୀୟ ଦିବସ ଚା' ପାନ ବିରତି ସୁଦ୍ଧା ୧୩୯ ଓଭରରେ ୫ ଉଇକେଟ ହରାଇ ୩୭୮ ରନ ସଂଗ୍ରହ କରିଛି। ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ୧୭୨ ରନର ଶତକୀୟ ପାଳି ଖେଳି ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ୧୨ ରନ କରି ବ୍ୟାଟିଂ ଜାରି ରଖିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୭/୩ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଦୁଇ ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଷ୍ଟୋକ୍ସ ଓ ଡୋମିନିକ୍ ସିବ୍‌ଲେ ଇନିଂସ ଆରମ୍ଭ କରି ଜଣକ ପରେ ଜଣେ ଶତକ ହାସଲ କରିଥିଲେ। ଷ୍ଟୋକ୍ସଙ୍କର ଏହା ୧୦ମ ଟେଷ୍ଟ ଶତକ। ୮୬ ରନରୁ ଖେଳ ଆରମ୍ଭ କରି ସିବ୍‌ଲେ ୧୨୦ ରନର ଶତକୀୟ ପାଳି ଖେଳି ରୋଷ୍ଟନ ଚେଜ୍‌ଙ୍କ ବଲ୍‌ରେ କେମର ରୋଚଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ସେହିପରି ଷ୍ଟୋକ୍ସ ୫୯ରନରୁ ଖେଳ ଆରମ୍ଭ କରିଥିଲେ। ଏହା ପରେ ଓଲି ୭ ରନ କରି ଚେଜ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ପୂର୍ବରୁ ପ୍ରଥମ ଦିବସରେ ଓପନର ରୋରି ବର୍ନ୍ସ ୧୫, ଅଧିନାୟକ ଜୋ ରୁଟ୍ ୨୩ ରନ କରି ଆଉଟ ହୋଇଥିବା ବେଳେ ଜ୍ୟାକ୍ କ୍ରଲି ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଚେଜ୍ ୪ ଓ ଅଲଜାରି ଜୋଶେଫ୍ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ପୂର୍ବରୁ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ପରାସ୍ତ ହୋଇ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ୧-୦ରେ ପଛରେ ପଡ଼ିଛି।

# ଓଡ଼ିଶାକୁ ଏଆଇଏଫ୍‌ଏଫ୍‌ର ପ୍ରଶଂସା

**ନୂଆଦିଲ୍ଲୀ,୧୭।୭:** ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ ଓ ଅନ୍ୟ ଖେଳାଳିମାନେ ଓଡ଼ିଶା ସରାକାରଙ୍କର ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ଫୁଟବଲକୁ ସମର୍ଥନ ଓ ଏହାର ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ କୁଶାଲ ଓଡ଼ିଶାକୁ କୃତଜ୍ଞତା ଜଣାଇଛନ୍ତି। ୨୦୧୮ରେ ଏଆଇଏଫ୍‌ଏଫ୍ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହାପରେ ରାଜ୍ୟ ସରାକାର ଫୁଟବଲର ବିକାଶ ପାଇଁ ସବୁକିଛି କରିବାକୁ ପ୍ରୟାସ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ଦଳ, ଇଣ୍ଡିଆନ ଆରୋଜ୍, ସିନିୟର ମହିଳା ଦଳର ଆୟୋଜକ ଭାବେ ଓଡ଼ିଶା ତା'ର ସବୁ ଦାୟିତ୍ୱ ତୁଲାଇଥିଲା। ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଯୋଗାଇବାରେ ରାଜ୍ୟ ସରକାର କୌଣସି ହେଳା କରିନାହାନ୍ତି। ହିରୋ ଆଇ-ଲିଗ୍‌ର ୨୦୧୮-୧୯ ସେସନରେ ଇଣ୍ଡିଆନ ଆରୋଜ୍ ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ହୋମ୍ ଭେନ୍ୟୁ ଥିଲା। ଗତ ବର୍ଷ ଫେବୃୟାରୀରେ କଳିଙ୍ଗ ଷ୍ଟାଡିୟମ ହିରୋ ସୁପର କପ୍, ହିରୋ ଗୋଲ୍ଡ କପ୍‌ର ଦୁଇଟି ଯାକ ସଂସ୍କରଣ ଆୟୋଜନ କରିଥିଲା। ଓଡ଼ିଶା କ୍ରୀଡ଼ା ସହିତ ସହଭାଗିତା ବେଶ୍ କାମ ଦେଇଛି ଓ ଏହା ଭାରତୀୟ କ୍ରୀଡ଼ାକୁ ଆହୁରି ଦୃଢ଼ କରିବାରେ ସହାୟକ ହୋଇଛି। ଏହି ବହୁମୂଲ୍ୟ ସମର୍ଥନ ପାଇଁ କୁଶାଲ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**କ୍ରୀଡ଼ାକୁ ପ୍ରାଧାନ୍ୟ**

କ୍ରୀଡ଼ାକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ କୁମାର ଦେବ କହିଛନ୍ତି। କ୍ରୀଡ଼ା ସବୁବେଳେ ସରକାରଙ୍କ ପ୍ରଥମ ପସନ୍ଦ ହୋଇ ରହିବ ବୋଲି ସେ କହିଛନ୍ତି। ଓଡ଼ିଶା ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ଫର ନ୍ୟାଶନାଲ ୟୁଥ୍ ଟିମ୍ସ ଓଡ଼ିଶା ସରକାର ଓ ଏଆଇଏଫ୍‌ଏଫ୍ ମଧ୍ୟରେ ଥିବା ଦୂରଦୃଷ୍ଟିକୁ ସୂଚାଉଛି। ରାଜ୍ୟ ଓ ସାରା ଦେଶରେ ଫୁଟବଲକୁ ତୃଣମୂଳ ସ୍ତରରେ ଆହୁରି ଦୃଢ଼ କରିବାକୁ ସରକାର ଓ ଏଆଇଏଫ୍‌ଏଫ୍ ବଦ୍ଧ ପରିକର।

# ସ୍ପାନିଶ୍ ଲିଗ୍ ଟାଇଟଲ ଜିତିଲା ରିୟଲ ମାଡ୍ରିଡ୍



ସ୍ପାନିଶ୍ ଲିଗ୍ ଟାଇଟଲ ଜିତିବା ପରେ ରିୟଲ ମାଡ୍ରିଡ୍ ଖେଳାଳି କୋଚ୍ ଜିନେଡିନ ଜିଡାନଙ୍କ ସହ ଖୁସି ମନାଉଛନ୍ତି।

**ମାଡ୍ରିଡ୍,୧୭।୭(ଏପି):** ରିୟଲ ମାଡ୍ରିଡ୍ ଆଉଏକ ବଡ଼ ସଫଳତା ହାସଲ କରିଛି। ମାଡ୍ରିଡ୍ ଏଥର ଜଣାଶୁଣା ସ୍ପାନିଶ ଲିଗ୍ ଲିଗ୍ ଲା ଲିଗା ଟାଇଟଲ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ମାଡ୍ରିଡ୍ ୨-୧ ଗୋଲରେ ଭିଲାରିୟଲକୁ ପରାସ୍ତ କରିଛି। ଫଳରେ ଆଉ ଗୋଟଏ ମ୍ୟାଚ୍ ବାକିଥାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଏଥିସହିତ ମାଡ୍ରିଡ୍ ତା'ର ୩୪ତମ ସ୍ପାନିଶ ଲିଗ୍ ଟାଇଟଲ ଜିତିଛି। ତେବେ ଗତ ୩ ବର୍ଷ ମଧ୍ୟ ମାଡ୍ରିଡ୍ ପ୍ରଥମଥର ପାଇଁ ଏହି ଟାଇଟଲ ଜିତିଛି। ପୂର୍ବରୁ ଶେଷଥର ପାଇଁ ମାଡ୍ରିଡ୍ ୨୦୧୭ରେ ଏହି ଟାଇଟଲ ଜିତିଥିଲା। ସେହପରି ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ବାର୍ସିଲୋନା ଓସାଉସୁନାଠାରୁ ୨-୧ ଗୋଲରେ ପରାସ୍ତ ହୋଇଛି। ଫଳରେ ବାର୍ସିଲୋନାର ଟାଇଟଲ ଆଶା ଧୂଳିସାତ୍ ହୋଇଛି। ଆଉ ଗୋଟିଏ ରାଉଣ୍ଡ ମ୍ୟାଚ୍ ବାକିଥିଲେ ମଧ୍ୟ ୭ ପଏଣ୍ଟ ବ୍ୟବଧାନରେ ମାଡ୍ରିଡ୍‌କୁ ବିଜୟ ମୁକୁଟ ମିଳିଛି।

ମାଡ୍ରିଡ୍ ଏପର୍ଯ୍ୟନ୍ତ ୩୭ଟି ମ୍ୟାଚ୍ ଖେଳି ୨୬ ବିଜୟ, ୮ ଡ୍ର ଓ ୩ ପରାଜୟ ସହ ୮୬ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ବାର୍ସିଲୋନା ୩୭ ମ୍ୟାଚ୍ ଖେଳି ୨୪ ବିଜୟ, ୭ ଡ୍ର ଓ ୬ ପରାଜୟ ସହ ୭୯ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଆଟଲେଟିକୋ ମାଡ୍ରିଡ୍ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୧୮ ବିଜୟ, ୧୫ ଡ୍ର ଓ ୪ ପରାଜୟ ସହ ୬୯ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ମାଡ୍ରିଡ୍ ତରଫରୁ କରିମ୍ ବେଞ୍ଜେମା ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ୨୯ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ୭୭ ମିନିଟ୍‌ରେ ପେନାଲ୍ଟି ଜରିଆରେ ସେ ଦ୍ୱିତୀୟ ଗୋଲ ପ୍ରଦାନ କରିଥିଲେ। ଅପରପକ୍ଷରେ ଭିଲାରିୟଲ ତରଫରୁ ଭିସେଣ୍ଟ ଇବୋରା ଗୋଟିଏ ଗୋଲ ସ୍କୋର କରିଥିଲେ। ଏହି ସଫଳତା ପାଇଁ ମାଡ୍ରିଡ୍‌କୁ ବାର୍ସିଲୋନ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ମାଡ୍ରିଡ୍‌ର ଏହି ବିଜୟ କୋଚ୍ ତଥା ପୂର୍ବତନ ଫ୍ରାନ୍ସ ଫୁଟବଲର ଜିନେଡିନ ଜିଡାନଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖୁଛି।

# ଭାରତ ପ୍ରଥମେ ନ୍ୟୁଜିଲାଣ୍ଡକୁ ଭେଟିବ

## ଅଲିମ୍ପିକ୍ ହକି

**ଲାଉସାନେ, ୧୭।୭ (ପି.ଟି.):** ଟୋକିଓ ଅଲିମ୍ପିକ୍ସରେ ଆସନ୍ତା ବର୍ଷ ଜୁଲାଇ ୨୪ରେ ଭାରତୀୟ ପୁରୁଷ ହକି ଦଳ ଏହାର ପ୍ରଥମ ମ୍ୟାଚ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଅନ୍ୟପକ୍ଷରେ ସେହିଦିନ ମହିଳା ଦଳ ଶକ୍ତିଶାଳୀ ନେଦରଲାଣ୍ଡ୍ସକୁ ଭେଟିବ। ୮ଥର ଚାମ୍ପିୟନ ଭାରତ କଷ୍ଟସାଧ୍ୟ ପୁଲ୍-ଏ'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ସ୍ପେନ, ନ୍ୟୁଜିଲାଣ୍ଡ ଏବଂ ଆୟୋଜକ ଜାପାନ ସହ ସ୍ଥାନ ପାଇଛି। ପୁଲ୍-ବି'ରେ ବେଲଜିୟମ, ନେଦରଲାଣ୍ଡ୍ସ, ଜର୍ମାନୀ, ଗ୍ରେଟ୍‌ବ୍ରିଟେନ, କାନାଡା ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି। ୧୯୮୦ରେ ଏହାର ୮ମ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ଦଳ ଜୁଲାଇ ୨୫ରେ ଅଷ୍ଟ୍ରେଲିଆକୁ ଭେଟିବ। ଦଳ ଏହାର ପରବର୍ତ୍ତୀ ମ୍ୟାଚଗୁଡ଼ିକ ଯଥାକ୍ରମେ ସ୍ପେନ (ଜୁଲାଇ ୧୭), ଗତଥର ଚାମ୍ପିୟନ ଆର୍ଜେଣ୍ଟିନା (ଜୁଲାଇ ୨୯) ଓ ଜାପାନ (ଜୁଲାଇ ୩୦)କୁ ଭେଟିବ। ସେହିପରି ମହିଳା ପ୍ରତିଯୋଗିତାରେ ଭାରତ ପୁଲ୍-ଏ'ରେ ନେଦରଲାଣ୍ଡ୍ସ, ଜର୍ମାନୀ, ଗ୍ରେଟ୍‌ବ୍ରିଟେନ, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ରହିଛି। ଅନ୍ୟପକ୍ଷରେ ପୁଲ୍-ବି'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ସ୍ପେନ, ଚାଇନା ଓ ଜାପାନ ସ୍ଥାନ ପାଇଛନ୍ତି। ମହିଳା ଦଳ ଜୁଲାଇ ୨୪ରେ ଏହାର ଓପନିଂ ମ୍ୟାଚ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବା ପରେ ଯଥାକ୍ରମେ ଜର୍ମାନୀ (ଜୁଲାଇ ୨୬), ଗ୍ରେଟ୍‌ବ୍ରିଟେନ (ଜୁଲାଇ ୨୮), ଆର୍ଜେଣ୍ଟିନା (ଜୁଲାଇ ୨୯) ଓ ଜାପାନ (ଜୁଲାଇ ୩୦)କୁ ଭେଟିବ।













40
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ